
ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୦୨ ଜାନୁଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 02 JANUARY 2026

Vol.No. 36 ■ No.02 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ସ୍ୱିଜରଲ୍ୟାଣ୍ଡରେ ନୂଆବର୍ଷ ପାଳନବେଳେ ବଡ଼ ଧରଣର ବିସ୍ଫୋରଣ: ୪୦ମୃତ, ୧୦୦ଆହତ





ନୂଆଦିଲ୍ଲୀ,୧/୧ : ବର୍ଷ ଆରମ୍ଭରୁ ଆସିଲା ବିସ୍ଫୋରଣର ଖବର। ସ୍ୱିଜରଲ୍ୟାଣ୍ଡରେ ନୂଆବର୍ଷ ପାଳନ କରୁଥିବା ବେଳେ ଏକ ବାରରେ ବିସ୍ଫୋରଣ ହୋଇଥିବା ଜଣାପଡ଼ିଛି। ଏହି ବିସ୍ଫୋରଣରେ ୪୦ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ବିସ୍ଫୋରଣଟି ଏକ ବାରରେ ହୋଇଥିବା ବେଳେ ଭିତରେ ଥିବା ୧୦୦ରୁ ଅଧିକ ଲୋକ ଗୁରୁତର ଆହତ ହୋଇଥିବା ସାମ୍ନାକୁ ଆସିଛି। ସ୍ୱିଜରଲ୍ୟାଣ୍ଡ ପୁଲିସ କହିଛି ଯେ, ଏହି ବିସ୍ଫୋରଣ ସ୍ୱିଜରଲ୍ୟାଣ୍ଡର କ୍ରାନ୍ସ ମୋଣ୍ଟାନା ସହରରେ ଘଟିଥିଲା। ଘଟଣା ଘଟିବା ପରେ ଏବେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ହସ୍ପିଟାଲକୁ ନେବା ଆରମ୍ଭ କରିଥିଲା। ଏହା ସହିତ ଉଦ୍ଧାର କାମ ଆରମ୍ଭ ହୋଇଥିଲା। କୁହାଯାଉଛି ଯେ, ବାରରେ ନୂତନ ବର୍ଷର ପାଳନ ପାଇଁ ଲୋକେ ପାର୍ଟି କରିବାକୁ ବାରରେ ପହଞ୍ଚିଥିଲେ। ବିସ୍ଫୋରଣ ଘଟିବା ବେଳେ ଏକାଧିକ ଲୋକ ବାର୍ ଭିତରେ ଥିଲେ। ଏପର୍ଯ୍ୟନ୍ତ ୪୦ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୦୦ରୁ ଅଧିକ ଆହତ ହୋଇଛି। ଏପର୍ଯ୍ୟନ୍ତ ବିସ୍ଫୋରଣ ପଛର କାରଣ ଜଣାପଡ଼ିନାହିଁ। କୌଣସି ଆତଙ୍କବାଦୀ ସଂସ୍ଥା ଏହି ବିସ୍ଫୋରଣ କରିଥିବା ନେଇ ମଧ ଆଶଙ୍କା କରାଯାଉନାହିଁ। ଡିସେମ୍ବର ୨୦୨୫ରେ ଗୋଆର ଏକ ନାଇଟ୍ କ୍ଲବରେ ନିଆଁ ଲାଗିବା ଘଟଣା ସାମ୍ନାକୁ ଆସିଥିଲା। ଉତ୍ତର ଗୋଆର ପର୍ଯ୍ୟଟନ କେନ୍ଦ୍ର ଅର୍ପୋରାସ୍ଥିତ ଲୋକପ୍ରିୟ ନାଇଟ୍ କ୍ଲବ୍ 'ବର୍ଚ ବାଏ ରୋମିଓ ଲେନ୍'ରେ ଗତରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୬ ଜଣ ଗୁରୁତର ଆହତ ହୋଇଥିଲେ। ରାତି ପ୍ରାୟ ୧ଟା ୫ ମିନିଟ୍ ସମୟରେ କ୍ଲବ୍‌ର ଦ୍ୱିତୀୟ ମହଲାରେ ହଠାତ୍ ନିଆଁ ଲାଗିବା ସହ କିଛି ସେକେଣ୍ଡ୍ ମଧ୍ୟରେ ସମଗ୍ର କ୍ଲବ୍ ନିଆଁର ବଳୟ ଭିତରକୁ ଆସିଯାଇଥିଲା। ବେସ୍‌ମେଣ୍ଟ୍ ଓ ଗ୍ରାଉଣ୍ଡ ଫ୍ଲୋରରେ ଥିବା ଲୋକେ ନିଆଁ ଓ ଧୂଆଁରେ ଫସି ରହିଯାଇଥିଲେ।

## ଓଡ଼ିଶା ଆସିବେ ପ୍ରିୟଙ୍କା ଗାନ୍ଧୀ ଭଦ୍ରା: ରାଜ୍ୟରେ ବଡ଼ ମହିଳା ସମାବେଶକୁ କରିବେ ସମ୍ବୋଧନ



ଭୁବନେଶ୍ୱର, ୧/୧ (ନି.ପ୍ର): ଓଡ଼ିଶା ଆସିବେ ପ୍ରିୟଙ୍କା ଗାନ୍ଧୀ । ରାଜ୍ୟରେ ବଡ଼ ମହିଳା ସମାବେଶକୁ ସମ୍ବୋଧନ କରିବେ ପ୍ରିୟଙ୍କା ଗାନ୍ଧୀ । ପିସିସି ସଭାପତି ଭକ୍ତ ଦାସ ଏନେଇ ସୂଚନା ଦେଇଛନ୍ତି । ୧୦ଟି ଜିଲ୍ଲାରେ କଂଗ୍ରେସ ବଡ଼ ସମାବେଶ କରିବ । ଏହାସହ ରାହୁଲଙ୍କୁ ଓଡ଼ିଶା ଆଣି ଆଉ ଏକ ସମାବେଶ କରିବାକୁ ଚାଲିଛି ଯୋଜନା । ଆଗକୁ ସରକାର ସହ ୩ଗୁଣା ସଂଘର୍ଷ କରିବ କଂଗ୍ରେସ ବୋଲି କହିଛନ୍ତି ପିସିସି ସଭାପତି ଭକ୍ତ ଦାସ । ସେପଟେ ୨୦୨୬ ରାଜ୍ୟ ରାଜନୀତି ଦେଖିବ ଅନେକ ସମୀକରଣ । ତିନି ପ୍ରମୁଖ ଦଳ ବିଜେପି, ବିଜେଡି ଓ କଂଗ୍ରେସ ପାଇଁ ଚ୍ୟାଲେଞ୍ଜଭରା ରହିବ । କାରଣ ନୂଆବର୍ଷ ପ୍ରାରମ୍ଭରୁ ରାଜ୍ୟସଭା ନିର୍ବାଚନର ଅନେକ ହଟଚମଟ ଦେଖିବେ ରାଜ୍ୟବାସୀ । ସରିଲା ବର୍ଷ ୨୦୨୫ । ହେଲେ ରାଜନୈତିକ ଦୃଷ୍ଟିକୋଣରୁ ବେଶ୍ ଚର୍ଚ୍ଚିତ ଘଟଣାବହୁଳ, ରୋମାଞ୍ଚକର ଥିଲା ଏ ବର୍ଷ । ଓଡ଼ିଶା ରାଜନୀତି ଦେଖିଥିଲା ଅନେକ ଉତଥାନ ପତନ ଓ ପଟ୍ଟ ପରିବର୍ତ୍ତନ । ଅନେକ ହେଭିୱେଟଙ୍କ ଦଳ ଡିଆଁ । ରାଜନୈତିକ ଗୋଷ୍ଠୀ କନ୍ଦଳ ଓ ଆମଦାନୀ ନେତାଙ୍କୁ ଆଣି ଶକ୍ତି ବଢ଼ାଇଥିଲେ ରାଜନୈତିକ ଦଳ । ହେଲେ ନୂଆବର୍ଷ ୨୦୨୬, ବିଜେପି, ବିଜେଡି ଓ କଂଗ୍ରେସ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ ରହିବ । କାରଣ ଏହି ବର୍ଷରେ ବହୁତ କିଛି ଘଟଣା ଘଟିବାକୁ ବାକି ରହିଛି । ଏପ୍ରିଲରେ ସରିବ ୪ ରାଜ୍ୟସଭା ସାଂସଦଙ୍କ କାର୍ଯ୍ୟକାଳ । ସଂଖ୍ୟା ଦୃଷ୍ଟିରୁ ୨ଟି ବିଜେପି, ଗୋଟିଏ ବିଜେଡି । ଅନ୍ୟଟିକୁ ନେଇ ରାଜନୈତିକ ହଟଚମଟ ଜାରି ରହିବ । କାରଣ ବିଜେଡିରେ ଯେଉଁ ଅସନ୍ତୋଷ ରହିଛି, ତାହା ନିର୍ବାଚନରେ ପ୍ରତିଫଳନ ହୋଇପାରେ ।

## ଆଇଏଏସ୍ ସ୍ତରରେ ବଡ଼ ଧରଣର ଅଦଳ ବଦଳ

ଭୁବନେଶ୍ୱର, ୧/୧ (ନି.ପ୍ର): ବର୍ଷ ଆରମ୍ଭରୁ ରାଜ୍ୟ ସରକାର ଆଇଏଏସ ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି । ଏହି କ୍ରମରେ ଦେଓରଂଜନ ସିଂଙ୍କୁ ଉନ୍ନୟନ କମିସନର ଭାବେ ନିଯୁକ୍ତି ମିଳିଛି । ସତ୍ୟବ୍ରତ ସାହୁଙ୍କୁ ମେମ୍ବର, ବୋର୍ଡ ଅଫ୍ ରେଭିନ୍ୟୁ। ଜଙ୍ଗଲ ଓ ପରିବେଶ ବିଭାଗର ସଚିବ ଭାବେ ଦାୟିତ୍ୱ ନେଲେ ଭାସ୍କର ଜ୍ୟୋତି ଶର୍ମା । ହେମନ୍ତ ଶର୍ମାଙ୍କୁ ଗୃହ ସଚିବ ଦାୟିତ୍ୱ । ଜଳ ସମ୍ପଦ ବିଭାଗର ସଚିବ ଭାବେ ଶୁଭା ଶର୍ମାଙ୍କୁ ଦାୟିତ୍ୱ । ଓସଡମାର ପରିଚାଳନା ନିର୍ଦ୍ଦେଶକ ହେଲେ ରାଜେଶ ପ୍ରଭାକର ପାଟିଲ । ମଧୁମିତ ରଥଙ୍କୁ ନୟାଗଡ଼ ଜିଲ୍ଲାପାଳ ଦାୟିତ୍ୱ । ଗଜପତି ଜିଲ୍ଲାପାଳ ଭାବେ ଅକ୍ଷୟ ସୁନୀଲଙ୍କୁ ଦାୟିତ୍ୱ ।

## ରାଜଧାନୀରେ ମଦର ମାହୋଲ: ୭ ଦିନରେ ୩୨ କୋଟି ଟଙ୍କାର ମଦ ପିଇଲେ ଭୁବନେଶ୍ୱରବାସୀ

ଭୁବନେଶ୍ୱର, ୧/୧ (ନି.ପ୍ର): ନୂଆବର୍ଷ ସ୍ୱାଗତ ଉତ୍ସବକୁ ନେଇ ସାରା ରାଜଧାନୀ ଚଳଚଞ୍ଚଳ ଥିବାବେଳେ, ମଦ ବିକ୍ରି କ୍ଷେତ୍ରରେ ଏକ ନୂଆ ରେକର୍ଡ ସୃଷ୍ଟି ହୋଇଛି। ଅବକାରୀ ବିଭାଗର ସୂଚନା ଅନୁଯାୟୀ, ବର୍ଷର ଶେଷ ସାତ ଦିନ ଅର୍ଥାତ୍ ବଡ଼ଦିନ (ଡିସେମ୍ବର ୨୫) ଠାରୁ 'ଜିରୋ ନାଇଟ୍' (ଡିସେମ୍ବର ୩୧) ମଧ୍ୟରେ ରାଜଧାନୀବାସୀ ପ୍ରାୟ ୩୨ କୋଟି ଟଙ୍କାର ମଦ ପିଇଛନ୍ତି। ଏହି ସମୟରେ ପ୍ରାୟ ୨.୫ ଲକ୍ଷ ଲିଟର ବିଦେଶୀ ମଦ ବିକ୍ରି ହୋଇଛି। ବିଦେଶୀ ମଦ ସହ ତାଳ ଦେଇ ପ୍ରାୟ ୧.୫ ଲକ୍ଷ ଲିଟର ଦେଶୀ ମଦ ମଧ ବିକ୍ରି ହୋଇଥିବା ଜଣାପଡ଼ିଛି।ଏହା ବ୍ୟତୀତ ଯୁବପିଢ଼ିଙ୍କ ମଧ୍ୟରେ ବିୟରର ଚାହିଦା ବେଶ୍ ଅଧିକ ରହିଥିଲା। ଏହି ସମୟ ମଧ୍ୟରେ ପ୍ରାୟ ୧ ଲକ୍ଷ ୭୮ ହଜାର ଲିଟର ବିୟର୍ ବିକ୍ରି ହୋଇଛି। ଉତ୍ସବର ମାହୋଲ ଯୋଗୁଁ ସହରର ବିଭିନ୍ନ କ୍ଲବ୍, ପବ୍, ଏବଂ ଅଫ୍-ସପ୍ ଗୁଡ଼ିକରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ବିଶେଷ କରି ଜିରୋ ନାଇଟ୍ ସେଲିବ୍ରେସନ୍ ପାଇଁ ମଦର ଚାହିଦା ଆକାଶଛୁଆଁ ହୋଇଥିଲା। ଟିକସ ଆଦାୟ ଏବଂ ରାଜସ୍ୱ ଦୃଷ୍ଟିକୋଣରୁ ଅବକାରୀ ବିଭାଗ ପାଇଁ ଏହା ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଉଛି।

## ନୂଆବର୍ଷରେ ପ୍ରଶାସକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ୧୫ ସୂତ୍ରୀ ନିର୍ଦ୍ଦେଶାବଳୀ: ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର, ୧/୧ (ନି.ପ୍ର): ନୂଆବର୍ଷ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ଓ ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ୧୫ ସୂତ୍ରୀ ନିର୍ଦ୍ଦେଶାବଳୀ ଦେଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀଙ୍କ ନୂଆ ଆଭିମୁଖ୍ୟ। ପ୍ରଶାସନକୁ ଅଧିକ କ୍ରିୟାଶୀଳ କରିବାକୁ ଗୁରୁତ୍ୱ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟ ଶାସନ ସଚିବଙ୍କୁ ୧୫ ସୂତ୍ରୀ ନିର୍ଦ୍ଦେଶାବଳୀ ପ୍ରଦାନ କରିଛନ୍ତି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ, ଓଡ଼ିଶାକୁ ଶ୍ରେଷ୍ଠ ୫ଟି ବିକଶିତ ରାଜ୍ୟରେ ଆଣିବାକୁ ଯୋଜନା, ରାଜ୍ୟକୁ ଏକ 'ମିଶ୍ରିତ ଅର୍ଥନୀତି' ଆଡ଼କୁ ନେବାପାଇଁ ଲକ୍ଷ୍ୟ, ଜ୍ଞାନ-ପରିଚାଳିତ ଶିକ୍ଷା, ସେବା କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ଶିଳ୍ପାୟନର ଦ୍ରୁତ ବିକାଶ ପାଇଁ ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ପ୍ରକ୍ରିୟାକୁ ଫାଷ୍ଟଟ୍ରାକ କରିବାକୁ ନିର୍ଦ୍ଦେଶାବଳୀରେ ଗୁରୁତ୍ୱ ଦିଆଯାଇଛି। ଆସନ୍ତା ୨ବର୍ଷରେ ଖାଲିଥିବା ପଦ ପଦବୀ ପୂରଣ ହେବ, ଦକ୍ଷ ଏବଂ ପ୍ରଶିକ୍ଷିତ ଅଧିକାରୀଙ୍କ ସେବା ଉପରେ ଗୁରୁତ୍ୱ, ଦୁର୍ନୀତିଗ୍ରସ୍ତ, ଅପାରଗ, ଦାୟିତ୍ୱହୀନ ଅଧିକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ, ଏପରିକି ବାଧ୍ୟତାମୂଳକ ସେବା ନିବୃତ୍ତ କରିବା ପାଇଁ ନିର୍ଦ୍ଦେଶ, ପ୍ରକଳ୍ପର ସଫଳ ରୂପାୟନ ପାଇଁ ସମୀକ୍ଷା ଓ ମୂଲ୍ୟାୟନକୁ ଗୁରୁତ୍ୱ, ସରକାରୀ କାର୍ଯ୍ୟ, ନୋଟିସ, ବିଜ୍ଞପ୍ତି, ଚିଠି ଓଡ଼ିଆ ଭାଷାରେ କରିବାକୁ ନିର୍ଦ୍ଦେଶ, ଲୋକଙ୍କ ଅଭିଯୋଗ ଶୁଣାଣି ଗୁରୁତ୍ୱର ସହିତ ବିଚାର କରିବେ, ସମାଧାନ ପାଇଁ ସବୁସ୍ତରର ଅଧିକାରୀ କ୍ଷେତ୍ର ପରିଦର୍ଶନ କରିବେ, କ୍ଷେତ୍ର ପରିଦର୍ଶନ ସହ ରିପୋର୍ଟ ଦେବେ ଅଧିକାରୀ, ଏହା ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ମୂଲ୍ୟାୟନରେ ବିବେଚିତ ହେବ । ନୂଆ ବର୍ଷରୁ ନୂଆ ଦାୟିତ୍ୱ ସହ କାମ ଆରମ୍ଭ କରିଛନ୍ତି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ। କାମ ଆରମ୍ଭ କରିବା ସହ ପ୍ରଥମ କରି ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଛନ୍ତି। ଯେତେ ଅଧିକ କାମ ହୋଇପାରିବ ସେ ତୁଲାଇବେ ବୋଲି କହିଛନ୍ତି। ପ୍ରଥମ ଦିନରେ ସମସ୍ତ ସଚିବଙ୍କ ସହ ବୈଠକ କରିବେ ବୋଲି କହିଛନ୍ତି। ସେପଟେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମ ସରକାରୀ କାର୍ଯ୍ୟାଳୟରେ ପାଳନ ହେଉନି ନୂଆ ବର୍ଷ। ଲୋକସେବା ଭବନରେ ବିନା ଫୁଲତୋଡ଼ାରେ ଅଧିକାରୀଙ୍କୁ ଭେଟୁଛନ୍ତି କର୍ମଚାରୀ।

## ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିବ ଧାନ କିଣା : ଓଡିଶାରୁ ୬ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଇବ

ଭୁବନେଶ୍ୱର, ୧/୧ (ନି.ପ୍ର): ଚଳିତ ବର୍ଷ ମାର୍ଚ୍ଚ ପର୍ଯ୍ୟନ୍ତ ମଣ୍ଡିରେ ଧାନ କିଣା ଚାଲିବ। ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରତିକ୍ରିୟା ଦେଇ କହିଛନ୍ତି ଏପର୍ଯ୍ୟନ୍ତ ୧୦ ଲକ୍ଷ ୫୦ ହଜାର ମେଟ୍ରିକ ଟନ୍ ଧାନ କିଣା ହୋଇଛି। ୨ ଲକ୍ଷ ୩୦ ହଜାର ଚାଷୀ ଧାନ ବିକିଛନ୍ତି। ୧୮ ଜିଲ୍ଲାରେ ଧାନ କିଣା ଚାଲିଛି , ୧୧ ଲକ୍ଷ ଚାଷୀଙ୍କୁ ଟୋକନ୍ ଦିଆଯାଇଛି । ଚାଷୀଙ୍କ ଆକାଉଂଟକୁ ୨୩୫୦ କୋଟି ଟଙ୍କାଯାଇଛି। ସବୁ ଚାଷୀଙ୍କ ଧାନ କିଣାଯିବ। ଅନ୍ୟପକ୍ଷରେ ମନ୍ତ୍ରୀ କହିଛନ୍ତି କେନ୍ଦ୍ର ଓଡିଶାରୁ ୬ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଇବ। କେନ୍ଦ୍ର ୫ ଲକ୍ଷ ମେଟ୍ରିକ ଟନ ଉଷୁନା ଓ ଲକ୍ଷେ ମେଟ୍ରିକ ଟନ ଅରୁଆ ଉଠାଇବ। ରାଜ୍ୟରେ ମୋଟ ୭ ଲକ୍ଷ ମେଟ୍ରିକ ଟନ ଚାଉଳ ଅଛି। ବାକି ୧ ଲକ୍ଷ ମେଟ୍ରିକ ଟନ ଚାଉଳ ନିଲାମ କରାଯିବ। ଏଥିପାଇଁ ସେ କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଓ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟପକ୍ଷରେ ବିଜେଡି ଉପସଭାପତି ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଅରୁଆ, ଉଷୁନା, ସାର, ଧାନ ମଣ୍ଡି, ସବୁଥିରେ ସରକାର ଫେଲ ମାରିଛନ୍ତି। ସରକାର ନୂତନ ବର୍ଷରେ ଏ ସବୁ ସୁଧାରି ଲୋକଙ୍କ ନିକଟତର ହେବାକୁ ଅନ୍ତତଃ ଚେଷ୍ଟା କରନ୍ତୁ ।

## ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ଅର୍ଥନୀତି ହେଲା ଭାରତ




ନୂଆଦିଲ୍ଲୀ,୧/୧ : ଭାରତର ଅର୍ଥବ୍ୟବସ୍ଥା ଏବେ ବିଶ୍ୱର ଚତୁର୍ଥ ସ୍ଥାନରେ ପହଂଚିଛି । ଆଇଏମଏଫର ପରିସଂଖ୍ୟାନ ମୁତାବକ ଭାରତର ଜିଡିପି ପାଖାପାଖି ୪.୫୧ ଟ୍ରିଲିୟନ ଡଲାର । ଏବେ ଭାରତର ଜର୍ମାନୀକୁ ପଛରେ ପକାଇ ବିଶ୍ୱର ତୃତୀୟ ଅର୍ଥନୀତି ଭାବେ ଉଭା ହେବ । ଭାରତର ଅର୍ଥବ୍ୟବସ୍ଥା ଏବେ ବିଶ୍ୱର ୪ ନମ୍ବର ଅର୍ଥବ୍ୟବସ୍ଥାରେ ପହଂଚିସାରିଛି । ଜାପାନକୁ ପଛରେ ପକାଇ ଭାରତ ଏବେ ଜର୍ମାନୀକୁ ପଛରେ ପକାଇବାକୁ ଚେଷ୍ଟା କରୁଛି । ଜର୍ମାନୀର ଜିଡିପି ଏବେ ୫.୩୩ ଟ୍ରିଲିୟନ ଡଲାର ରହିଛି । ଆଉ ଭାରତ ୪.୫୧ ଟ୍ରିଲିୟନ ଡଲାରରେ ପହଂଚିସାରିଛି । ସବୁଠାରୁ ଆଗରେ ରହିଛି ଆମେରିକା, ଯାହାର ଜିଡିପି ୩୧.୮୨ ଟ୍ରିଲିୟନ ଡଲାର ରହିଛି । ଦ୍ୱିତୀୟ ସ୍ଥାନରେ ରହିଛି ଚୀନ, ଏହାର ଜିଡିପି ୨୦.୬୫ ଟ୍ରିଲିୟନ ଡଲାର । ଏବେ ଆସନ୍ତୁ ଟିକେ ସରଳ ଭାବେ ବୁଝିବା ଭାରତ ଲଗାତର ଭାବେ ଆର୍ଥିକ ବ୍ୟବସ୍ଥାରେ ଆଗକୁ ବଢ଼ୁଛି । ଏହା ନିରାଟ ସତ୍ୟ ଯେ, ଦେଶ ଆର୍ଥିକ ଭାବେ ମଜବୁତ ହେଉଛି । ହେଲେ ଦେଶର ଲୋକମାନଙ୍କର ଆର୍ଥିକ ସମ୍ବଳ କିନ୍ତୁ ଦେଶର ଆର୍ଥିକ ବ୍ୟବସ୍ଥା ସହ ମଜବୁତ ହୋଇପାରୁନାହିଁ । ଏଠି ଏକ ସାଧାରଣ ଉଦାହରଣ ଦିଆଯାଇପାରେ । ଆମେ ଏବେ ଅର୍ଥବ୍ୟବସ୍ଥାରେ ଜାପାନକୁ ପଛରେ ପକାଇ ଚତୁର୍ଥ ସ୍ଥାନ ଦଖଲ କରିଛୁ । ବାସ୍ତବ ଚିତ୍ର ଏହା ଯେ, ଜାପାନ ତୁଳନାରେ ଭାରତରେ ପ୍ରତିବ୍ୟକ୍ତିଙ୍କ ଆୟ ମଧ୍ୟରେ ଆକାଶ ପାତାଳ ଫରକ ରହିଛି । କାରଣ ଜାପାନରେ ମୁଣ୍ଡପିଛା ଆୟ ୨୯୩୪ ଡଲାର, ଅର୍ଥାତ ଭାରତୀୟ ମୁଦ୍ରାରେ ବାର୍ଷିକ ୨.୫ ଲକ୍ଷ ଟଙ୍କା । ସେପଟେ ଜାପାନରେ ପ୍ରତିବ୍ୟକ୍ତିଙ୍କ ମୁଣ୍ଡ ପିଛା ଆୟ ୩୩୯୫୫ ଡଲାର ଅର୍ଥାତ ଭାରତୀୟ ମୁଦ୍ରାରେ ୩୦ ଲକ୍ଷ ୫୫ ହଜାରରୁ ଅଧିକ । ତାହେଲେ ଅର୍ଥନୀତି ବୃଦ୍ଧି କାହା ସ୍ୱାର୍ଥରେ ? ଯଦି ଆମେ ଚତୁର୍ଥ ଅର୍ଥନୀତି ଭାବେ ଡିଣ୍ଡିମ ପିଟୁଛୁ ତେବେ ବଢ଼ୁଥିବା ଅର୍ଥବ୍ୟବସ୍ଥାର ଲାଭ କାହିଁକି ସାଧାରଣ ଲୋକଙ୍କ ପାଖରେ ପହଂଚିପାରୁନି ? ପୁଣି ଏବେ ଆମ ସରକାରଙ୍କ ଟାର୍ଗେଟ୍ ଜର୍ମାନୀକୁ ପଛରେ ପକାଇ ତୃତୀୟ ଅର୍ଥନୀତି ଭାବେ ଉଭା ହେବା । ଯଦି ଆମେ ଜର୍ମାନୀର ମୁଣ୍ଡପିଛା ଆୟ କଥା କହିବା ତେବେ ଜର୍ମାନୀବାସୀଙ୍କ ମୁଣ୍ଡପିଛା ଆୟ ୫୬ ହଜାର ଡଲାର । ଅର୍ଥାତ ଭାରତୀୟ ମୁଦ୍ରାରେ ୫୦ ଲକ୍ଷ ୪୦ ହଜାର ଟଙ୍କାରୁ ଅଧିକ । ଏଭଳି ସ୍ଥଳେ ଭାରତରେ ମୁଣ୍ଡପିଛା ଆୟ ମାତ୍ର ୨.୫ ଲକ୍ଷ ଟଙ୍କା ।

## ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କ ଉପରେ ପ୍ରାଣାନ୍ତକ ଆକ୍ରମଣ



ନୂଆଦିଲ୍ଲୀ,୧/୧ : ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ ନିରନ୍ତର ଜାରି ରହିଛି। ୟୁନୁସ ସରକାର ନିରବଦ୍ରଷ୍ଟା ସାଜିଥିବାବେଳେ ଆଉ ଜଣେ ହିନ୍ଦୁଙ୍କ ଉପରେ ପ୍ରାଣାନ୍ତକ ଆକ୍ରମଣ କରାଯାଇଛି । ଗତକାଲି ଖାଲେଦା ଜିଆଙ୍କୁ କବର ଦିଆଯାଇଥିଲା, ଏବଂ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ.ଜୟଶଙ୍କରଙ୍କ ସମେତ ବିଶ୍ୱର ପ୍ରମୁଖ ପ୍ରତିନିଧିମାନେ ଦେଶରେ ଏକତ୍ରିତ ହୋଇଥିଲେ । ଏହା ସତ୍ତ୍ୱେ କିନ୍ତୁ ମୌଳବାଦୀମାନେ ନିଜର କାମ ଜାରି ରଖିଛନ୍ତି। ଏଥର, ଆତଙ୍କବାଦୀମାନେ ଜଣେ ହିନ୍ଦୁ ବ୍ୟବସାୟୀଙ୍କ ଉପରେ ପେଟ୍ରୋଲ ଢାଳି ଜୀବନ୍ତ ଜାଳି ଦେବାକୁ ଚେଷ୍ଟା କରିଥିଲେ। ଏହି ଘଟଣା ବାଂଲାଦେଶର ଶରିୟତପୁରରେ ଘଟିଥିବା ଜଣାପଡ଼ିଛି ଏବଂ ଟାର୍ଗେଟ କରାଯାଇଥିବା ହିନ୍ଦୁ ବ୍ୟବସାୟୀଙ୍କ ନାମ ଖୋକନ ଚନ୍ଦ୍ର ଦାସ, ବୟସ ୫୦ ବର୍ଷ। ନିର୍ବିରତାର ସମସ୍ତ ସୀମା ଅତିକ୍ରମ କରି, ଆତଙ୍କବାଦୀମାନେ ପ୍ରଥମେ ଖୋକନଙ୍କ ଶରୀରକୁ ଏକ ଅସ୍ତ୍ରରେ କାଟି ଦେଇଥିଲେ ଏବଂ ପରେ ତାଙ୍କୁ ଜୀବନ୍ତ ଜାଳିବା ପାଇଁ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଏବେ ତାଙ୍କ ଅବସ୍ଥା ସଂକଟାପନ୍ନ ରହିଛି । ବାଂଲାଦେଶରେ ଗତ ଦୁଇ ସପ୍ତାହ ମଧ୍ୟରେ ୩ ଜଣ ହିନ୍ଦୁଙ୍କ ହତ୍ୟା କରାଯାଇଛି । ଗତ ଡିସେମ୍ବର ୧୮ ତାରିଖରେ ଦୀପୁ ଚନ୍ଦ୍ର ଦାସଙ୍କୁ ହତ୍ୟା କରାଯାଇଥିଲା । ତାପରେ ୨୪ ତାରିଖରେ ଅମୃତ ମଣ୍ଡଳ ଓ ୩୦ ତାରିଖରେ ବଜେନ୍ଦ୍ର ବିଶ୍ୱାସଙ୍କୁ ହତ୍ୟା କରାଯାଇଥିଲା ।

## ନିକୋ ପାର୍କର ହେବ ନବକଳେବର

ଭୁବନେଶ୍ୱର, ୧/୧ (ନି.ପ୍ର): ନୂଆବର୍ଷରେ ନିକୋ ପାର୍କର ହେବ ନବକଳେବର । ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଏଥିପାଇଁ ୩ଟି ପର୍ଯ୍ୟାୟରେ ୬ ଶହ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହେବ। ଏହା ଭିତରେ ଫୁଡ୍ କୋର୍ଟ, ମନୋରଞ୍ଜନ କାର୍ଯ୍ୟକ୍ରମ, ବୋଟିଂ ସହ ମାର୍କେଟ କମ୍ପ୍ଲେକ୍ସ ରହିବ ।

# କମୁଛି କଂସା ବାସନର ଆଦର

ଜୟପୁର,୦୧/୧ (ନି.ପ୍ର): ପୂର୍ବ କାଳରେ କଂସା ବାସନ କୁସନ ଖାଇବା ତଥା କଂସା ଗ୍ଲାସ ପାଣି ପିଇବା ଗୋଟିଏ ଆଭିଜାତ୍ୟର ପରିଚୟ ଥିଲା । ପୂଜା ପାର୍ବଣରେ କଂସା ବାସନକୁ ଶୁଦ୍ଧ ବୋଲି ଲୋକେ ବ୍ୟବହାର କରୁଥିଲେ । ପୂର୍ବ ପିଢ଼ିର ଲୋକମାନେ ଷ୍ଟିଲ କିମ୍ବା ଆଲୁମିନିୟମର ବାସନରେ ଖାଇବା ପାଇ ପସନ୍ଦ କରୁ ନ ଥିଲେ । ଏବେ ଷ୍ଟିଲ ଆଲୁମିନିୟମ ବାସନ ଅପେକ୍ଷା ଲୋକେ ପ୍ଲାଷ୍ଟିକ, ଫାଇବର ଏବଂ ଚିନାମାଟି ବାସନ କୁ ଅଧିକ ପସନ୍ଦ କରୁଛନ୍ତି । ତେଣୁ ଆଧୁନିକତାର ପ୍ରଭାବରେ ଆମ ଠାରୁ ଦୂରେଇବାକୁ ବସିଛି ପାରମ୍ପରିକ ବାସନ କୁସନ । କଂସା ବାସନ କୁସନର ଆଦର କମିବାକୁ ବସିଲାଣି । ତେଣୁ କଂସା ବାସନ ତିଆରି କରି ପରିବାର ପୋଷୁ ଥିବା ବହୁ ପରିବାର ରୋଜଗାର ଶୂନ୍ୟ ହେବାକୁ ବସିଲେଣି । କାଳକ୍ରମେ ପରିସ୍ଥିତି ସହ ଖାପ ଖୁଆଇବାକୁ ଯାଇ ଏବଂ କ୍ଷତିଗ୍ରସ୍ତ ହୋଇ କଂସାରୀମାନେ ନିଜ କୌଳିକ ବୃତି ଛାଡିବାକୁ ବସିଲେଣି । କଂସା ବାସନ କୁସନ ତିଆରି ଛାଡି ଅନ୍ୟ ବୃତ୍ତିକୁ ଆପଣାଉଛନ୍ତି । କଂସାରୀମାନେ ମୁଖ୍ୟତଃ କଂସା ଓ ପିତଳରେ ବିଭିନ୍ନ ଘର କରଣା ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି । ତାହା ବିଭିନ୍ନ ହାଟ କିମ୍ବା ଦୋକାନରେ ବିକ୍ରି କରିଥାନ୍ତି । ତେବେ କଂସା ଓ ପିତଳ ସାମଗ୍ରୀ ଠିକ୍ ଭାବେ ବିକ୍ରି ହେଉ ନ ଥିବାରୁ କାଳକ୍ରମେ ସେମାନେ କୌଳିକ ବୃତ୍ତିରୁ ମୋହ ତୁଟାଇ ଦେଉଛନ୍ତି । କଂସା ପିତଳର ବାସନର ଅପେକ୍ଷାକୃତ ଅଧିକ ଦର ଷ୍ଟିଲ, ଆଲୁମିନିୟମ, ଫାଇବାର, ପ୍ଲାଷ୍ଟିକ, ନନଷ୍ଟିକ ଘରକରଣା ସାମଗ୍ରୀର ବହୁଳ ବ୍ୟବହାର ଯୋଗୁଁ କଂସା ପିତଳର ଚାହିଦା କମିଗଲା । ଝିଅ ବାହା ଘର ସମୟରେ କଂସା ଗଡୁ, ବାଲଟି, ହଣ୍ଡା, କଡେଇ, ଗିନା, ଥାଳି ଇତ୍ୟାଦି ସାମଗ୍ରୀ ଦେବାର ବିଧି ରହିଥିଲା । ଆଉ ଝିଅ ବାହା ଘରରେ କଂସା କିମ୍ବା ପିତଳ ଜିନିଷ ଲୋକେ ଦେଉ ନାହାଁନ୍ତି । ତେଣୁ କଂସା ବାସନ ତିଆରି କରୁଥିବା ପରିବାର ଏବେ କୌଳିକ ବୃତି ହରାଇବାକୁ ବସିଛନ୍ତି ।

# ଲୋକ ମହୋତ୍ସବ କମିଟି ପକ୍ଷରୁ କୁଚିଣ୍ଡା ଓ ରେଢ଼ାଖୋଲରେ ସାଂସ୍କୃତିକ ଆଲୋଚନାଚକ୍ର

ସମ୍ବଲପୁର,୦୧/୧ (ନି.ପ୍ର): ସମ୍ବଲପୁର ଲୋକ ମହୋତ୍ସବ ଆୟୋଜନ କମିଟି ର ଆଲୋଚନାଚକ୍ର ଉପ ସମିତି ପକ୍ଷରୁ ଉପଖଣ୍ଡ ସ୍ତରୀୟ ଦୁଇଟି ସମ୍ମାନ ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା କଲେଜ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂସ୍କୃତିବିତ ସୁରଥ ଚନ୍ଦ୍ର ନାୟକ 'ପଶ୍ଚିମ ଓଡିଶାର ଯାନିଯାତ୍ରା' ଶୀର୍ଷକ ଆଲୋଚନାରେ ସଭାପତିତ୍ୱ କରିଥିଲେ। ଆଲୋଚକ ଭାବରେ ଲୋକ ସଂସ୍କୃତି ଗବେଷକ ଡ. ସିଦ୍ଧାର୍ଥ ପଣ୍ଡା ଓ ଡ଼. ଭାରତ ଭୂଷଣ ନନ୍ଦ ଯୋଗ ଦେଇଥିଲେ। ଏଥିରେ ଲୋକ ମହୋତ୍ସବର ଉପଦେଷ୍ଟା ସୂର୍ଯ୍ୟ ପାଣିଗ୍ରାହୀ, କଳା ସଂଗଠକ ମଳୟ ବେହେରା ଓ ଆଲୋଚନାଚକ୍ର ଉପ ସମିତି ର ଆବାହକ ପ୍ରଦୀପ କୁମାର ପଣ୍ଡା ମଂଚାସୀନ ଥିଲେ। ବକ୍ତା ମାନେ ପଶ୍ଚିମ ଓଡିଶାରେ ପ୍ରଚଳିତ ଯାନିଯାତ୍ରା ଗୁଡିକର ବର୍ଗୀକରଣ କରି ଦୃଷ୍ଟାନ୍ତ ସହିତ ଆଲୋଚନା କରିଥିଲେ। ଚଉରାଶି କୋଷ ବାମଣ୍ଡାର ଐତିହ୍ୟ, ପ୍ରଚଳିତ ବିଭିନ୍ନ ଯାତ୍ରା ତଥା ସେଗୁଡିକର ପ୍ରାଚୀନ କୀର୍ତିରାଜି ରୂପର ପ୍ରଚାର ପ୍ରସାର ଆଦି ଉପରେ ଆଲୋଚନା କରିଥିଲେ। କଳାକାର ବିଭୂତି କଲ୍ୟାଣ ପଟେଲ, ଓମ୍ ପଟେଲ ପ୍ରମୁଖ କୁଚିଣ୍ଡା ଉପଖଣ୍ଡ ର ଯାନିଯାତ୍ରାର ପ୍ରଚାର ପ୍ରସାର ହେବା ଜରୁରୀ ବୋଲି କହିଥିଲେ। କୁଚିଣ୍ଡା ଉପଖଣ୍ଡ ର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଆଲୋକ ପଟେଲ,ଉପସମିତି ସଦସ୍ୟ ପ୍ରଶାନ୍ତ ମାଝୀ, ସଂଜୀବ ପାଢ଼ୀ ଉପସ୍ଥିତ ଥିଲେ।

ଉପସମିତି ର ଆବାହକ ଶ୍ରୀ ପଣ୍ଡା ଙ୍କ ନେତୃତ୍ୱରେ ରେଢ଼ାଖୋଲ ଭୀମ ଭୋଇ କଲେଜ ଠାରେ ସଂସ୍କୃତି ଗବେଷକ ତଥା କଳାପାଣି କଲେଜ ର ଅଧ୍ୟକ୍ଷ ମୋହନ ସାହୁ ଙ୍କ ସଭାପତିତ୍ୱ ରେ ' ପଶ୍ଚିମ ଓଡିଶା ର କୃଷି ଭିତିକ ଯାନିଯାତ୍ରା ଓ ପର୍ବପର୍ବାଣି ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ର ଅଧ୍ୟକ୍ଷ ଅମୁଲ୍ୟ କୃଷ୍ଣ ପାଢ଼ୀ ମୁଖ୍ୟ ଅତିଥି, ପ୍ରାଧ୍ୟାପକ ଅଖିଳ ବିଶ୍ୱାଳ ଏବଂ ଅଧ୍ୟାପକ ମନଭଞ୍ଜନ କହଁର ଆଲୋଚକ ଭାବରେ ଯୋଗ ଦେଇ ରେଢ଼ାଖୋଲ ର ସଂସ୍କୃତି ମଧ୍ୟରେ ଲୁକ୍କାୟିତ ସମୃଦ୍ଧ ଲୋକ ଧରା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଶ୍ରୀ କହଁର ଙ୍କ ଦ୍ୱାରା ରଚିତ ' ରେଢ଼ାଖୋଲର ଲୋକ କାହାଣୀ ' ପୁସ୍ତକ ଲୋକାର୍ପିତ ହୋଇଥିଲା। ଉଭୟ କାର୍ଯ୍ୟକ୍ରମ ରେ ଆୟୋଜନ କମିଟି ର ଉପଦେଷ୍ଟା ସଦସ୍ୟ ଶ୍ରୀ ପାଣିଗ୍ରାହୀ ସମ୍ବଲପୁର ଲୋକ ମହୋତ୍ସବ ର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ସଭାରେ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ଆଲୋଚନାଚକ୍ର ଉପସମିତି ର ସହ ଆବାହକ ସୌମିକ ବାବୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅସ୍ମିତା ଖେଲୋ ଇଣ୍ଡିଆ କିକ୍ ବକ୍ସିଂରେ ବଲାଙ୍ଗିର ଝିଅଙ୍କ ସଫଳତା

ବଲାଙ୍ଗିର,୦୧/୧ (ନି.ପ୍ର): ଅସ୍ମିତା ଖେଲୋ ଇଣ୍ଡିଆ କିକ୍ ବକ୍ସିଂ ପ୍ରତିଯୋଗିତା ଯାଜପୁର ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ଠାରେ ଡିସେମ୍ବର ୨୭ ରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ୨୨୫ଜଣ ପ୍ରତିଯୋଗି ଅଂଶଗ୍ରହଣ କରିଥିଲେ । ବଲାଙ୍ଗିର ଜିଲ୍ଲା ଆମେଚ୍ୟୁର କିକ୍ ବକ୍ସିଂ ସଂଘରୁ ୮ ଜଣ ଖେଳାଳି ଶେଖର କିକ୍ ବକ୍ସିଂ ଏକାଡେମୀର ପ୍ରଶିକ୍ଷକ ଚନ୍ଦ୍ରଶେଖର ସେଠ ଓ ମ୍ୟାନେଜର ବଦ୍ରିନାଥ ହୋତା ଙ୍କ ତତ୍ୱାବଧାନରେ ଭାଗ ନେଇଥିଲେ । ସବ୍ ଜୁନିୟର ରେ ଅଭିପ୍ସା ହୋତା ଦୁଇଟି ସ୍ୱର୍ଣ୍ଣ ପଦକ, ପ୍ରିୟାଂସି ମିଶ୍ର ଗୋଟିଏ ସ୍ୱର୍ଣ୍ଣପଦକ ଓ ଗୋଟିଏ କାଂସ୍ୟ, ହେମଲତା ଭୋଇ ଗୋଟିଏ ସ୍ୱର୍ଣ୍ଣ ପଦକ, ଶିତଳ ସାହୁ ଗୋଟିଏ ରୌପ୍ୟ ଏବଂ ଜୁନିୟର ରେ କିରନ ସେଠ ଗୋଟିଏ ସ୍ୱର୍ଣ୍ଣପଦକ ପାଇ ବଲାଙ୍ଗିର ଜିଲ୍ଲାର ଗୌରବ ଆଣିଥିଲେ ଏବଂ ଅଭିପ୍?ସା ହୋତା, ପ୍ରିୟାଂସି ମିଶ୍ର, ହେମଲତା ଭୋଇ ଓ କିରନ ସେଠ ଜାତୀୟ ଜୋନାଲ ଅସ୍ମିତା ଖେଲୋ ଇଣ୍ଡିଆ କିକ୍ ବକ୍ସିଂ ପାଇଁ ମନୋନିତ ହୋଇଛନ୍ତି । ଚନ୍ଦ୍ରଶେଖର ସେଠ ଓ ମୁରଲି ମହାକୁର ରେଫରି ଓ ଜଜ୍ ଦାୟିତ୍ୱ ତୁଲାଇଥିଲେ । ଜିଲ୍ଲା କ୍ରୀଡାଧିକାରୀ ସତ୍ୟପ୍ରକାଶ ମିଂଚ, ଓଡିଶା କିକ୍ ବକ୍ସିଂ ସଂଘର ସଭାପତି କାର୍ତ୍ତିକ ଡାକୁଆ, ବଲାଙ୍ଗିର ଜିଲ୍ଲା କିକ୍ ବକ୍ସିଂ ସଂଘର ସଭାପତି ଅଯୋଧ୍ୟା ମିଶ୍ର, ସଂପାଦକ ଭଗବାନ କୁମ୍ଭାର, ଜିଲ୍ଲା କରାଟେ ସଂଘର ସଂପାଦକ ହୃଦୟ ଶବର, ସୁରେନ୍ଦ୍ର ସାହୁ, ନିଳାଂଚଳ ନାହାକ, ଖ୍ୱାଇସ ବନଛୋର ପ୍ରମୁଖ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ।

# ଜୋନସ୍ତରୀୟ ପ୍ରଥମ ୟୁନିଟ କପ ଉଦ୍‌ଯାପିତ: ଭୋଜପୁର ଚମ୍ପିୟାନ

ନୂଆପଡ଼ା,୦୧/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ ଦେଓବାହଲ ଗ୍ରାମ ଠାରେ ଜିଲ୍ଲା ପରିଷଦ ୪ ନଂ ଜୋନ ସ୍ତରୀୟ ୟୁନିଟି କପ କ୍ରିକେଟ ଟୁର୍ନାମେଣ୍ଟ ଆଜି ଉଦଯାପିତ ହୋଇଯାଇଛି। ଖଡିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡିଙ୍କ ନେତୃତ୍ୱରେ ଅନୁଷ୍ଠିତ ହେଇଥିବା ବେଳେ ଏମସିସି ଦେଓବାହାଲ ପରିଚାଳନା କରିଥିଲେ। ଆଜିର ଫାଇନାଲ ଖେଳରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ, ବିଶିଷ୍ଟ ଅତିଥି ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, ସମ୍ମାନିତ ଅତିଥି ଭାବରେ ଖଡ଼ିଆଳ ନଗରପାଳ ଉଜ୍ଜଳ ଗୁପ୍ତା, ସିନାପାଲି ବ୍ଲକ ଉପାଧ୍ୟକ୍ଷ ମିନା ଘିଭେଲା, ଜିଲ୍ଲା କଳାକାର ସଭାପତି ସଂଘ ଅର୍ଜୁନ ଛତ୍ରୀୟା, ସରପଞ୍ଚ ସଂଘ ସଭାପତି ସନ୍ତୋଷ ମିଶ୍ର, ବରିଷ୍ଠ ସମ୍ବାଦିକ କୁନୁ କରୁଆ, ଲିଙ୍ଗ ଘିଭେଲା, ସାନମହେଶ୍ୱର ସରପଞ୍ଚ ଆଲ୍ଲାଦିନି ବେହେରା, ବରଗାଁ ସରପଞ୍ଚ ଗୋବିନ୍ଦ ବିହାରୀ ବାରିକ, ଗଡ୍ରାମୁଣ୍ଡା ସରପଞ୍ଚ ବୃନ୍ଦା ବାଗ, କେନ୍ଦୁପାଟି ସରପଞ୍ଚ ଚନ୍ଦ୍ର ଷଣ୍ଡ, ଖାସବାହାଲ ସରପଞ୍ଚ କୁନୁ ଚରଣ ବେହେରା, ସରଧାପୁର ସରପଞ୍ଚ ଉମେଶ କୈବର୍ତ୍ତ, ସମିତି ସଭ୍ୟ ଶିଶୁପାଳ ବାଗ, ଶିକ୍ଷାବିତ ଉମେଶ କ୍ଷେତ୍ରୀ, ସାମାଜିକ କର୍ମୀ ପ୍ରବୀଣ କୁମାର ମୁଣ୍ଡ, ଘାସିରାମ ତାଣ୍ଡି, ଦଶମୁ ବେହେରା, ପୁଷ୍ତମ ତାଣ୍ଡି , ପୂର୍ବତନ ସରପଞ୍ଚ ଶ୍ୟାମ ସୁନ୍ଦର କୁଲଦୀପ ଅତିଥି ଭାବେ ମଞ୍ଚାସିନ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ଖେଳ ଜିଏସଏ ଭୋଜପୁର ଓ ବରଗାଁ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଜିଏସଏ ଭୋଜପୁର ଦଳ ନିର୍ଦ୍ଧାରିତ ୧୫ ଓଭର ବ୍ୟାଟିଂ କରି ୮ ଓ୍ୱିକେଟ ହରାଇ ୧୬୭ ରନ ସଂଗ୍ରହ କରିଥିଲା। ଜବାବରେ ବରଗାଁ ଦଳ ସମସ୍ତ ଓ୍ୱିକେଟ ହରାଇ ୭୦ ରନ ସଂଗ୍ରହ କରି ଦ୍ୱିତୀୟ ସ୍ଥାନରେ ରହି ରନର୍ସ ଅପ୍ ହୋଇଥିଲା। ଜିଏସଏ ଭୋଜପୁର ଦଳ ଚମ୍ପିୟାନ ହୋଇଥିଲେ। ଫାଇନାଲ ମ୍ୟାଚରେ ଆମ୍ପାୟର ଭାବେ ବସନ୍ତ କୁମାର ଶବର ଓ ଆଲୋକ ବାଗ ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରିଙ୍ଗ ଦାୟିତ୍ୱରେ ନରେଶ କୁମାର ମହାରଥା, ଧାରା ବିବରଣୀ କରିଥିଲେ ଥବିର ଦୀପ, ସାରାଂଶ ଦୁରିଆ, ବଳବନ୍ତ ଶବର, ମଳୟ ତାଣ୍ଡି, ନରେନ୍ଦ୍ର ତାଣ୍ଡି, ନରେଶ ମାଝୀ । କାର୍ଯ୍ୟକ୍ରମରେ ୟୁନିଟି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବରିଷ୍ଠ କର୍ମକର୍ତ୍ତା,ପିଣ୍ଟୁ ମେତାମ, କ୍ଷୀରୋଦ କୁମାର ବେହେରା, ଅନ୍ତରାମ ମାଝୀ ଥମିର ମଙ୍ଗରାଜ, ନବୀନ ହେର୍ନା , ଚିତ୍ରସେନ ମାଝୀ, ଦେବରାଜ ମାଝୀ, ସନ୍ତୋଷ ଭୁଏ, କୁନାଲ ବେହେରା, ବିରଞ୍ଚି ବେହେରା, ଜଳନ୍ଧର ମାଝୀ,ବାସୁଦେବ ତାଣ୍ଡି, ପ୍ରସନ୍ନ ଭୋଇ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ ।ଏହି ଟୁର୍ଣ୍ଣାମେଣ୍ଟ ଗତ ଡ଼ିସେମ୍ବର ୧୪ ତାରିଖରେ ଆରମ୍ଭ ହୋଇଥିବା ବେଳେ ଏଥିରେ ଖଡିଆଳ ୪ ନଂ ଜୋନ ୪୨ ଖଣ୍ଡ ଗ୍ରାମରୁ ୩୨ ଗୋଟି ଦଳ ଯୋଗଦାନ କରିଥିଲେ । ବିଜୟୀ ଦଳକୁ ୫୦ ହଜାର ସହ ଟ୍ରଫି ଓ ଉପ ବିଜେତା ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ଓ ଦୁଇ ଗୋଟି ଦଳ ସେମି ଫାଇନାଲରେ ହାରିଥିବା ଦୁଇ ଦଳକୁ ଟ୍ରଫି ସହ ୬ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା।

# ବିନା କାରଣରେ ଯୁବକକୁ ଆକ୍ରମଣ

ଜୟପୁର,୦୧/୧ (ନି.ପ୍ର): ଜୟପୁର ପ୍ରସାଦରାଓ ପେଟା ୪ର୍ଥ ଲାଇନର ଏମ ରମେଶକୁ ସେହି ସାହିର ସନ୍ତୋଷ ସାହୁ ନାମକ ଜଣେ ଯୁବକ ଆକ୍ରମଣ କରିଥିବା ନେଇ ଟାଉନଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଗତକାଲି ଏମ ରମେଶଙ୍କ ପୁଅକୁ ସେହି ସାହିର ଅନ୍ୟଜଣେ ଯୁବକ ମାଡ ମାରୁଥିବା ଦେଖିବା ପରେ ସନ୍ତୋଷ ହଠାତ ଆସି ଏମ ରମେଶକୁ ଆକ୍ରମଣ କରିଥିଲେ। ଯାହା ଫଳରେ ଏମ ରମେଶ ରକ୍ତାକ୍ତ ହୋଇଯାଇଥିଲେ। ବିନା କାରଣରେ ଆକ୍ରମଣ କରିଥିବା ନେଇ ରମେଶ ଟାଉନଥାନାରେ ଅଭିଯୋଗ ଦେବା ପରେ ଟାଉନପୁଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଦଣ୍ଡାବାଡି ପଂଚାୟତରେ ପାଞ୍ଚଟି ଗାଁକୁ ପକ୍କା ରାସ୍ତା ନାହିଁ : ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ

ଜୟପୁର,୦୧/୧ (ନି.ପ୍ର): କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ଦଣ୍ଡାବାଡ଼ି ପଞ୍ଚାୟତ ବାସି ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି । କାରଣ ଦଣ୍ଡାବାଡି ପଂଚାୟରେ ପାଞ୍ଚଟି ଗାଁ କୁ ପକ୍କା ରାସ୍ତା ନାହିଁ, କେବଳ ଫଳକ ମାରି ଚୁପ ବସିଛି ପ୍ରଶାସନ। ଅଧପାନ୍ତିରିଆ ରାସ୍ତାକୁ ନେଇ ହନ୍ତସନ୍ତ ପଂଚାୟତ ବାସି । ଏଥିଲାଗି ରାସ୍ତା ନିର୍ମାଣ ଶେଷ ହେଲେ ଭୋଟ ଦେବେ ନଚେତ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି ପଂଚାୟତର ସରପଞ୍ଚ ଚେଣ୍ଡିଆ ଖିଲ ସମତ ଗ୍ରାମବାସି । ପଂଚାୟତ ମୁଖ୍ୟାଳୟ କୁ ଲୋକେ ସୁବିଧା ଯାତାୟାତ କରିବେ ଏଥିଲାଗି ଦଣ୍ଡାବାଡି ସଦର ମହକୁମା ସହ ପାଞ୍ଚ ଟି ଗାଁ କୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସଂଯୋଗ ପାଇଁ ରାସ୍ତା କାମ ଆରମ୍ଭ ହୋଇଛି । କଲିଆଝଲି ଠାରୁ ମରିଚଅଟାଲ, ସଲପଦର ଠାରୁ ତଟାପାଣି, ଅଣ୍ଡରିଯୋଡି ଠାରୁ ସାପଗନ୍ଦା, ଦଣ୍ଡାବାଡି ଠାରୁ ଜଙ୍ଗଲଜଡି ଓ କାଲିଆଅଟାଲ ଠାରୁ କୁଆଗନ୍ଦଲି, । ଏହି ଗାଁ ଗୁଡିକରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ନିର୍ମାଣ ପାଇଁ ଗାଁ ମୁଣ୍ଡରେ ଫଳକ ମରାଯାଇଛି । କିନ୍ତୁ କାମ ସରିବାରେ ନା ନେଉନି । କାଲିଆଝୋଲି ରାସ୍ତା ରେ ଆଜି ପର୍ଯ୍ୟନ୍ତ ପିଚୁ ଢୋଳା ଗଲା ନାହଁ ସେପଟେ ଅନ୍ୟ ଚାରୋଟି ଗାଁ ରାସ୍ତା ରେ ପିଚୁରାସ୍ତା ପାଲିଟିଛି ମାଟିରାସ୍ତା । ଅର୍ଦ୍ଧ ନିର୍ମିତ ରାସ୍ତା କୁ ନେଇ ହନ୍ତସନ୍ତ ପଂଚାୟତ ବାସି । ଜରୁରୀ କାଳୀନ ପରିସ୍ଥିତିରେ ଗାଁକୁ ଆମ୍ବୁଲାନ୍ସ ଆସିପାରୁନାହିଁ । ଗ୍ରାମର ବୃଦ୍ଧବୃଦ୍ଧାମାନେ ହଇରାଣ ହରକତ ହୋଇ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଦଣ୍ଡାବାଡି ପଞ୍ଚାୟତକୁ ଆସିଥାନ୍ତି। ପିଡ଼ିଏସ ଚାଉଳ ପାଇଁ ମଧ୍ୟ ଗ୍ରାମବାସୀ ହଇରାଣ ହରକତ ହୋଇଥାନ୍ତି। ବର୍ଷା ଦିନେ ମାନଙ୍କ ଦୁଃଖ ଦୁଇଗୁଣିତ ହୋଇଯାଏ । ବେଳେ ବେଳେ ଖରାପକୁ ରାସ୍ତାକୁ ଗାଁ ଲୋକେ ନିଜେ ଖର୍ଚ୍ଚରେ ସଜାଡୁଥିବା ବେଳେ ବର୍ଷା ଆସିଲେ ସେ ସବୁ ନଷ୍ଟ ହୋଇଯାଏ । ସ୍ଥାନୀୟ ସରପଞ୍ଚ ଚେଣ୍ଡିଆ ଖିଲ ଏବଂ ଗ୍ରାମବାସୀ ବହୁବାର ବ୍ଲକ୍ ଓ ଜିଲ୍ଲା ପ୍ରଶାସନକୁ ଅବଗତ କରାଇଛନ୍ତି। ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଛନ୍ତି କିନ୍ତୁ କୌଣସି ସଫଳ ମିଳୁ ନଥିବାରୁ ପଂଚାୟତ ବାସି ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନେଇଛନ୍ତି।

# ମାନ୍ୟମକୋଣ୍ଡା ମଣ୍ଡିରେ ଚାଷୀ ଟାର୍ଗେଟ କିମ୍ବା ଟୋକନ ଅଭାବରୁ ଧାନ ବିକ୍ରି କରି ପାରୁନଥିବା ଅଭିଯୋଗ

ମାଲକାନଗିରି,୦୧/୧ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଗତ ୨୪ ତାରିଖରୁ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି ମଣ୍ଡି । ତେବେ ପ୍ରଥମରୁ ହିଁ ଚାଷୀମାନେ ହଇରାଣ ହରକତ ହେଉଥିବା ଚିତ୍ର ସାମନାକୁ ଆସିଛି । ଚାଷୀଙ୍କ ନାଁ ପଞ୍ଜୀକରଣ ହୋଇଛି। କିନ୍ତୁ ମଣ୍ଡି ଅନୁଯାୟୀ ଟୋକନ ଆସି ନାହିଁ । ଜିଲ୍ଲାରୁ ସମସ୍ତ ମିଲରଙ୍କ ନାଁ ମଧ୍ୟ ଏ ଯାଏଁ ନବୀକରଣ ହୋଇନାହିଁ କିମ୍ବା ଗତ ବର୍ଷ ଖରିଫ ମଣ୍ଡିର ଚାଉଳ ମଧ୍ୟ ସମ୍ପୂର୍ଣ୍ଣ ଫେରାଇ ନାହାନ୍ତି ମିଲର । ଏସବୁ ଅବ୍ୟବସ୍ଥା ମଧ୍ୟରେ ସନ୍ତୁଳି ହେଉଛନ୍ତି ସାଧାରଣ ଚାଷୀ । ଏଭଳି ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକର ଉପାନ୍ତ ମାନ୍ୟମକୋଣ୍ଡା ମଣ୍ଡିରୁ । ଗତ ବର୍ଷ ଏହି ମଣ୍ଡିରେ ସପ୍ତାହକ ଦୁଇ ଦିନରେ ୪ ହଜାର କ୍ୱିଣ୍ଟାଲ ଧାନ କିଣିବା ଟାର୍ଗେଟ ରହିଥିବା ବେଳେ ଚଳିତ ବର୍ଷ ପ୍ରତି ମଙ୍ଗଳବାର ଦିନ ଅଢ଼େଇ ହଜାର କ୍ୱିଣ୍ଟାଲ ଧାନ କିଣିବା ଲାଗି ଟାର୍ଗେଟ ଆସିଛି । ଫଳରେ ଅଧିକାଂଶ ଚାଷୀ ଟାର୍ଗେଟ କିମ୍ବା ଟୋକନ ଅଭାବରୁ ଧାନ ବିକ୍ରି କରୁ ପାରୁନ ଥିବା ଅଭିଯୋଗ ହୋଇଛି । ମାନ୍ୟମକୋଣ୍ଡା ପଞ୍ଚାୟତ ବିଲିଗୁଡା ଗାଁର ଉଲା କଓ୍ୱାସୀଙ୍କର ୧୩ ଏକର ଜମିରେ ୨୪୦ ବସ୍ତା ଧାନ ଅମଳ ହୋଇଛି । ଗତ ବର୍ଷ ଉଲା ଦୁଇଟି ମଣ୍ଡିରେ ୮୦ କ୍ୱିଣ୍ଟାଲ ଧାନ ବିକ୍ରି କରି ଥିବା ବେଳେ ଏବେ ୨୪୦ ବସ୍ତା ବିକ୍ରି ଲାଗି ଟୋକନ ନ ଆସି ଥିବାରୁ ଚିନ୍ତାରେ । ସେପଟେ ମଣ୍ଡିରେ ଟାର୍ଗେଟ ବୃଦ୍ଧି ଲାଗି ଦାବି କରିଛନ୍ତି ଚାଷୀ ଓ ଜନ ପ୍ରତିନିଧି । ଅନ୍ୟପଟେ ମାଲକାନଗିରିରେ ଯୋଗାଣ ବିଭାଗରେ ଅଫିସର ମରୁଡ଼ି । ଖାଲି ପଡ଼ିଛି ଏସିଏସ୍?ଓ ପଦବି । ୨ ଜଣ ଅତିରିକ୍ତ ସିଏସ୍?ଓ ପଦବି ଫାଙ୍କା। ୫ ଜଣ ଯୋଗାଣ ନିରୀକ୍ଷକ ପଦବି ଖାଲି । ୪ ଟି ପ୍ରମୁଖ ସମସ୍ୟା ଯୋଗୁ ମଣ୍ଡି ବ୍ୟବସ୍ଥା ପ୍ରଭାବିତ ହେଉଥିବା ଜଣାପଡ଼ିଛି ।

# ପୂଣ୍ୟତିଥିରେ ଗୁରୁ ସତ୍ୟନାରାୟଣଙ୍କୁ ଶ୍ରଦ୍ଧାଞ୍ଜଳି: ବିଭିନ୍ନ ଅନୁଷ୍ଠାନ ଏବଂ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ମାଲ୍ୟାର୍ପଣ

ସମ୍ବଲପୁର,୦୧/୧ (ନି.ପ୍ର): ସମ୍ବଲପୁରୀ ସାହିତ୍ୟ ଏବଂ ସଂସ୍କୃତିର ପୁରୋଧା ତଥା ଗୁରୁ ସତ୍ୟନାରାୟଣ ବହିଦାରଙ୍କର ୪୬ ତମ ପୂଣ୍ୟତିଥି ଅବସରରେ ବୁଧବାର ବିଭିନ୍ନ ସଂଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଜେଲଛକ ନିକଟସ୍ଥ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ପରିସରରେ ଥିବା ଗୁରୁଙ୍କ ପ୍ରତିମୂର୍ତୀରେ ମାଲ୍ୟାର୍ପଣ କରାଯବା ସହ ତାଙ୍କ ଜୀବନାଦର୍ଶର ସ୍ମୃତିଚାରଣ କରାଯାଇଛି । ସକାଳେ ସର୍ବ ପ୍ରଥମେ ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ଗୁରୁଙ୍କ ପ୍ରତିମୂର୍ତୀରେ ମାଲ୍ୟାର୍ପଣ କରାଯିବା ସହ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା । ଏହି ଅବସରରେ ଗୁରୁଙ୍କ ନାମରେ ରହିଥିବା ସମ୍ବଲପୁରୀ ଡେରାକୁ ଆହୁରି ବିକଶିତ କରାଯାଇ ସମ୍ବଲପୁରୀ ପ୍ରେମୀଙ୍କ ପାଇଁ ଆକର୍ଷଣର କେନ୍ଦ୍ର ଭାବେ ତିଆରି କରାଯିବାକୁ ସଂକଳ୍ପ କରାଯାଇଥିଲା । ସମ୍ବଲପୁରୀ ଡେରାକୁ ସମ୍ବଲପୁରୀର ପ୍ରଚାର ପ୍ରସାରର କେନ୍ଦ୍ର ଭାବେ ବିକଶିତ କରିବାକୁ ପ୍ରତି ରବିବାର ସମ୍ବଲପୁରୀ ନାଚ ଗୀତ ଏବଂ ଚିତ୍ରକଳା ଉପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ହାତକୁ ନିଆଯିବାକୁ ବୈଠକରେ ସ୍ଥିର କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପାଇ ନୃତ୍ୟ ଗୁରୁ ରଞ୍ଜିତ ସାହୁଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଆସନ୍ତା ଜାନୁଆରୀ ୧୫ ତାରିଖରୁ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହାତକୁ ନିଆଯିବ ନେଇ ଗୁରୁ ରଞ୍ଜିତ ସାହୁ ପ୍ରସ୍ତାବ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶାର ଗୁରୁ ମାନଙ୍କୁ ସାମିଲ କରାଯାଇ ସମ୍ବଲପୁରୀ ନାଚ ଗୀତକୁ ଆହୁରୀ ପ୍ରସସ୍ତ କରାଯିବା ନେଇ ଆଲୋଚନା କରାଯାଇଥିଲା । ଜିଲା ପ୍ରଶାସନ ସହଯୋଗରେ ଡେରା ପରିସରରେ ବିଗତ ଦୁଇ ବର୍ଷ ଭିତରେ ଅନେକ ପଦକ୍ଷେପ ନିଆଯାଇଛି । ତେବେ ୨୦୧୭ ରୁ ଯୋଜନା ରହିଥିବା ସମ୍ବଲପୁରୀ ସଂଗ୍ରହାଳୟ ଏବଂ ପୁସ୍ତକାଳୟ ନିର୍ମାଣ ହୋଇ ପାରି ନାହିଁ । ତେଣୁ ନୂତନ ବର୍ଷରେ ସେ ଦିଗରେ ପଦକ୍ଷେପ ନିଆଯିବାକୁ ବୈଠକରେ ସ୍ଥିର କରାଯାଇଥିଲା । ଏହାସହ ଡେରାର କିଛି ଅଂଶ ବର୍ତମାନ ମଧ୍ୟ ଖୋଲା ରହିଥିବା ବେଳେ ଅସାମାଜିକ ବ୍ୟକ୍ତି ମାନଙ୍କ ଦୌରାମ୍ୟ ଦେଖା ଦେଇଥିବାରୁ ତାକୁ ଯଥାଶିଘ୍ର ପାଚେରୀ ବ୍ୟବସ୍ଥା କରିବାକୁ ବୈଠକରେ ଦାବି କରାଯାଇଥିଲା । ଗୁରୁଙ୍କର ପୂଣ୍ୟତିଥି ଅବସରରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଡେରା ପରିସରକୁ ଆସି ବୁଲି ଦେଖିବା ସହ ଡେରାର ବିକାଶ ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ । ଏହାପରେ ଓଡିଶା ସାଂସ୍କୃତିକ ସମାଜ, ସମ୍ବଲପୁରୀ ଧନୁଯାତ୍ରା କମିଟୀ, ସମ୍ବଲପୁର ଯୋଗ ପରିବାର, ଭାରତୀ ସମାଜ, ନାଟ ନାଟୁଆ, କଳା ଓ କଳାକାର, ନାରୀ ସେବା ସଂଘ, ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ, ସମ୍ବଲପୁର କିକ ବକ୍ସିଂ ଏସୋସିଏସନଙ୍କ ଭଳି ବହୁ ଅନୁଷ୍ଠାନର କର୍ମକର୍ତା ଉପସ୍ଥିତ ରହି ଗୁରୁଙ୍କ ପ୍ରତିମୂର୍ତୀରେ ମାଲ୍ୟାର୍ପଣ କରିବା ସହ ସମ୍ବଲପୁରୀ ସଂସ୍କୃତିର ପ୍ରଚାର ଦିଗରେ ଗୁରୁଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ସହରର ବିଶିଷ୍ଟ ବ୍ୟକ୍ତି ମାନଙ୍କ ମଧ୍ୟରେ ଡ ପ୍ରମୋଦ ରଥ, ଡ. ପରେଶ ଦାନୀ, ଦୀନବନ୍ଧୁ ପଣ୍ଡା, ଦାମୋଦର କର, କବିତା ପୁରୋହିତ, ସୁରେଖା ସାହୁ, ନାଟୁ ଗୋପାଳ ପାତ୍ର, ସୁରେନ୍ଦ୍ର ନାୟକ, ସୂର୍ଯ୍ୟ ପାଣିଗ୍ରାହୀ, ଅଶୋକ ସାହୁ, ବିରଂଚି ନାରାୟଣ ନାୟକ, ଅମିତାଭ ମାଝୀ, ରାଜେଶ ସ୍ୱାଇଁ, ବିକାଶ ତ୍ରୀପାଠୀ, ପ୍ରଜ୍ଞା ଦିକ୍ଷୀତ, ବିଚିତ୍ରାନନ୍ଦ ଆଚାର୍ଯ୍ୟ, ଯୋଗେଶ ନନ୍ଦ, ପ୍ରଦୀପ୍ତ ସୁଣାରୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# କେନ୍ଦୁପତ୍ର ଦର ବୃଦ୍ଧି ଓ ଲଘୁ ବନଜାତ ଦ୍ରବ୍ୟର ଏମଏସପି ଘୋଷଣା ଦାବି

ସମ୍ବଲପୁର,୦୧/୧ (ନି.ପ୍ର): ସମ୍ବଲପୁର ଜିଲ୍ଲାର ଜମନକିରା ନିକଟସ୍ଥ ସୁଦ ବଲଣ୍ଡା ସ୍ଥିତ କଲୋନୀ ପଡାରେ ବି.ଡବ୍ଲୁ.ଆଇ ର ସହାୟତା ରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ମହିଳା ନେତୃତ୍ୱ ତାଲିମ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି ଅଧ୍ୟକ୍ଷତାକରି ମହିଳା ମାନେ ସାହସୀ ଓ ନିର୍ଭିକ ହେବା, ନିଜ ଅଧିକାର ପ୍ରତି ସଚେତନ ହେବା, ନିଜ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ସଂଗ୍ରାମ କରିବା ଏବଂ ନାରୀ ନିର୍ଯ୍ୟାତନା ବିରୁଦ୍ଧରେ ସ୍ୱର ଉତୋଳନ କରିବାକୁ ଆହ୍ୱାନ ଦେଇଥିଲେ । ସାମାଜିକ କର୍ମୀ କିଶୋର ଦେହୁରୀ, ସଂଘର ରାଜ୍ୟ ଉପସଭାପତି ଗୋକୁଳ ମେହେର, ସମ୍ପାଦକ ମହମ୍ମଦ ମୁର୍ତୁଜ୍ଜା ଓ ରାଜ୍ୟ ସମ୍ପାଦିକା ପଦ୍ମାବତୀ କିସାନ ସଂଘ ର ହାସଲ କରିଥିବା ଦାବୀ ଗୁଡିକ ସମ୍ପର୍କରେ ଏବଂ ଅପୂରଣୀୟ ଦାବୀ ଯଥାକ୍ରମେ କେନ୍ଦୁପତ୍ର ଦରବୃଦ୍ଧି, ସିଜନାଲ କର୍ମଚାରୀ ମାନଙ୍କ ସର୍ବନିମ୍ନ ମଜୁରୀ ଅନୁପାତରେ ମାସିକ ଦରମା ବୃଦ୍ଧି, ବନ୍ଧେଇ ଶ୍ରମିକ ମାନଙ୍କ ବଣ୍ଡଲ ପ୍ରତି ଦରବୃଦ୍ଧି, କନ୍ୟାବିବାହ ସହାୟତା ଦେବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହା ସହିତ ଲଘୁ ବନଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ ଏସ ପି) ଘୋଷଣା କରି କାର୍ଯ୍ୟକାରୀ ପ୍ରଭୃତି ଦାବୀ ଜାନୁଆରୀ ସୁଦ୍ଧା ପୂରଣ ନହେଲେ ବଡ ଧରଣର ଆନ୍ଦୋଳନ ହେବ ବୋଲି ସରକାରଙ୍କୁ ଚେତାବନୀ ଦିଆଯାଇଥିଲା ।

ଏହି ସମାବେଶ ରେ କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିସାନ, ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସଭାପତି ଭୁବନେଶ୍ୱର ଦ୍ୱିବେଦୀ, ସାମାଜିକ କର୍ମୀ ସନ୍ତୋଷ କୁମାର ପଟେଲ, ଲକ୍ଷ୍ମଣ ସାହୁ, ନୃପମନି ଧରୁଆ, ହେମନ୍ତ ବଗର୍ତି, ଅକ୍ଷୟ ମହାକୁଡ, ଫୁଲମାନି ମୁଣ୍ଡା, କେଶରୀ ବାଗ, ଝିଲ୍ଲୀ ମାଝୀ, ସୌଦାମିନି ଦେହୁରୀ, ମମତା ପଟେଲ, ଶକୁନ୍ତଳା ଦେହୁରୀ, ମଞ୍ଜୁ ଦାସ, ମିଡ଼ିଆ ସେଲ ସଂଯୋଜକ ଦେବଜ୍ୟୋତି ପଟ୍ଟନାୟକ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।

# ଉତ୍କଳ ସମ୍ମିଳନୀର ଜିଲ୍ଲାସ୍ତରୀୟ ପ୍ରତିଷ୍ଠା ଦିବସ ପାଳିତ

ଜୟପୁର,୦୧/୧ (ନି.ପ୍ର): ଜୟପୁର ଯାଦବ ଭବନ ଠାରେ ଉତ୍କଳ ସମ୍ମିଳନୀର ୧୨୨ ତମ ପ୍ରତିଷ୍ଠା ଦିବସ ସଭାପତି ମଦନ ମୋହନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ପୂର୍ବ ପୌର ଉପାଧ୍ୟକ୍ଷ ସୂର୍ଯ୍ୟନାରାୟଣ ରଥ ମୁଖ୍ୟ ବକ୍ତା ହରିହର କରସୁଧା ପଟ୍ଟନାୟକ ଏବଂ ସମ୍ମାନୀତ ଅତିଥି ଭାବେ ଆଇନଜୀବୀ ବାଲା ରାୟ ମଂଚାସୀନ ଥିଲେ । ସଭାରେ ଅବିଭକ୍ତ କୋରାପୁଟର ସମସ୍ୟା ଉପରେ କେନ୍ଦ୍ର କାର୍ଯ୍ୟକର୍ତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । କୋଟିଆ ପୋଲାଭରମ ତଥା ଗୁଣପୁର ସମସ୍ୟା ଉପରେ ବକ୍ତବ୍ୟ ପ୍ରଦାନ କରିବା ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

# କେନ୍ଦୁଝରରେ ପୋଲିସ ଇନିସ୍ପେକ୍ଟର ସ୍ତରରେ ଅଦଳବଦଳ

କେନ୍ଦୁଝର,୦୧/୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ପୋଲିସ ଇନିସ୍ପେକ୍ଟର ସ୍ତରରେ ଅଦଳ ବଦଳ କରାଯାଇଛି । ଜିଲ୍ଲା ପୋଲିସ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ପୋଲିସ ଇନିସ୍ପେକ୍ଟର ସ୍ତରରେ ଅଦଳ ବଦଳି ହୋଇଛି । ସୂଚନା ଅନୁସାରେ ଇନିସ୍ପେକ୍ଟର ସମ୍ପଦ କୁମାର ମହାନ୍ତି ଙ୍କୁ ଜିଲ୍ଲା ପୋଲିସ ମୁଖ୍ୟାଳୟ ରୁ ରୁଗୁଡ଼ି ଥାନା, ଯୋଗମାୟା ସାହୁଙ୍କୁ ମୁଖ୍ୟାଳୟରୁ ସାଇବର ଓ ଇ ଓ ଥାନା, ମିତାଲି ମଧୁଲିତା ବିଶ୍ୱାଳ ଙ୍କୁ ମୁଖ୍ୟାଳୟରୁ ହରିଚନ୍ଦନପୁର ଥାନା, କାନନ ସାହୁଙ୍କୁ ମୁଖ୍ୟାଳୟରୁ ସୋସୋ ଥାନାକୁ ବଦଳି ହୋଇଥିବାବେଳେ କିରଣ ପ୍ରସାଦ ସାହୁଙ୍କୁ ତୁରୁମୁଙ୍ଗା ଥାନାରୁ ପାଟଣା ଥାନା, ରାବିଶଙ୍କର ଭଇସାଙ୍କୁ ରୁଗୁଡ଼ି ଥାନାରୁ ପାଣ୍ଡପଡା ଥାନା,ମାନସ କୁମାର ମାହାକୁଳ ଙ୍କୁ ପାଟଣା ଥାନାରୁ ଜିଲ୍ଲା ପୋଲିସ ମୁଖ୍ୟାଳୟ ଏବଂ ଇନିସ୍ପେକ୍ଟର ଦେବକୀ ନାଏକଙ୍କୁ ହରିଚନ୍ଦନପୁର ଥାନାରୁ ଜିଲ୍ଲା ପୋଲିସ ମୁଖ୍ୟାଳୟକୁ ବଦଳି ହୋଇଛି ।

# ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ

ନୂଆପଡ଼ା,୦୧/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ ଚଲାନପଡ଼ା ରାମନାଥ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର ଠାକୁରଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସମାରୋହ ଆଜି ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ସହକାରୀ ଶିକ୍ଷକ ଗୋପାଳ ନାରୟଣ ଯୋଶୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ରାମନାଥ ଉଚ୍ଚ ବିଦ୍ୟାପୀଠର ପ୍ରତିଷ୍ଠାତା ଦୁଃଖ ଭଞ୍ଜନ ସିଂ ବାରିକ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ସଭାପତି ଶ୍ରୀରାମ ସମରେନ୍ଦ୍ର ସିଂ ବାରିକ, ସଦସ୍ୟ ପ୍ରଶାନ୍ତ କୁମାର ବାରିକ ଯୋଗଦାନ କରି ଅବସର ଗ୍ରହଣ କରିଥିବା ଶ୍ରୀ ଠାକୁରଙ୍କ ଶିକ୍ଷକ ଜୀବନୀ ସହ ବ୍ୟକ୍ତିଗତ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କ୍ରୀଡା ଶିକ୍ଷକ ରାଜକପୁର ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷକ ସନତ କୁମାର ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ସହକାରି ଶିକ୍ଷକ ଦିନନାଥ ସାହୁ, ଅତିଥି ଶିକ୍ଷକ ବିରେନ୍ଦ୍ର କୁମାର ନନ୍ଦ, ଅବସର ଗ୍ରହଣ କରିଥିବା ଶିକ୍ଷକ ଫକୀର ମୋହନ ଦାସ, ଅତିଥି ଶିକ୍ଷକ ପ୍ରଭାକର ପଟ୍ଟନାୟକ, ଚତୁର୍ଥ କର୍ମଚାରୀ ଲିଙ୍ଗରାଜ ବେହେରା, ସୁରେଶ କୁମାର ମାଝୀ, ରୋଷେୟା ଜୟନ୍ତୀ ରାଉତ, ସୁଜାତା ବାରିକ, ଗାୟତ୍ରୀ ବାରିକ ଉପସ୍ଥିତ ରହି ସହଯୋଗ କରିଥିଲେ।

ଧ୍ୱନି ପ୍ରତିଧ୍ୱନି
୩ ♣ ବାଲେଶ୍ୱର ♣ ଶୁକ୍ରବାର, ୦୨ ଜାନୁଆରୀ ୨୦୨୬

# ବିଚିତ୍ରା

## ଶୀତଦିନେ ଖଜୁରୀ ଶରୀର ପାଇଁ ଅମୃତ; ଖାଇଲେ ମିଳିବ ଚମ୍ତ୍କାରୀ ଫାଇଦା



ଖଜୁରୀ କେବଳ ଏକ ସ୍ୱାଦିଷ୍ଟ ଡ୍ରାଏ ଫ୍ରୁଟ୍ ନୁହେଁ, ବରଂ ଏହା ଅନେକ ପୋଷକ ତତ୍ତ୍ୱର ଭଣ୍ଡାର। ଏହାର ପ୍ରକୃତି ଗରମ ହୋଇଥିବାରୁ ଏହା ଶରୀରକୁ ଭିତରୁ ଉଷ୍ମତା ପ୍ରଦାନ କରେ । ଏଥିରେ ଥିବା ପ୍ରଚୁର ଆଣ୍ଟି-ଅକ୍ସିଡେଣ୍ଟ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ ।

ଶୀତର ଶିତୁଆ ସକାଳେ ଯେତେବେଳେ ଚାରିଆଡେ ଥଣ୍ଡାର ପ୍ରକୋପ ବଢେ, ସେତେବେଳେ ଆମ ଶରୀରକୁ ସୁସ୍ଥ ଓ ଉଷୁମ ରଖିବା ପାଇଁ ପ୍ରକୃତି ଆମକୁ ଅନେକ ଚମତ୍କାରୀ ଉପହାର ଦେଇଛି । ସେହିଭଳି ଏକ ଶକ୍ତିଶାଳୀ ଖାଦ୍ୟ ହେଉଛି ଖଜୁରୀ । ସାଧାରଣତଃ ଆମେ ଏହାକୁ ଏକ କୋଳି ଭାବରେ ଜାଣିଥାଉ, କିନ୍ତୁ ଆୟୁର୍ବେଦ ଶାସ୍ତ୍ରରେ ଏହାକୁ ଏକ ମହୌଷଧିର ମାନ୍ୟତା ଦିଆଯାଇଛି । ବିଶେଷ କରି ଶୀତଦିନେ ଏହାର ସେବନ ଶରୀରକୁ ରୋଗମୁକ୍ତ ରଖିବା ସହ ଅଦ୍ଭୁତ ଶକ୍ତି ପ୍ରଦାନ କରିଥାଏ ।

ଖଜୁରୀ କେବଳ ଏକ ସ୍ୱାଦିଷ୍ଟ ଡ୍ରାଏ ଫ୍ରୁଟ୍ ନୁହେଁ, ବରଂ ଏହା ଅନେକ ପୋଷକ ତତ୍ତ୍ୱର ଭଣ୍ଡାର । ଏହାର ପ୍ରକୃତି ଗରମ ହୋଇଥିବାରୁ ଏହା ଶରୀରକୁ ଭିତରୁ ଉଷ୍ମତା ପ୍ରଦାନ କରେ । ଏଥିରେ ଥିବା ପ୍ରଚୁର ଆଣ୍ଟି-ଅକ୍ସିଡେଣ୍ଟ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ, ଯାହାଦ୍ୱାରା ଋତୁକାଳୀନ ଥଣ୍ଡା, କାଶ ଏବଂ ଜ୍ୱର ଭଳି ସମସ୍ୟା ଆମ ପାଖ ମାଡ଼ିନଥାଏ । କେବଳ ସେତିକି ନୁହେଁ, କ୍ୟାଲସିୟମ୍ ଏବଂ ମ୍ୟାଗ୍ନେସିୟମ୍ ଭରପୂର ଥିବାରୁ ଏହା ହାଡ଼କୁ ମଜବୁତ କରିବା ସହ ଶୀତଦିନେ ହେଉଥିବା ଗଣ୍ଠି ଯନ୍ତ୍ରଣାରୁ ମଧ୍ୟ ମୁକ୍ତି ଦେଇଥାଏ । ଯେଉଁମାନଙ୍କ ଶରୀରରେ ରକ୍ତହୀନତା ବା ଆଇରନ୍ ?ର ଅଭାବ ରହିଛି, ସେମାନଙ୍କ ପାଇଁ ଖଜୁରୀ ଏକ ବରଦାନ ସଦୃଶ । ଏହା ଶରୀରରେ ହେମୋଗ୍ଲୋବିନ୍ ମାତ୍ରା ବଢ଼ାଇବା ସହ ଶାରୀରିକ ଦୁର୍ବଳତା ଦୂର କରି ତୁରନ୍ତ ଏନର୍ଜି ଦେଇଥାଏ । ଏଥିରେ ଥିବା ପ୍ରଚୁର ଫାଇବର ହଜମ ପ୍ରକ୍ରିୟାକୁ ସୁଧାରିବା ସହ କୋଷ୍ଠକାଠିନ୍ୟ ସମସ୍ୟାକୁ ସମୂଳେ ବିନାଶ କରିବାରେ ସକ୍ଷମ ।

ଆୟୁର୍ବେଦିକ ଡାକ୍ତରଙ୍କ ଅନୁଯାୟୀ, ଖଜୁରୀର ସମ୍ପୂର୍ଣ୍ଣ ଫାଇଦା ପାଇବା ପାଇଁ ଏହାକୁ ଖାଇବାର ଏକ ନିର୍ଦ୍ଦିଷ୍ଟ ଶୈଳୀ ରହିଛି । ସାଧାରଣ ଭାବେ ଖଜୁରୀକୁ ଚୋବାଇ ଖାଇବା ଅପେକ୍ଷା କ୍ଷୀର ସହିତ ସେବନ କଲେ ଏହାର ଗୁଣବତ୍ତା ବହୁଗୁଣିତ ହୋଇଥାଏ । ଏଥିପାଇଁ ୨ ରୁ ୩ଟି ଖଜୁରୀକୁ ଭଲ ଭାବରେ ଧୋଇ ତା'ର ମଞ୍ଜି ବାହାର କରି ଦିଅନ୍ତୁ । ଏହାକୁ ଏକ ଗ୍ଲାସ୍ କ୍ଷୀରରେ ପକାଇ କିଛି ସମୟ ଭଲ ଭାବରେ ଫୁଟାନ୍ତୁ । ଯେତେବେଳେ କ୍ଷୀରର ରଙ୍ଗ ସାମାନ୍ୟ ବଦଳିଯିବ ଏବଂ ଶୁଖିଲା ଖଜୁରୀ ନରମ ହୋଇଯିବ, ପ୍ରଥମେ ତାହାକୁ ଚୋବାଇ ଖାଆନ୍ତୁ ଏବଂ ଉଷୁମ କ୍ଷୀରକୁ ପିଇ ଦିଅନ୍ତୁ । ରାତିରେ ଶୋଇବା ପୂର୍ବରୁ ଏହି ପ୍ରକ୍ରିୟାରେ ଖଜୁରୀ ସେବନ କଲେ ଗଭୀର ନିଦ ହେବା ସହ ଦିନସାରାର କ୍ଲାନ୍ତି ଦୂର ହୋଇଥାଏ। ଯେଉଁମାନେ ଶାରୀରିକ ବ୍ୟାୟାମ କରନ୍ତି, ସେମାନେ ସକାଳ ଜଳଖିଆରେ ମଧ୍ୟ ଏହାକୁ ସାମିଲ କରିପାରିବେ ।

ତେବେ ଏହାକୁ ଖାଇବା ସମୟରେ କିଛି ସତର୍କତା ଅବଲମ୍ବନ କରିବା ମଧ୍ୟ ଜରୁରୀ । ଖଜୁରୀରେ ପ୍ରାକୃତିକ ଶର୍କରା ଅଧିକ ଥିବାରୁ ମଧୁମେହ ବା ଡାଇବେଟିସ୍ ରୋଗୀମାନେ ନିଜ ଡାକ୍ତରଙ୍କ ପରାମର୍ଶ ନେଇ ଏହାକୁ ଖାଇବା ଉଚିତ୍ । ସୁସ୍ଥ ବ୍ୟକ୍ତିଙ୍କ ପାଇଁ ଦିନକୁ ୨ ରୁ ୩ଟି ଖଜୁରୀ ଯଥେଷ୍ଟ । ଏହି ସରଳ ଏବଂ ପ୍ରାକୃତିକ ଉପାୟକୁ ଆପଣାଇ ଆପଣ ଶୀତଦିନେ ନିଜକୁ ସୁସ୍ଥ, ସବଳ ଏବଂ ଶକ୍ତିଶାଳୀ ରଖିପାରିବେ ।




ଆପଣ ଯେତେବେଳେ କେଉଁ ମେଳା , ଯାନିଯାତ କିମ୍ବା ସପିଂ ମଲ୍ ବୁଲିବାକୁ ଯାଇଥିବେ ତା'ହେଲେ ସେଠାରେ ବାହାରେ ବିକ୍ରି ହେଉଥିବା କଟନ୍ କ୍ୟାଣ୍ଡି ଯାହାକୁ ବମ୍ବେ ଲଡୁ ବା ବୁଢ଼ିଆ ବାଲ୍ କୁହାଯାଏ ତାହା କେବେ ନା କେବେ ଖାଇଥିବେ । ଖାସ୍ କରି ଯଦି ସାଙ୍ଗରେ ଛୋଟ ପିଲା ଗଲେ ତା'ହେଲେ ଏହି ଗୋଲାପୀ ରଙ୍ଗର ମିଠେଇ ଖାଇବାକୁ ହିଁ ପଡ଼ିବ । ତେବେ ଛୋଟପିଲାଙ୍କୁ ଭାରି ପସନ୍ଦ ଏହି ବମ୍ବେ ଲଡୁ ସ୍ୱାସ୍ଥ୍ୟ ପ୍ରତି କେତେ କ୍ଷତିକାରକ ଆପଣ ଜାଣିଛନ୍ତି କି ? ତାମିଲନାଡୁ ସରକାର ଏହି କ୍ୟାଣ୍ଡିର ଉତ୍ପାଦନକୁ ବର୍ଷେ ତଳେ ହିଁ ବନ୍ଦ କରି ଦେଇଥିଲେ । ଯାହାର କାରଣ ଥିଲା 'ରୋଡାମାଇନ୍ ବି' । ପିଲାଙ୍କ ମଧ୍ୟରେ ଅଧିକ ଖିଆ ଯାଉଥିବା ଏହି କଟନ୍ କ୍ୟାଣ୍ଡିରେ କିଛି ବିକ୍ରେତା ରୋଡାମାଇନ୍ ବି ଭଳି ହାନିକାରକ ରାସାୟନିକ ପଦାର୍ଥର ବ୍ୟବହାର କରୁଥିଲେ ବୋଲି ସୂଚନା ମିଳିଥିଲା । ଯାହା ଫଳରେ ପ୍ରଥମେ ପଣ୍ଡିଚେରୀ ଏବଂ ପରେ ତାମିଲନାଡୁରେ ଏହାର ଉତ୍ପାଦନକୁ ବନ୍ଦ କରାଗଲା । ତେବେ ରୋଡାମାଇନ୍ ବି'ର ବ୍ୟବହାର କ୍ୟାଣ୍ଡିର ରଙ୍ଗ ଗୋଲାପୀ କରେ ବୋଲି ସେତେବେଳେ କୁହାଯାଇଥିଲା । ଏହା ଏକପ୍ରକାର ରାସାୟନିକ ଯୌଗିକ ଯାହା ଚୁଟି କଲର୍ କରିବା ପାଇଁ ବ୍ୟବହାର କରାଯାଏ । କିନ୍ତୁ ଏଥିରେ ଥିବା ରାସାୟନିକ ପଦାର୍ଥ ପେଟକୁ ଗଲେ ନାନା ପ୍ରକାରର ରୋଗର ବାହକ ହେବା କାରଣରୁ ଦକ୍ଷିଣ ଭାରତର ଅନେକ ସ୍ଥାନରେ ଏହି କଟନ୍ କ୍ୟାଣ୍ଡିକୁ ବ୍ୟାନ୍ କରାଯାଇଛି । ଅଧ୍ୟୟନରୁ ଜଣାପଡ଼େ ଯେ ରୋଡାମାଇନ୍ ବିର ଅଧିକ ସେବନ କରିବା ଦ୍ୱାରା କ୍ୟାନ୍ସର,ଲିଭର୍ ସମସ୍ୟା ଏବଂ ଶରୀରରେ ବିଷାକ୍ତ ପଦାର୍ଥର ମାତ୍ରା ବଢ଼ି ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାର ରୂପ ନେଇଥାଏ । ତାମିଲନାଡୁରେ କଟନ୍ କ୍ୟାଣ୍ଡିର ପ୍ରତିବନ୍ଧ ଖାସ୍ କରି ଛୋଟ ପିଲାଙ୍କ ପାଇଁ ଅଣାଗଲା । ଭାରତର ପ୍ରତି ଗଳିରେ ସହଜରେ ମିଳିଯାଉଥିବା ଏହି କ୍ୟାଣ୍ଡି ଦେହ ପାଇଁ କେତେ କ୍ଷତିକାରକ ଜାଣିବା ପରେ ବାପା,ମା'ମଧ୍ୟ ସଚେତନ ହେଉଛନ୍ତି । ବର୍ତ୍ତମାନ ଇନଷ୍ଟାରେ ଏକ ଭିଡିଓ ଭାଇରାଲ୍ ହେଉଛି ଯେଉଁଥିରେ ପ୍ରଫେସର ବି.ପି.ଏସ୍ ତ୍ୟାଗି ନାମକ ଜଣେ ଜଣାଶୁଣା ଡାକ୍ତର ଏହି କ୍ୟାଣ୍ଡିର ନକରାତ୍ମକ ପ୍ରଭାବ ଉପରେ ସଚେତନ କରାଉଥିବାର ନଜର ଆସିଛନ୍ତି । ଡାକ୍ତର ଭିଡିଓରେ କହୁଛନ୍ତି ଯେ କ୍ୟାଣ୍ଡିରେ ବ୍ୟବହୃତ ରଙ୍ଗ ପେଟକୁ ଯିବା ଫଳରେ ଏହା ମୂତ୍ର କିମ୍ବା ମଳ ଭାବରେ ବାହାରକୁ ବାହାରେ ନାହିଁ ବରଂ ଲିଭରରେ ଜମା ହୁଏ । ଯାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଅନ୍ୟପଟେ ଏଥିରେ ଯେଉଁ ଜରିର କଭର୍ ଲଗାଯାଏ ବେଳେବେଳେ ବିକ୍ରେତା ମେସିନ୍ ବଦଳରେ ପାଟିରେ ପବନ ଭରିଥା'ନ୍ତି ଯାହାଦ୍ୱାରା ସେମାନଙ୍କ ଶରୀରର ଯେଉଁ ସଂକ୍ରମଣ ରୋଗ ଥିବ ତାହା କ୍ୟାଣ୍ଡି ଖାଉଥିବା ଛୁଆଙ୍କ ଭିତରକୁ ପ୍ରବେଶ କରେ । ଏହାଦ୍ୱାରା ଛୋଟ ଛୁଆଙ୍କ ସ୍ୱାସ୍ଥ୍ୟ ଅଧିକ ଖରାପ ହୋଇଥାଏ । ଯେହେତୁ ଛୋଟ ପିଲାଙ୍କୁ ଏହି କ୍ୟାଣ୍ଡି ଖାଇବା ବହୁତ ପସନ୍ଦ ତେଣୁ ସେମାନଙ୍କ ଅଜାଣତରେ ହିଁ ଛାତିରେ ଇନଫେକ୍ସନ,ଟ୍ୟୁମର୍ କ୍ଲସେସ୍ ଭଳି ସଂକ୍ରମଣ ରୋଗ ବ୍ୟାପିଯାଏ । ତେବେ ସମୟ ପୂର୍ବରୁ ଏଥିପ୍ରତି ସତର୍କ ନହେଲେ ଜୀବନ ଚାଲିଯିବାର ଭୟ ମଧ୍ୟ ଲାଗିରୁହେ ।




ମୁଖମଣ୍ଡଳର ସୁନ୍ଦରତା ପାଇଁ କିଏ କେତେ ଉପାୟ ଅବଲମ୍ବନ କରୁଛନ୍ତି। ଏମିତି କି ଘରୋଇ ଉପଚାର ମଧ୍ୟ କରୁଛନ୍ତି। କିଛି କିଛି ଜିନିଷ ଆମ ହାତ ପାହାନ୍ତାରେ ଥାଏ କିନ୍ତୁ ଆମେ ଏହାର ଠିକ୍ ଉପଯୋଗ କରିପାରୁ ନାହୁଁ। ଏହା ମଧ୍ୟରେ ରହିଛି ତୁଳସୀ ପତ୍ର। ଆମ ଘର ସମ୍ମୁଖରେ ନିତି ପାଇବା। ତେବେ ଚାଲନ୍ତୁ ଏହା ଆମ ତ୍ୱଚା ପାଇଁ କେତେ ଉପକାରୀ ଜାଣିବା...

ଖରା, ଝାଳ, ଧୂଳି, ଧୂଆଁ ଆଦି ପ୍ରଭାବରୁ ତ୍ୱଚାକୁ ସୁରକ୍ଷା ପ୍ରଦାନ କରିବା ସହ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଲାଗି ତୁଳସୀ ଏକ ବରଦାନ ସଦୃଶ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ୍ ଭରପୂର ମାତ୍ରାରେ ରହିଛି, ଯାହା ଖରାପ ତ୍ୱଚାକୁ ଏକ ଚମକ ଦେବାରେ ସାହାଯ୍ୟ କରିବା ସହ କୁଞ୍ଚନରେଖାକୁ ଦୂର କରିବାରେ ସାହାଯ୍ୟ କରିଥାଏ। ଏହାର ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ତ୍ୱଚାକୁ ବ୍ୟାକ୍ଟେରିଆଲ୍ ଇନ୍‌ଫେକ୍ସନ, ବ୍ରଣ ଆଦି ସମସ୍ୟାରୁ ରକ୍ଷା କରିଥାଏ। ଏଥିରେ ଭିଟାମିନ୍ ସି ମାତ୍ରା ଅଧିକ ଥିବାରୁ ତ୍ୱଚାକୁ ଚମକପ୍ରଦ ରଖିଥାଏ। ଜାଣ

ପ୍ରସ୍ତୁତ ପ୍ରଣାଳୀ: ପତ୍ରକୁ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏକ ଚାମଚ ଏହି ପେଷ୍ଟ ସହିତ ଏକ ଚାମଚ ଓଟ୍‌ମିଲ୍ ଏବଂ ଅଳ୍ପ କ୍ଷୀର ମିଶାଇ ସ୍କ୍ରବ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୫-୧୦ ମିନିଟ୍ ଧୀରେ ଧୀରେ ମସାଜ୍ କରନ୍ତୁ ଏବଂ ପାଣିରେ ମୁହଁ ଧୋଇ ଦିଅନ୍ତୁ। ସପ୍ତାହରେ ଥରେ କିମ୍ବା ଦୁଇ ଥର ଏପରି କଲେ ତ୍ୱଚାରେ ଜମିଥିବା ମଳି ସଫା ହେବ। ଯାହାଦ୍ୱାରା ବ୍ରଣ ସମସ୍ୟା ଦେଖାଦେବ ନାହିଁ।

ପତ୍ର ବଟା କିମ୍ବା ଏହାର ପାଉଡ଼ର ଦୁଇ ଚାମଚ ନିଅନ୍ତୁ। ସେଥିରେ ଏକ ଚାମଚ ମୁଲତାନି ମାଟି ଏବଂ ଅଧାଚାମଚ ଲେମ୍ବୁରସ ମିଶାନ୍ତୁ। ସେଥିରେ ଅଳ୍ପ ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁ ଏବଂ ବେକରେ ଲଗାଇ ୧୦ ମିନିଟ୍ ରଖିବା ପରେ ପାଣିରେ ଧୋଇ ଦିଅନ୍ତୁ। ଏହା ତ୍ୱଚାର କଳାଦାଗ ସମସ୍ୟା କମାଇବା ସହ ମୁହଁରେ ଚମକ ଆସିଥାଏ।




ଶୀତ ପଡ଼ିଲାଣି ମତେ ଥଣ୍ଡା, କାଶ ହେବା ଗୋଟେ ସାଧାରଣ ସମସ୍ୟା । କେବେ କାଶ ଶୀଘ୍ର ଭଲ ହୋଇଯାଏ ହେଲେ ଅନେକ ସମସ୍ୟାରେ କାଶ ସପ୍ତାହ ସପ୍ତାହ ଧରି ଲାଗି ରୁହେ । ଏମିତି କାଶ ଯେ ନା କଥା କହିହୁଏ ନା ଶୋଇହୁଏ । କିନ୍ତୁ ଏଭଳି କିଛି ଘରୋଇ ଉପଚାର ଅଛି ଯାହା ଆପଣାଇଲେ ଯେତେ ଦିନର କାଶ ହେଉ ପଛେ ଭଲ ହୋଇଯିବ । ଏବେ ଜାଣନ୍ତୁ କିଛି ଘରୋଇ ଉପଚାର : କାଶ ଦୁଇଟି କାରଣରୁ ହୋଇପାରେ ପେଟ ଗରମ ହେଲେ ଶୁଖିଲା କାଶ ହୁଏ । ଥଣ୍ଡା ହେଲେ କଫ ଜମି ଲହରା କାଶ ହୁଏ । ଫଳରେ ତଣ୍ଟି ଟି ଛିଡ଼ିଯାଇ ରକ୍ତ ବି ବେଳେ ବେଳେ ପଡ଼େ । କାଶ ଯୋଗୁଁ ତଣ୍ଟି , ବି ଦରଜ ହୋଇ ସ୍ୱର ପଡ଼ିଯାଏ । ତେବେ ଯଦି ଆପଣଙ୍କର ଶୁଖିଲା କାଶ ହେଉଛି , ତାହେଲେ ଚିମୁଟେ ହଦଳି ଗୁଣ୍ଡ ନିଅନ୍ତୁ । ଏହାକୁ କଳରେ ଜାତି ରଖି ଏହାକୁ ଧୀରେ ଧୀରେ ଢ଼ୋକନ୍ତୁ। ଯେମିତି କିଛି ଚକଲେଟ୍ କି ଅଁଳା ଜାତି ତାର ରସକୁ ଧୀରେ ଧୀରେ ଢ଼ୋକନ୍ତି ସେଭଳି ହଳଦୀର ରସକୁ ଢ଼ୋକନ୍ତୁ । ହଳଦି ବେଷ୍ଟ ଆଣ୍ଟିବାୟୋଟିକ୍ ହୋଇଥିବାରୁ ଏହା ଧୀରେ ଧୀରେ ଗଳାକୁ ଠିକ କରିବା ସହ କାଶ ସମସ୍ୟାକୁ ଦୂରେଇ ଦେବ । ହଁ ବ୍ୟବହାର କରୁଥିବା ହଳଦି ଶୁଦ୍ଧ ହୋଇଥିବା ଦରକାର । କାରଣ ବଜାରରେ ମିଳୁଥିବା ଅଧିକାଂଶ ହଳଦି ଅପମିଶ୍ରିତ ବା ଭେଜାଲ ହୋଇଥିବା କାରଣରୁ ଏହାର ଔଷଧୀୟ ଗୁଣ ଉପରେ ବି ସନ୍ଦେହ ରହିଛି । କାଶ ପାଇଁ ହଳଦିର ଉପଚାର ଥରକରେ ଯଦି କାମ ନଦିଏ ଏହାକୁ ଦ୍ୱିତୀୟ ଥର ବ୍ୟବହାର କରନ୍ତୁ ନିଶ୍ଚୟ ଉପଶମ ମିଳିବ । ଦିନକୁ ୪ରୁ ୫ ଥର ହଳଦୀ ଗୁଣ୍ଡକୁ କଳରେ ଜାକିଲେ ଉପଶମ ମିଳିବ ନିଶ୍ଚୟ ।

ଏବେ ଜାଣିବା କଫ କାଶ ବା ଥଣ୍ଡା କାଶ ହେଲେ କ'ଣ କରିବେ : ଗୋଟେ ଚାମଚ ଅଦାରସ ନିଅନ୍ତୁ । ସେଥିରେ ଅଧା ଚାମଚ ମହୁ ମିଶାଇ ଏହାକୁ ଦିନକୁ ୩ରୁ ୪ ଥର ସେବନ କରନ୍ତୁ । ଦେଖିବେ ଗଳାରୁ କଫ ଖସିବ ଏବଂ ଗଳା ସଫା ହୋଇଯିବ । କଫ ତରଳି କାଶ ବାଟେ ବାହାରିଯିବ । ଏବଂ ଦିନେ ଦୁଇ ଦିନରେ ଏହି ଘରୋଇ ଉପଚାର ଘୋର କାଶ ସମସ୍ୟାକୁ ବି ଦୂରେଇଦେବ । ଏହି ପଥିର ପ୍ରଥମ ବ୍ୟବହାରରେ ହିଁ ହାଲକା ଅନୁଭବ କରିବେ । ଆଉ ୩ରୁ ୪ଥରର ବ୍ୟବହାର କାଶ ସମସ୍ୟାକୁ ନିଶ୍ଚୟ ଦୂର କରିବ । ତେବେ ଆଜି ହିଁ ଏହି ଘରୋଇ ଉପଚାର ଆପଣାନ୍ତୁ ଏବଂ କାଶରୁ ମୁକ୍ତି ପାଆନ୍ତୁ ।

## ଜାଣନ୍ତୁ ଶରୀରରେ କେଉଁ ରୋଗ ସାଜିଥାଏ ସାଇଲେଣ୍ଟ କିଲର



ସାଧାରଣତଃ ଶରୀରରେ କୌଣସି ସମସ୍ୟା ଥିଲେ ତାହା ଆପଣାଛାଏଁ ସଙ୍କେତ ଦେଇ ଦେଇଥାଏ । କିନ୍ତୁ ଆପଣମାନେ ଜାଣନ୍ତି କି ଏମିତି ଅନେକ ଗମ୍ଭୀର ରୋଗ ଅଛି ଯାହାକୁ ସାଇଲେଣ୍ଟ କିଲର କୁହାଯାଏ । ଏହି ରୋଗଗୁଡ଼ିକ କୌଣସି ସଙ୍କେତ ବିନା ଧୀରେଧୀରେ ଶରୀରରେ ପ୍ରଭାବ ବିସ୍ତାର କରିଚାଲିଥାଏ । ଯାହାଫଳରେ ଆଗାମୀ ଦିନରେ ଯକୃତ, ବୃକକ୍ ଏବଂ ପାନକ୍ରିୟାସ୍ ଭଳି ଅଙ୍ଗଗୁଡ଼ିକ ନଷ୍ଟ ହେବାକୁ ଲାଗିଥାଏ ।ତେଣୁ, ଏହି ରୋଗଗୁଡ଼ିକ ପ୍ରତି ସଚେତନ ରହିବା ନିହାତି ଆବଶ୍ୟକ । ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ, ଏକ ସୁସ୍ଥ ଜୀବନଶୈଳୀ ଏବଂ ସମୟାନୁସାରେ ସ୍କ୍ରିନିଂ ଏହି ଲୁକ୍କାୟିତ ବିପଦରୁ ରକ୍ଷା କରିବାର ସବୁଠାରୁ ପ୍ରଭାବଶାଳୀ ଉପାୟ । ଯକୃତରେ ଅତ୍ୟଧିକ ଚର୍ବି ଜମା ହୋଇ ରହିଛି କି। ଡାକ୍ତର ଆପଣଙ୍କୁ ଫ୍ୟାଟି ଲିଭରର ସଙ୍କେତ ଦେଇଛନ୍ତି କି ? ଶରୀରରେ ଯଦି ଏହି ସମସ୍ୟା ରହିଛି ତେବେ ଆଗାମୀ ଦିନରେ ଆପଣଙ୍କ ଜୀବନ ବିପଦରେ ପଡ଼ିପାରେ । ପ୍ରାରମ୍ଭିକ ସମୟରେ ଏହା କୌଣସି ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ଦେଖାଦିଏ ନାହିଁ। ଏହି କାରଣରୁ ଅନେକ ଲୋକ ଏହାକୁ ଗମ୍ଭୀରତାର ସହ ନିଅନ୍ତି ନାହିଁ । ଯଦି ଏହାର ଶୀଘ୍ର ସମାଧାନ ନ କରାଯାଏ, ତେବେ ଏହା ଯକୃତକୁ ଧୀରେଧୀରେ ନଷ୍ଟ କରି ଦେଇଥାଏ। ହୃଦରୋଗ ମଣିଷ ମୃତ୍ୟୁର ପ୍ରମୁଖ କାରଣ ପାଲଟିଗଲାଣି। ପ୍ରାରମ୍ଭିକ ପର୍ଯ୍ୟାୟରେ ହୃଦରୋଗ ଥିଲେ ଏହା କୌଣସି ପ୍ରକାର ଲକ୍ଷଣ ଦେଖା ଦେଇ ନଥାଏ। । ଉଦାହରଣ ସ୍ୱରୂପ ଧମନୀଗୁଡ଼ିକ ଧୀରେ ଧୀରେ ସଂକୁଚିତ ହୁଏ, କୌଣସି ଯନ୍ତ୍ରଣା କିମ୍ବା ଅସ୍ୱସ୍ତିକର ଅନୁଭବ ହୁଏ ନାହିଁ କିନ୍ତୁ ହଠାତ୍ ହୃଦଘାତ ହେବାର ଆଶଙ୍କା ରହିଥାଏ । ସାଇଲେଣ୍ଟ ହାର୍ଟଆଟାକ ଅତ୍ୟନ୍ତ ବିପଜ୍ଜନକ । ଏହି ହାର୍ଟଆଟାକ ହେଲେ ଛାତିରେ ଯନ୍ତ୍ରଣା ହୋଇ ନଥାଏ କିନ୍ତୁ ଥକ୍କାପଣ, ହାଲୁକା ଯନ୍ତ୍ରଣା, ଶ୍ୱାସକ୍ରିୟାରେ ସାମାନ୍ୟ ସମସ୍ୟା ଦେଖା ଦେଇଥାଏ ଯାହାକୁ ଲୋକମାନେ ପ୍ରାୟତଃ ଅଣଦେଖା କରି ଦେଇଥାଆନ୍ତି। ଉଚ୍ଚ ରକ୍ତଚାପ ବି ସାଇଲେଣ୍ଟ କିଲର ରୋଗ ତାଲିକାରେ ସାମିଲ ଅଛି । ଏହା ପ୍ରାୟତଃ କୌଣସି ସତର୍କ ସୂଚନା ବିନା ମାଡ଼ିମାଡ଼ି ଚାଲିଥାଏ । ଏହା ଧୀରେଧୀରେ ରକ୍ତବାହୀ ନଳୀକୁ କ୍ଷତି ପହଞ୍ଚାଇବା ସହିତ ହୃଦଘାତ, ଷ୍ଟ୍ରୋକ ଏବଂ ବୃକକ୍ ବିଫଳତାର କାରଣ ହୋଇପାରେ । ଐଓଠ ସଂକ୍ରମଣ ପ୍ରାରମ୍ଭରେ କୌଣସି ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ଦେଖାଇ ନଥାଏ । ପ୍ରାୟତଃ, ହାଲୁକା ଜ୍ୱର କିମ୍ବା ଗଳା ଯନ୍ତ୍ରଣା ଭଳି ଲକ୍ଷଣ ଦେଖାଯାଏ। ଯାହାକୁ ଲୋକମାନେ ପ୍ରାୟତଃ ଅଣଦେଖା କରିଥାଆନ୍ତି ଏବଂ ଭାବିଥାନ୍ତି ଯେ ଏହା ଏକ ସାଧାରଣ ଭାଇରସ୍ ସଂକ୍ରମଣ। ତଥାପି ଏହି ଭାଇରସ୍ ଧୀରେଧୀରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରି ଦେଇଥାଏ।

*ଟାଇପ୍ ୨ ମଧୁମେହ:*

ଏହି ରୋଗରେ ଶରୀରର ଇନସୁଲିନ୍ ଠିକ୍ ଭାବରେ ପ୍ରତିକ୍ରିୟା କରେ ନାହିଁ କିମ୍ବା ପର୍ଯ୍ୟାପ୍ତ ଇନସୁଲିନ୍ ଉତ୍ପାଦନ କରେ ନାହିଁ । ପ୍ରାରମ୍ଭରେ ଏହା କୌଣସି ସ୍ପଷ୍ଟ ଲକ୍ଷଣ ଦେଖାଇ ନଥାଏ କିନ୍ତୁ ଧୀରେ ଧୀରେ ଏହା ହୃଦୟ, ବୃକକ୍, ଆଖି ଏବଂ ସ୍ନାୟୁକୁ କ୍ଷତି ପହଞ୍ଚାଇବା ଆରମ୍ଭ କରି ଦେଇଥାଏ।ସୁସ୍ଥ ଯକୃତ ପାଇଁ ପ୍ରତିଦିନ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ ନିୟମିତ ବ୍ୟାୟାମ କରନ୍ତୁ। ଓଜନକୁ ନିୟନ୍ତ୍ରଣ ରଖିବା ସହିତ ନିୟମିତ ଯକୃତ ପରୀକ୍ଷା କରନ୍ତୁ ।

## ସ୍ୱାସ୍ଥ୍ୟ ଉପାଦେୟ ଗେଣ୍ଡା



ଗେଣ୍ଡା ମାଂସ ଆମ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପାଦେୟ। ସାଧାରଣତଃ ବନବାସୀମାନେ ବିଲବାଡ଼ିରୁ 'ଗେଣ୍ଡା' ଧରିଆଣି ସେଥିରେ ସ୍ୱାଦିଷ୍ଟ ତରକାରି ତିଆରିକରି ଖାଉଥିବାର ଆମେ ଜାଣୁ। ଆଜି ସେହି ବ୍ୟଞ୍ଜନ ୟୁରୋପର ବିଭିନ୍ନ ଦେଶରେ ଖୁବ୍ ଆଦର ଲାଭକରିଛି। ଗେଣ୍ଡାରେ ପ୍ରଚୁର ପରିମାଣରେ ପ୍ରାଣୀଜ ପ୍ରୋଟିନ୍ ସହିତ ଲୌହସାର, ଖାଦ୍ୟସାର(ଭିଟାମିନ୍ ଏ, ଇ, ବି୧୨), ଖଣିଜ ପଦାର୍ଥ(କ୍ୟାଲ୍‌ସିଅମ୍, ପଟାସିଅମ୍, ମ୍ୟାଗ୍ନେସିଅମ୍, ଫସ୍‌ଫରସ୍) ଥାଏ। ମଣିଷ ସ୍ୱାସ୍ଥ୍ୟ ପାଇଁ ଅତୀବ ଆବଶ୍ୟକ ଆମିନୋ ଏସିଡ୍, ଓମେଗା-୩ ଫ୍ୟାଟି ଏସିଡ୍ ରହିଥିବା ଯୋଗୁଁ ହୃଦ୍‌ରୋଗୀଙ୍କ ପାଇଁ ଗେଣ୍ଡା ମାଂସ ଏକପ୍ରକାର ମହୌଷଧି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ଗେଣ୍ଡା ମାଂସ ନିୟମିତ ସେବନ କରୁଥିବା ବ୍ୟକ୍ତିଙ୍କୁ ବହୁମୂତ୍ର, କର୍କଟ, ଶ୍ୱାସରୋଗ ହେବାର ଆଶଙ୍କା କମ୍। ଗେଣ୍ଡା ମାଂସରେ କୋଲେଷ୍ଟ୍ରୋଲ୍ ପରିମାଣ ଅତିନଗଣ୍ୟ ଥାଏ। ଆହୁରି ବି ଗେଣ୍ଡାର ଖୋଳପାରେ କ୍ୟାଲ୍‌ସିଅମ୍ କାର୍ବୋନେଟ୍ ସମେତ କାଇଟିନ୍ ରହିଥାଏ, ଯାହା କର୍କଟ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଗେଣ୍ଡା ଦେହରୁ ନିର୍ଗତ ଲାଳ ସମେତ ବିଭିନ୍ନ ଅବଶେଷ ମଧ୍ୟ ଚର୍ମର ଉଜ୍ଜ୍ୱଳତା, ଚର୍ମରୋଗ ତଥା ଘାଆ ଓ କ୍ଷତ ଉପଶମକାରୀ। ତେଣୁ ଆମ ରାଜ୍ୟରେ ଗେଣ୍ଡା ଚାଷ ପାଇଁ ସୁଚିନ୍ତିତ ଉଦ୍ୟମ ହେବା ଆବଶ୍ୟକ ବୋଲି ମନେହୁଏ।

# ଶିଳ୍ପ ଋଣ ଓ ଅଭିବୃଦ୍ଧିର ଅସଙ୍ଗତି: ଏକ ଆର୍ଥିକ ପ୍ରହେଳିକା

ଭାରତୀୟ ଅର୍ଥନୀତିର ମେରୁଦଣ୍ଡ କହିଲେ ଆମେ ସାଧାରଣତଃ କୃଷି ଓ ଶିଳ୍ପ କ୍ଷେତ୍ରକୁ ବୁଝିଥାଉ, କିନ୍ତୁ ଏହି କ୍ଷେତ୍ରଗୁଡ଼ିକୁ ସଞ୍ଜୀବିତ ରଖିବା ପାଇଁ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ବ୍ୟାଙ୍କଗୁଡ଼ିକ ସାଧାରଣ ଜନତାଙ୍କ ସଞ୍ଚୟକୁ ଏକତ୍ରିତ କରି ଶିଳ୍ପ ସଂସ୍ଥାଗୁଡ଼ିକୁ ଶସ୍ତା ଦରରେ ପୁଞ୍ଜି ଯୋଗାଇଥାନ୍ତି, ଯାହା ଦେଶର ଔଦ୍ୟୋଗିକ ବିକାଶକୁ ତ୍ୱରାନ୍ୱିତ କରିଥାଏ । ତେବେ, ସମ୍ପ୍ରତି ଉପସ୍ଥାପିତ ଏକ ବିଶ୍ଳେଷଣରୁ ଭାରତୀୟ ଶିଳ୍ପ କ୍ଷେତ୍ରକୁ ପ୍ରଦାନ କରାଯାଉଥିବା ଋଣ ପ୍ରବାହରେ କିଛି ଚିନ୍ତାଜନକ ତଥ୍ୟ ଏବଂ ଏକ ରହସ୍ୟଜନକ ପର୍ଯ୍ୟବେକ୍ଷଣ ସାମ୍ନାକୁ ଆସିଛି । ବିଶେଷକରି ୨୦୧୭ ରୁ ୨୦୧୯ ଆର୍ଥିକ ବର୍ଷ ମଧ୍ୟରେ ଶିଳ୍ପ ଅଭିବୃଦ୍ଧି ଏବଂ ଋଣ ପ୍ରବାହ ମଧ୍ୟରେ ଯେଉଁ ଅସଙ୍ଗତି ଦେଖାଦେଇଛି, ତାହା ଅର୍ଥନୀତିଜ୍ଞମାନଙ୍କ ପାଇଁ ଏକ ପ୍ରହେଳିକା ସୃଷ୍ଟି କରିଛି । ଏହି ସମ୍ପାଦକୀୟ ମାଧ୍ୟମରେ ଆମେ ସେହି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଏବଂ ଏହାର ଦୂରଗାମୀ ପ୍ରଭାବ ଉପରେ ଆଲୋକପାତ କରିବା ।

ପ୍ରଥମେ ଯଦି ଆମେ ଗତ ଏକ ଦଶନ୍ଧିର ପରିସଂଖ୍ୟାନକୁ ଅନୁଧ୍ୟାନ କରିବା, ତେବେ ଦେଖିବାକୁ ମିଳିବ ଯେ ମୋଟ ବ୍ୟାଙ୍କ ଋଣରେ ଶିଳ୍ପ ଋଣର ଅଂଶ ନାଟକୀୟ ଭାବରେ ହ୍ରାସ ପାଇଛି । ୨୦୧୩ ମସିହାରେ ମୋଟ ବ୍ୟାଙ୍କ ଋଣର ପ୍ରାୟ ୪୨ ଶତାଂଶ ଶିଳ୍ପ କ୍ଷେତ୍ରକୁ ଯାଉଥିବାବେଳେ, ୨୦୨୪ ମସିହା ବେଳକୁ ଏହା ଖସିଆସି ମାତ୍ର ୨୩ ଶତାଂଶରେ ପହଞ୍ଚିଛି । ଗତ ଅର୍ଦ୍ଧ ଶତାବ୍ଦୀ ମଧ୍ୟରେ ଶିଳ୍ପ ଋଣରେ ଏଭଳି ଅଭୂତପୂର୍ବ ହ୍ରାସ କେବେବି ଦେଖାଯାଇ ନଥିଲା । ଏହି ପରିବର୍ତ୍ତନର ମୁଖ୍ୟ କାରଣ ହେଉଛି ବ୍ୟାଙ୍କଗୁଡ଼ିକର ପ୍ରାଥମିକତାରେ ପରିବର୍ତ୍ତନ । ବର୍ତ୍ତମାନ ବ୍ୟାଙ୍କଗୁଡ଼ିକ ଶିଳ୍ପ ବଦଳରେ ସେବା କ୍ଷେତ୍ର ଏବଂ ବ୍ୟକ୍ତିଗତ ଋଣ (ପର୍ସନାଲ ଲୋନ୍) ପ୍ରଦାନ କରିବାକୁ ଅଧିକ ପସନ୍ଦ କରୁଛନ୍ତି । ଆଶ୍ଚର୍ଯ୍ୟର ବିଷୟ ହେଉଛି, ନିକଟରେ ବ୍ୟକ୍ତିଗତ ଋଣର ପରିମାଣ ଶିଳ୍ପ ଋଣର ଅଂଶକୁ ମଧ୍ୟ ଅତିକ୍ରମ କରିଯାଇଛି । ଯେତେବେଳେ ଏକ ବିକାଶଶୀଳ ରାଷ୍ଟ୍ରରେ ଉତ୍ପାଦନମୁଖୀ କ୍ଷେତ୍ର ଅପେକ୍ଷା ଉପଭୋକ୍ତା-ଭିତ୍ତିକ ଋଣର ପ୍ରାଧାନ୍ୟ ବଢ଼ିଯାଏ, ସେତେବେଳେ ଦୀର୍ଘମିଆଦି ଅର୍ଥନୈତିକ ସ୍ଥିରତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ ।

ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଶିଳ୍ପ ଋଣର ଅଭିବୃଦ୍ଧି ହାରରେ ତୀବ୍ର ମନ୍ଥରତା । ଗତ ଦଶ ବର୍ଷ (୨୦୧୪-୨୦୨୪) ମଧ୍ୟରେ ଶିଳ୍ପ ଋଣର ବାର୍ଷିକ ଚକ୍ରବୃଦ୍ଧି ହାର (CAGR) ମାତ୍ର ୪.୧ ଶତାଂଶ ରହିଛି, ଯାହା ଅତ୍ୟନ୍ତ ନୈରାଶ୍ୟଜନକ । ଯଦି ଆମେ ଅତୀତର ତଥ୍ୟ ସହ ଏହାକୁ ତୁଳନା କରିବା, ତେବେ ଚିତ୍ରଟି ଆହୁରି ସ୍ପଷ୍ଟ ହୋଇଯିବ । ୧୯୭୪ ରୁ ୧୯୯୦ ମଧ୍ୟରେ ଏହି ଅଭିବୃଦ୍ଧି ହାର ୧୬ ଶତାଂଶ ଥିଲା, ୧୯୯୦ ରୁ ୨୦୦୪ ମଧ୍ୟରେ ୧୪ ଶତାଂଶ ଏବଂ ୨୦୦୪ ରୁ ୨୦୧୪ ମଧ୍ୟରେ ଏହା ସର୍ବାଧିକ ୨୩ ଶତାଂଶ ରହିଥିଲା । କେହି କେହି ଯୁକ୍ତି କରିପାରନ୍ତି ଯେ କୋଭିଡ-୧୯ ମହାମାରୀ ଯୋଗୁଁ ଏହି ହ୍ରାସ ଘଟିଥାଇପାରେ, କିନ୍ତୁ ତଥ୍ୟ କହୁଛି ଯେ ମହାମାରୀ ପୂର୍ବରୁ ଅର୍ଥାତ୍ ୨୦୧୪ ରୁ ୨୦୧୯ ମଧ୍ୟରେ ମଧ୍ୟ ଅଭିବୃଦ୍ଧି ହାର ସମାନ ଭାବରେ ୪.୧ ଶତାଂଶ ହିଁ ଥିଲା । ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ଶିଳ୍ପ କ୍ଷେତ୍ରକୁ ପୁଞ୍ଜି ଯୋଗାଣରେ ଏକ ବଡ଼ ଧରଣର ସ୍ଥାଣୁତା ଦେଖାଦେଇଛି, ଯାହା କେବଳ ମହାମାରୀ ଜନିତ ନୁହେଁ ବରଂ ଏକ ଗଠନମୂଳକ ସମସ୍ୟା ।

ଏହି ସମସ୍ୟା କେବଳ ଜାତୀୟ ସ୍ତରରେ ସୀମିତ ନୁହେଁ, ବରଂ ଆଞ୍ଚଳିକ ସ୍ତରରେ ମଧ୍ୟ ଏହାର ପ୍ରଭାବ ସ୍ପଷ୍ଟ ବାରି ହୋଇପଡୁଛି । ତୃତୀୟ ପର୍ଯ୍ୟବେକ୍ଷଣ ଅନୁଯାୟୀ, ଭାରତର ସବୁଠାରୁ ଅଧିକ ଶିଳ୍ପୋନ୍ନତ ଅଞ୍ଚଳ ଭାବେ ପରିଗଣିତ ପଶ୍ଚିମ, ଦକ୍ଷିଣ ଏବଂ ଉତ୍ତର ଭାରତରେ ଶିଳ୍ପ ଋଣ ଅଭିବୃଦ୍ଧି ହାର ଜାତୀୟ ହାରାହାରି ଠାରୁ କମ୍ ରହିଛି । ଅନ୍ୟପକ୍ଷରେ, କେନ୍ଦ୍ରୀୟ ଏବଂ ଉତ୍ତର-ପୂର୍ବ ଅଞ୍ଚଳରେ ଅଭିବୃଦ୍ଧି ହାର କିଛି ମାତ୍ରାରେ ଅଧିକ ଦେଖାଯାଉଛି, କିନ୍ତୁ ଏହାର ମୁଖ୍ୟ କାରଣ ହେଉଛି ସେହି ଅଞ୍ଚଳଗୁଡ଼ିକରେ ପୂର୍ବରୁ ଶିଳ୍ପ ଋଣର ଭାଗ ବହୁତ କମ୍ ଥିଲା । ଏହା ବ୍ୟତୀତ, ଯଦି ଆମେ ବିଭିନ୍ନ ଶିଳ୍ପ ଗୋଷ୍ଠୀ ଉପରେ ନଜର ପକାଇବା, ତେବେ ୨୦୧୪-୨୪ ମଧ୍ୟରେ କୌଣସି ଗୋଟିଏ ବି ବୃହତ ଶିଳ୍ପ ଗୋଷ୍ଠୀ ଦୁଇ ଅଙ୍କ ବିଶିଷ୍ଟ (double digit) ଋଣ ଅଭିବୃଦ୍ଧି ହାସଲ କରିପାରି ନାହାନ୍ତି । ଅଥଚ ୨୦୦୪-୧୪ ଦଶନ୍ଧିରେ ପ୍ରାୟ ପ୍ରତ୍ୟେକ ଶିଳ୍ପ ଗୋଷ୍ଠୀର ଋଣ ଅଭିବୃଦ୍ଧି ଦୁଇ ଅଙ୍କରେ ରହିଥିଲା । ଏହା ଦର୍ଶାଉଛି ଯେ ଶିଳ୍ପାୟନର ଗତି କେବଳ ମନ୍ଥର ହୋଇନାହିଁ, ବରଂ ଏହା ଏକ ଗମ୍ଭୀର ସଙ୍କଟ ଦେଇ ଗତି କରୁଛି ।

ଚତୁର୍ଥ ତଥ୍ୟଟି ଦେଶର ଆର୍ଥିକ ଗଭୀରତା ବା 'ଫାଇନାନ୍ସିଆଲ୍ ଡିପେନିଙ୍ଗ୍' ସହ ଜଡ଼ିତ । ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ତୁଳନାରେ ବ୍ୟାଙ୍କ ଋଣର ଅନୁପାତ ଏକ ଗୁରୁତ୍ୱପୂର୍ଣ୍ଣ ସୂଚକାଙ୍କ ଅଟେ । ୧୯୯୦ ଦଶକର ଶେଷ ଭାଗରେ ଏହା ପ୍ରାୟ ୨୦ ଶତାଂଶ ଥିବାବେଳେ ୨୦୧୦ ଦଶକର ପ୍ରାରମ୍ଭରେ ଏହା ୫୦ ଶତାଂଶରୁ ଅଧିକକୁ ବୃଦ୍ଧି ପାଇଥିଲା । କିନ୍ତୁ ସେବେଠାରୁ ଆଜି ପର ?ୟ୍ୟନ୍ତ ଏହି ଅନୁପାତ ୫୦-୫୫ ଶତାଂଶ ମଧ୍ୟରେ ସୀମିତ ରହିଛି । ବିଶ୍ୱର ଅନ୍ୟାନ୍ୟ ପ୍ରମୁଖ ଅର୍ଥନୀତି ସହ ତୁଳନା କଲେ ଭାରତର ସ୍ଥିତି ଚିନ୍ତାଜନକ ମନେହୁଏ । ଉଦାହରଣ ସ୍ୱରୂପ, ଜାପାନରେ ଏହି ଅନୁପାତ ୧.୨, ଚୀନରେ ୧.୯, ଦକ୍ଷିଣ ଆଫ୍ରିକାରେ ୦.୯ ଏବଂ ବ୍ରାଜିଲରେ ୦.୭୫ ରହିଛି । ଏହି ସ୍ଥାଣୁତା ଏବଂ ଶିଳ୍ପ ଋଣର ହ୍ରାସ ପାଉଥିବା ଅଂଶ ଏକତ୍ର ମିଶି ଭାରତୀୟ ଅର୍ଥନୀତି ପାଇଁ ଏକ ଆଶାଜନକ ଚିତ୍ର ପ୍ରଦାନ କରୁନାହାନ୍ତି ।

ଏସବୁ ତଥ୍ୟ ମଧ୍ୟରେ ସବୁଠାରୁ ବଡ଼ 'ପଜଲ୍' ବା ପ୍ରହେଳିକା ହେଉଛି ୨୦୧୬-୧୭ ରୁ ୨୦୧୮-୧୯ ମଧ୍ୟରେ ଦେଖାଦେଇଥିବା ଔଦ୍ୟୋଗିକ ବିଚ୍ଛିନ୍ନତା । ସାଧାରଣତଃ, ଶିଳ୍ପ ଜିଡିପି ଅଭିବୃଦ୍ଧି ଏବଂ ଆନୁଷ୍ଠାନିକ ଉତ୍ପାଦନ କ୍ଷେତ୍ରର ଅଭିବୃଦ୍ଧି (ଯାହା GVA-ASI ତଥ୍ୟ ଦ୍ୱାରା ମପାଯାଏ) ପରସ୍ପର ସହ ତାଳମେଳ ରଖି ଗତି କରିଥାନ୍ତି । କିନ୍ତୁ ଉଲ୍ଲିଖିତ ତିନି ବର୍ଷ ମଧ୍ୟରେ ଏହି ଦୁଇଟି ମାପକ ପରସ୍ପରଠାରୁ ଦୂରେଇ ଯାଇଥିଲେ । ଗୋଟିଏ ପଟେ ଶିଳ୍ପ ଋଣ ପ୍ରବାହ କମିଥିଲା ଏବଂ କାରଖାନା ଉତ୍ପାଦନ (GVA-ASI) ରେ ଆଶାନୁରୂପ ହ୍ରାସ ଦେଖାଦେଇଥିଲା, କିନ୍ତୁ ଅନ୍ୟପଟେ ଶିଳ୍ପ ଜିଡିପି ଆଶ୍ଚର୍ଯ୍ୟଜନକ ଭାବେ ସ୍ଥିର ରହିଥିଲା । ଯଦି କାରଖାନାଗୁଡ଼ିକ ଋଣ ନେଉନାହାନ୍ତି ଏବଂ ଉତ୍ପାଦନ କମୁଛି, ତେବେ ଶିଳ୍ପ ଜିଡିପି ସ୍ଥିର ରହିବା କିପରି ସମ୍ଭବ ? ଏହା ଅର୍ଥନୀତିର ନିୟମ ବିରୁଦ୍ଧ ଏବଂ ଏକ ବଡ଼ ବିସଙ୍ଗତିକୁ ଇଙ୍ଗିତ କରୁଛି । ଐତିହାସିକ ଭାବେ ଶିଳ୍ପ ଋଣ ଏବଂ ଶିଳ୍ପ ଅଭିବୃଦ୍ଧି ମଧ୍ୟରେ ସମ୍ପର୍କ ଅତ୍ୟନ୍ତ ନିବିଡ଼ । ଗତ ଚାରି ଦଶନ୍ଧି (୧୯୮୧-୨୦୨୪) ଧରି ଏହି ଦୁଇଟି ମଧ୍ୟରେ ସହ-ସମ୍ବନ୍ଧ (correlation) ୦.୪୫ ରହିଛି । ଆହୁରି ନିକଟ ଅତୀତକୁ ଦେଖିଲେ, ୨୦୦୦ ରୁ ୨୦୨୪ ମଧ୍ୟରେ ଏହି ସମ୍ବନ୍ଧ ୦.୫୬ ଏବଂ ୨୦୦୪ ପରଠାରୁ ୦.୬୩ କୁ ବୃଦ୍ଧି ପାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମହାମାରୀ ପୂର୍ବ ସମୟରେ (୨୦୦୪-୨୦୨୦) ଏହି ସହ-ସମ୍ବନ୍ଧ ୦.୮୨ ଭଳି ଉଚ୍ଚ ସ୍ତରରେ ଥିଲା । ଅର୍ଥାତ୍, ସାଧାରଣ ଅର୍ଥନୈତିକ ପରିସ୍ଥିତିରେ ବ୍ୟାଙ୍କ ଋଣ ଏବଂ ଶିଳ୍ପ ଉତ୍ପାଦନ ପାଦରେ ପାଦ ମିଳାଇ ଚାଲିଥାନ୍ତି । ଏହି ଦୀର୍ଘମିଆଦି ସ୍ଥିରତା ପୃଷ୍ଠଭୂମିରେ ୨୦୧୬-୨୦୧୯ ର ବିଚ୍ଛିନ୍ନତା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ । ଏହି ଅସ୍ୱାଭାବିକ ପରିସ୍ଥିତି କେତେକ ଅର୍ଥନୀତିଜ୍ଞଙ୍କ ସେହି ଯୁକ୍ତିକୁ ବଳ ପ୍ରଦାନ କରୁଛି ଯେଉଁମାନେ ଦାବି କରୁଛନ୍ତି ଯେ ୨୦୧୧-୧୨ ର ବର୍ତ୍ତମାନର NAS (National Accounts Statistics) ସିରିଜରେ ଶିଳ୍ପ ଜିଡିପିକୁ ବାସ୍ତବତା ଠାରୁ ଅଧିକ ଆକଳନ (overestimation) କରାଯାଇଛି । ଯଦି ଋଣ ନାହିଁ କିମ୍ବା ଉତ୍ପାଦନ ବୃଦ୍ଧି ନାହିଁ, ତେବେ କାଗଜପତ୍ରରେ ଦେଖାଯାଉଥିବା ଅଭିବୃଦ୍ଧି କେବଳ ପରିସଂଖ୍ୟାନଗତ ତ୍ରୁଟି ହୋଇପାରେ । ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (IMF) ଦ୍ୱାରା ଭାରତର ଜିଡିପି ଆକଳନର ମାନକୁ 'ସି' (C) ଶ୍ରେଣୀକୁ ଖସାଇ ଦିଆଯିବା ଘଟଣା ଏହି ସନ୍ଦେହକୁ ଆହୁରି ଘନୀଭୂତ କରୁଛି ।

ପରିଶେଷରେ, ଏହା କୁହାଯାଇପାରେ ଯେ ଶିଳ୍ପ ଋଣ ଅଭିବୃଦ୍ଧିରେ ହ୍ରାସ ଏବଂ ଜିଡିପି ତଥ୍ୟରେ ଦେଖାଦେଇଥିବା ଅସଙ୍ଗତି ଏକ ଗମ୍ଭୀର ବିଷୟ । ଭାରତ ସରକାର ଏବଂ ପରିସଂଖ୍ୟାନ ବିଭାଗର ଯେଉଁ ଟିମ୍ ଜିଡିପି ଗଣନାର ନୂତନ ସଂଶୋଧନ ଉପରେ କାର୍ଯ୍ୟ କରୁଛନ୍ତି, ସେମାନେ ଏହି ବିଷୟକୁ ଗୁରୁତ୍ୱର ସହ ବିଚାର କରିବା ଆବଶ୍ୟକ । କେବଳ ସେବା କ୍ଷେତ୍ର କିମ୍ବା ବ୍ୟକ୍ତିଗତ ଋଣ ଉପରେ ନିର୍ଭର କରି ଦେଶର ଅର୍ଥନୀତି ଦୀର୍ଘକାଳ ପାଇଁ ସୁଦୃଢ଼ ରହିପାରିବ ନାହିଁ । ଶିଳ୍ପ କ୍ଷେତ୍ରକୁ ଋଣ ପ୍ରବାହ କାହିଁକି କମୁଛି ଏବଂ ଜିଡିପି ତଥ୍ୟ କାହିଁକି ବାସ୍ତବତା ସହ ମେଳ ଖାଉନାହିଁ, ତାର ଏକ ନିରପେକ୍ଷ ଓ ଗଭୀର ଅନୁସନ୍ଧାନର ଆବଶ୍ୟକତା ରହିଛି । ଏହା କେବଳ ଏକ ପରିସଂଖ୍ୟାନଗତ ସମସ୍ୟା ନୁହେଁ, ବରଂ ଦେଶର ଔଦ୍ୟୋଗିକ ଭବିଷ୍ୟତ ସହ ଜଡ଼ିତ ଏକ ମୌଳିକ ପ୍ରଶ୍ନ ।

# ମେଦବହୁଳେ ସର୍ବନାଶ



ପ୍ର. ଡାକ୍ତର ଉମେଶ

'ଖାଇ ଶୋଇଲେ ବଢ଼ଇ ଆୟୁ, ଖାଇ ଚାଲିଲେ ବଢ଼ଇ ବାୟୁ । ଖାଇ ବସିଲେ ବଢ଼ଇ ପେଟ, ଖାଇ ଖାଇଲେ ଯମର ଭେଟ' । ପ୍ରାଚୀନ ସମୟର 'ଖନାବଚନ'ର ଏହି ଦୁଇଟି ଧାଡ଼ି କିନ୍ତୁ ଆଜିର ସମୟରେ ଯୁଗପୋଯୋଗୀ ଓ ପ୍ରାସଙ୍ଗିକ ମଧ୍ୟ । ମେଦବହୁଳତା ଆମ ସ୍ୱାସ୍ଥ୍ୟ ପାଇଁ କେତେ ହାନିକାରକ ତାହା କହିବା ବାହୁଲ୍ୟମାତ୍ର । ଆବଶ୍ୟକତା ଠାରୁ ଅଧିକ ତୈଳଯୁକ୍ତ, ଅଧିକ କ୍ୟାଲୋରୀ ଥିବା ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଖାଇବା ଏହି ମେଦବହୁଳତାର ମୁଖ୍ୟ କାରଣ । କେବଳ ବୟସ୍କ ନୁହନ୍ତି, ଛୋଟପିଲାଙ୍କ ଠାରୁ ଯୁବକ ଓ ମହିଳା ମାନେ ଏପରି ସମସ୍ୟାରେ ଭାରାକ୍ରାନ୍ତ । ଯୁବବର୍ଗଙ୍କ ଭିତରେ ବିଭିନ୍ନ ପ୍ରକାର ଖାଦ୍ୟ ଯଥା ଚାଟ୍, ରୋଲ, ଚାଓମିନ୍, ଆଇସକ୍ରିମ୍ ଆଦି ଖାଇବାକୁ ଆଗ୍ରହ ବଢ଼ିବା ସହ ତଥାକଥିତ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଏହାର ପ୍ରମୁଖ କାରଣ । ଆଉ ଏଭଳି ଖାଦ୍ୟ ଧୀରେ ଧୀରେ ସେମାନଙ୍କର ଅଭ୍ୟାସରେ ପରିଣତ ହୋଇଯାଏ । ଫଳରେ ମେଦବହୁଳତା ପରି ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି ସେମାନେ । କେବଳ ସେତିକି ନୁହେଁ ମେଦବହୁଳତା କାରଣରୁ ହୃଦ୍‌ଜନିତ ସମସ୍ୟା, ଆଣ୍ଠୁଗଣ୍ଠି ଜନିତ ସମସ୍ୟା, ପିଠି ଯନ୍ତ୍ରଣା ଦେଖାଯିବାର ଆଶଙ୍କା ରହିଛି । ନିକଟରେ ଏସୀୟ ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଅଧିକାଂଶ ମହିଳା ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ କମ୍ ଦେଇ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଅଧିକ ଦେଇଥାଆନ୍ତି । ମୃଦୁପାନୀୟ ଓ ବିଭିନ୍ନ ପ୍ରକାର ନିଶାଯୁକ୍ତ ପାନୀୟ ମଧ୍ୟ ମେଦବହୁଳତାର ଗୁରୁତ୍ୱପୂର୍ଣ୍ଣ କାରଣ । ସେହିପରି ବର୍ତ୍ତମାନ ହାତପାହାନ୍ତାରେ ସୂଚନାପ୍ରଯୁକ୍ତିର ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଉପଲବ୍ଧ ହେଉଥିବାରୁ ସାଧାରଣରେ ଯୋଗ, ପ୍ରାଣାୟମ ଓ ଉପଯୁକ୍ତ ବିଶ୍ରାମକୁ ଅଧିକାଂଶ ଗୁରୁତ୍ୱ ପ୍ରଦାନ କରୁନାହାନ୍ତି । ଘଣ୍ଟା ଘଣ୍ଟା ଧରି ମୋବାଇଲ, ଇଣ୍ଟରନେଟ, କମ୍ପ୍ୟୁଟର ସାମ୍ନାରେ ବସି ରହିବା ଦ୍ୱାରା ଜଣେ ଖାଇଥିବା ଖାଦ୍ୟ ସୁଷମ ଭାବରେ ହଜମ ହେବାର ପାଚନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରୁନାହିଁ । ମେଦବହୁଳତା ପ୍ରସଙ୍ଗରେ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଲିଭରର ସମ୍ପର୍କ ରହିଛି । ଖାଦ୍ୟ ପେଟ ଭିତରକୁ ଗଲାପରେ ଏହା ଲିଭର ସଂସ୍ପର୍ଶରେ ଆସି ପାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ । ତେଣୁ ମେଦବହୁଳତା ନିଶ୍ଚିନ୍ତ ଭାବରେ ଲିଭର ପାଇଁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ । ମେଦବହୁଳତା ହେଲେ ଲିଭର ଭିତରେ ଚର୍ବି ଜମିଯାଏ । ଏହି ଚର୍ବି ଗୁଡ଼ିକ ଧିରେ ଧିରେ ଲିଭରର କୋଷକୁ ଆକ୍ରାନ୍ତ କରି ଏକ ପ୍ରଦାହ ସୃଷ୍ଟି କରେ ।

ପ୍ରଥମ ଅବସ୍ଥାରେ ଏହାକୁ ଫ୍ୟାଟି ଲିଭର କୁହନ୍ତି ଓ ଦ୍ୱିତୀୟ ଅବସ୍ଥାରେ ଏହାକୁ ନାସ୍ ବୋଲି କୁହନ୍ତି । ଧିରେ ଧିରେ ଲିଭର ଭିତରେ ସୂତ୍ରତନ୍ତୁମୟତା ବଢ଼ିଯାଇ ଫାଇବ୍ରୋସିସ୍ ହୁଏ । ଏହା ଲିଭରରେ ମୋଟା କ୍ଷତ ଦାଗ ସୃଷ୍ଟି କରେ ଓ ଲିଭର ଭିତରେ ଛୋଟ ଛୋଟ ଗ୍ରନ୍ଥି ହୋଇ ଏହା ଫୁଲିଯାଏ । ଏହାକୁ ଲିଭର ସିରୋସିସ୍ କୁହନ୍ତି । ଧିରେ ଧିରେ ଲିଭର ସିରୋସିସ୍ ବଢ଼ି ଲିଭର କ୍ୟାନସରରେ ରୂପାନ୍ତରିତ ହୁଏ । ମେଦବହୁଳତା ଯୋଗୁଁ ୭୦% କ୍ଷେତ୍ରରେ ଫ୍ୟାଟିଲିଭର ହୁଏ ଓ ୧୫ରୁ ୨୦% କ୍ଷେତ୍ରରେ ତାହା ଲିଭରସିରୋସିସ୍ ହୁଏ । ଏହା ବ୍ୟତୀତ ଡାଏବେଟିସ୍, ଗଣ୍ଠିବାତ ରୋଗ, ଉଚ୍ଚରକ୍ତଚାପ, ହୃଦ୍‌ରୋଗ ଓ ଶ୍ୱାସଜନିତ ସମସ୍ୟା ଦେଖାଦିଏ । ଶରୀରରେ ୟୁରିକ୍ ଏସିଡ୍‌ର ମାତ୍ରା ବୃଦ୍ଧି ପାଇ ଗଣ୍ଠିବାତ ମଧ୍ୟ ହୁଏ । ଧିରେ ଧିରେ ବୃକକ୍‌କୁ ମଧ୍ୟ ଆକ୍ରାନ୍ତ କରେ ଓ ମସ୍ତିଷ୍କରେ ରକ୍ତ ପ୍ରବାହ କମିଯାଏ ଓ ବେଳେ ବେଳେ ପାରାଲେସିସ୍ ମଧ୍ୟ ହୁଏ । କେତେକ କ୍ଷେତ୍ରରେ ମେଦବହୁଳତା ପରିବାରର ଜିନ୍ ସଂକ୍ରାନ୍ତୀୟ ବଂଶାନୁକ୍ରମିକ ଭାବେ ଜଣକୁ ହୋଇଥାଏ କିନ୍ତୁ, ଏହାର ସମ୍ଭାବନା କମ୍ । ଏହି ମେଦବହୁଳତାର ନିରାକରଣ ପାଇଁ ପ୍ରତିଦିନ ନିୟମିତ ବ୍ୟାୟାମ, ପ୍ରାଣାୟାମ ଓ ଯୋଗ କରିବା ସହିତ ଖାଦ୍ୟପେୟର କଟକଣା କରିବା ଉଚିତ । ସବୁବେଳେ ସୁଷମ ଖାଦ୍ୟକୁ ଗୁରୁତ୍ୱ ଦେବା ସହ ସବୁଜ ଓ ତଟକା ପନିପରିବା ଓ ଫଳକୁ ନିଜ ଖାଦ୍ୟ ତାଲିକାରେ ଗୁରୁତ୍ୱ ଦେବା ଜରୁରୀ । ବଜାରର ତଥାକଥିତ ଫାଷ୍ଟଫୁଡ ଠାରୁ ଫ୍ରିଜ୍‌ର ଥଣ୍ଡାଖାଦ୍ୟ, ଚକୋଲେଟ, ମିଠା, ମାଦକଦ୍ରବ୍ୟ ଓ ଥଣ୍ଡା ପାନୀୟ ଠାରୁ ଯେତେ ସମ୍ଭବ ଦୂରେଇ ରହିବା ନିଶ୍ଚିତ ଭାବରେ ଭଲ । ଏପରିକି ଅତ୍ୟଧିକ ଅଣ୍ଡା, ମାଛ, ମାଂସ, ଘିଅ, ଲହୁଣି, ତୈଳଜାତୀୟ ଖାଦ୍ୟ ଆଦି ଖାଇବା ନିଷେଧ । ଯୁଗାବତାର ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନିରାମିଷ ଖାଦ୍ୟ ପ୍ରସଙ୍ଗରେ କହିଛନ୍ତି - ମାଛ, ମାଂସ ଖାଇବ ନାହିଁ, ପିଆଜ, ରସୁଣ ମାଦକ ଛାଡ଼ । ଆମିଷରେ ବିଧାନ ଉତ୍ତେଜିତ, ଅଯଥା ହୁଏ ଜର୍ଜରିତ । ଖାଇସାରିବା ପରେ ଅଧିକ ସମୟ ବସି ରହିଲେ ପେଟ ବଢ଼ିଥାଏ । ଛାତ୍ରଛାତ୍ରୀମାନଙ୍କ ନିକଟରେ ଏହି ରୋଗ ଦେଖାଦେଲେ ସେମାନଙ୍କର ସ୍ମରଣଶକ୍ତି ହ୍ରାସ ଘଟିଥାଏ । ତେଣୁ ଛାତ୍ରଛାତ୍ରୀମାନେ ନିୟମିତ ଶିକ୍ଷାଧ୍ୟୟନ, ଖେଳକସରତ, ଯୋଗ, ପ୍ରାଣାୟାମ ଓ ଧ୍ୟାନ କରିବା ଉଚିତ । କଠିନ ପରିଶ୍ରମ ହିଁ ମେଦ ବହୁଳତା ରୋଗରୁ ରକ୍ଷା ପାଇବାର ଶ୍ରେଷ୍ଠ ମାଧ୍ୟମ । ସେଥିପାଇଁ ଜାତୀୟ, ଆନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ସରକାରୀ ବେସରକାରୀ ଅନୁଷ୍ଠାନମାନଙ୍କ ଦ୍ୱାରା ପ୍ରତିବର୍ଷ ନଭେମ୍ବର ୨୮ ତାରିଖକୁ ବିଶ୍ୱ ମେଦବହୁଳତା ଦିବସ ରୂପେ ବିଧିବଦ୍ଧ ଭାବେ ପାଳନ କରାଯାଏ ।


ଅବସରପ୍ରାପ୍ତ ପ୍ରଫେସର,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ,
କଲେଜ, କଟକ
ମୋ: ୯୩୩୮୧୦୦୮୩୭


# ଅନ୍ ଟୁ ଦିସ୍ ଲାଷ୍ଟ୍ ଏବଂ ଗାନ୍ଧୀଜୀ



ବିଷ୍ଣୁ ପ୍ରସାଦ ଦାସ

ମୋହନଦାସ କରମଚାନ୍ଦ ଗାନ୍ଧୀ ୧୮୯୩ ରୁ ୧୯୧୪ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାରେ ଜଣେ ଓକିଲ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ । ଗାନ୍ଧିଜୀ ଅନ୍ୟାୟ ଏବଂ ଶ୍ରେଣୀ ବିଭାଜନ ବିରୁଦ୍ଧରେ ଲଢ଼ିବା ପାଇଁ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଏକ ଦଶନ୍ଧି ମଧ୍ୟରେ ଗାନ୍ଧିଜୀ ସମଗ୍ର ଦେଶରେ ସତ୍ୟାଗ୍ରହର ପ୍ରସାର କରିବାକୁ ସମର୍ଥ ହୋଇଥିଲେ । ଦେଶକୁ ଏକ ଶ୍ରେଣୀ ଏବଂ ଜାତିଗତ ବୈଷମ୍ୟ ମୁକ୍ତ ସମାଜ ଆଡ଼କୁ ନୂତନ ମାର୍ଗ ଦର୍ଶନ କରିବାରେ ତାଙ୍କର ଭୂମିକାକୁ କେହି ଅସ୍ୱୀକାର କରି ପାରିବେ ନାହିଁ ।

ଦକ୍ଷିଣ ଆଫ୍ରିକା--- ୨୪ ମେ ୧୮୯୩ ମସିହାରେ ଗାନ୍ଧିଜୀ ଡର୍ବାନ ପହଞ୍ଚି ଥିଲେ । ସେଠାରେ ଦାଦା ଅବଦୁଲ୍ଲାଙ୍କ ଅଫିସ ରେ ନ୍ୟାୟିକ ସହାୟକ କାର୍ଯ୍ୟ ପାଇଁ ତାଙ୍କୁ ନିଯୁକ୍ତି ମିଳିଥିଲା । ଥରେ ତାଙ୍କୁ ଅଫିସ୍ କାର୍ଯ୍ୟରେ ପ୍ରିଟୋରିଆ ଯିବାର ଥିଲା ସେ ରେଳରେ ପ୍ରଥମ ଶ୍ରେଣୀ ଟିକେଟ୍ କରି ଯାତ୍ରା ଆରମ୍ଭ କରିଥିଲେ । ଭାଗ୍ୟର ବିଡମ୍ବନା କୁହନ୍ତୁ ବା ସୁପ୍ତ ଆଗ୍ନେୟ ଗିରିରୁ ଅଗ୍ନି ଉଦ୍ଗିରଣ କୁହନ୍ତୁ ବା ଅଧିକାର ସାବ୍ୟସ୍ତ କୁହନ୍ତୁ ତାହାହିଁ ହେଲା ଯେତେବେଳେ ରେଳ କର୍ମଚାରୀ ଗାନ୍ଧୀଙ୍କୁ ଧକ୍କା ଦେଇ ପ୍ରଥମ ଶ୍ରେଣୀ ରେଳ କୋଚ୍ ରୁ ବାହାର କରିଦେଲେ । ଗାନ୍ଧୀଙ୍କୁ ରେଳ କର୍ମଚାରୀ କହିଥିଲେ କି କୁକୁର ଏବଂ ଭାରତୀୟ ଙ୍କୁ ପ୍ରଥମ ଶ୍ରେଣୀ ଯାତ୍ରା ମନା । ଗାନ୍ଧିଜୀ ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ କେସ୍ କଲେ ଶେଷରେ ରେଳ ବିଭାଗ ସହିତ ବ୍ରିଟିଶ ସରକାର ମଧ୍ୟ କ୍ଷମା ମାଗିଲେ । ଅନ୍ୟାୟ ବିରୁଦ୍ଧରେ ପ୍ରଥମ ବିଜୟ ଦକ୍ଷିଣ ଆଫ୍ରିକାର ନିଷ୍ପେଷିତ ଭାରତୀୟଙ୍କ ହୃଦୟରେ ତାଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଥିଲା । ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାର ଭାରତୀୟ ସମ୍ପ୍ରଦାୟର ନେତା ଭାବରେ ଖୁବ୍ ଶୀଘ୍ର ପ୍ରସିଦ୍ଧି ଲାଭ କରିଥିଲେ । ଦକ୍ଷିଣ ଆଫ୍ରିକାରେ ଅହିଂସା ଆନ୍ଦୋଳନରେ ତାଙ୍କର ସମ୍ପୃକ୍ତି ଏପରି ପ୍ରଭାବ ପକାଇଥିଲା ଯେ ତାଙ୍କୁ ବର୍ତ୍ତମାନ ମଧ୍ୟ ଦକ୍ଷିଣ ଆଫ୍ରିକା ରେ ଜଣେ ନେତା ଭାବରେ ବିବେଚନା କରାଯାଏ । ଥରେ ଗାନ୍ଧିଜୀ ନୂଆଦିଲ୍ଲୀରେ ଏକ ସଭାରେ କହିଥିଲେ ଯେ ସେ ଭାରତରେ ଜନ୍ମଗ୍ରହଣ କରିଥିଲେ କିନ୍ତୁ ଦକ୍ଷିଣ ଆଫ୍ରିକାରେ ତାଙ୍କ ଜୀବନରେ ଏକ ମୋଡ଼ ଆସିଥିଲା ।

ତେବେ ଜୀବନ ଯାତ୍ରାରେ ପ୍ରାୟ ସମସ୍ତଙ୍କ ଜୀବନରେ କିଛି ନା କିଛି ମୋଡ଼ ଆସିଥାଏ, ସେଗୁଡିକ ସକାରାତ୍ମକ ବା ନକାରାତ୍ମକ ହୋଇ ଥାଏ । ମୋହନ ଦାସ୍ କରମ୍ ଚାନ୍ଦ ଗାନ୍ଧୀଙ୍କ ଜୀବନରେ ଯେଉଁ ସକାରାତ୍ମକ ମୋଡ଼ ଆସିଲା ତାହା ପଛରେ କାହାର ପ୍ରେରଣା ଥିଲା ? ଲିଓ ଟଲଷ୍ଟୟ ଏବଂ ଜନ୍ ରସ୍କିନ୍ ନାମକ ପୃଥିବୀର ଦୁଇଜଣ ଜଣାଶୁଣା ବିଶିଷ୍ଟ ଲେଖକ, ସେହି ଦୁଇ ମହାନ୍ ବ୍ୟକ୍ତିତ୍ୱଙ୍କ ପୁସ୍ତକର ପ୍ରଭାବ ଗାନ୍ଧିଜୀଙ୍କ ଉପରେ ପଡିଥିଲା । କାଉଣ୍ଟ ଲେଭ୍ ନିକୋଲାୟେଭିଚ୍ ଟଲଷ୍ଟୟ, ଇଂରାଜୀରେ ଲିଓ ଟଲଷ୍ଟୟ ନାମରେ ସେ ବିଶ୍ୱରେ ପରିଚିତ, ଯଦିଓ ସେ ଜଣେ ରୁଷୀୟ ଲେଖକ ଥିଲେ । ତାଙ୍କୁ ସର୍ବକାଳୀନ ମହାନ୍ ଏବଂ ପ୍ରଭାବଶାଳୀ ଲେଖକମାନଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା କରାଯାଏ । ଲିଓ ଟଲଷ୍ଟୟଙ୍କ ପୁସ୍ତକରୁ ତାଙ୍କୁ ଆନ୍ଦୋଳନ କରିବାର ପ୍ରେରଣା ମିଳିଥିଲା । ତାଙ୍କ ଦ୍ୱାରା ଲିଖିତ ପୁସ୍ତକ ଗୁଡିକ ମଧ୍ୟରୁ କିଛି ହେଲା ଆନ୍ନା କାରେନିନା, ଯୁଦ୍ଧ ଏବଂ ଶାନ୍ତି (ୱାର ଆଣ୍ଡ ପିସ୍), ଇଭାନ୍ ଇଲିଚ୍‌ଙ୍କ ମୃତ୍ୟୁ (ଦି ଡେଥ୍ ଅଫ୍ ଇଭାନ୍ ଇଲିଚ), ଈଶ୍ୱରଙ୍କ ରାଜ୍ୟ ତୁମ ଭିତରେ ଅଛି (ଦି କିଙ୍ଗ ଡମ୍ ଅଫ୍ ଗଡ଼ ଉଇଦିନ୍ ୟୁ) ଚାଇଲଡ୍ ହୁଡ୍, ଏ କ୍ୟାଲେଣ୍ଡର୍ ଅଫ୍ ଉଇସ ଡମ୍, ଇଭାନ୍ ଦି ଫୁଲ, ବୟ ହୁଡ୍ ଇତ୍ୟାଦି ଅନ୍ୟତମ । ଲିଓ ଟଲଷ୍ଟୟଙ୍କ ପୁସ୍ତକରୁ ମୋହନ୍ ଦାସ କରମଚାନ୍ଦ ଗାନ୍ଧୀଙ୍କୁ ଆନ୍ଦୋଳନ କରିବାର ପ୍ରେରଣା ମିଳିଥିଲା । ଜନ୍ ରସ୍କିନ୍ ଜଣେ ଇଂରେଜ ଥିଲେ - ଲେଖକ, ଅଧ୍ୟାପକ, କଳା ଇତିହାସ, କଳା ସମାଲୋଚକ, ଡ୍ରାଫ୍ଟସ୍ ମ୍ୟାନ୍ ଏବଂ ଭିକ୍ଟୋରିଆନ୍ ଯୁଗର ଜଣେ ଦାନଶୀଳ ବ୍ୟକ୍ତି ହିସାବରେ ତାଙ୍କର ଖ୍ୟାତି ଥିଲା । ତାଙ୍କ ଲିଖିତ ପୁସ୍ତକ ମଧ୍ୟରୁ 'ଅନ୍ ଟୁ ଦିସ୍ ଲାଷ୍ଟ' ଅନ୍ୟତମ ସେଥିରେ ସେ ଅହିଂସା, ସମାନତା, ପୁଞ୍ଜିପତିଙ୍କ ଉପରେ ସୁନ୍ଦର୍ ଭବେ ବର୍ଣ୍ଣନା କରିଛନ୍ତି । ଦକ୍ଷିଣ ଆଫ୍ରିକାରେ ଜନତାଙ୍କ ଉପରେ ହେଉଥିବା ଅନ୍ୟାୟ ଅତ୍ୟାଚାର ଶୋଷଣ ବିରୁଦ୍ଧରେ ପ୍ରଥମେ ଗାନ୍ଧିଜୀ ଆନ୍ଦୋଳନ ଏବଂ ତତ୍ପରେ ଅହିଂସା ଆନ୍ଦୋଳନ ଆରମ୍ଭ କରିଦେଲେ ।

ଗାନ୍ଧିଜୀଙ୍କ ସର୍ବୋଦୟ ପୁସ୍ତକର ଲେଖା ଜନ୍ ରାସ୍କିନ୍‌ଙ୍କ ଅନ୍ ଟୁ ଦିସ୍ ଲାଷ୍ଟ ପୁସ୍ତକର ମୂଳ ଲେଖାରୁ ଲେଖା ହୋଇଛି । ଅନ୍ ଟୁ ଦିସ୍ ଲାଷ୍ଟ ପୁସ୍ତକର ନାମକରଣ କିଙ୍ଗ ଜେମ୍ସ ଙ୍କ ବାଇବେଲ୍ ର ୨୦ ତମ ଅଧ୍ୟାୟ ମାଥ୍ୟୁ (Matthew)ଙ୍କ ଠାରୁ ଆନୀତ । ଅନ୍ ଟୁ ଦିସ୍ ଲାଷ୍ଟ ପୁସ୍ତକଟିର ନାମକରଣ ଆମକୁ ଶିକ୍ଷା ଦେଉଛି - ଧରନ୍ତୁ ଗୋଟିଏ ଧାଡିରେ କିଛି ବ୍ୟକ୍ତି ଛିଡା ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ପ୍ରଥମ ବ୍ୟକ୍ତିଙ୍କୁ ଯେଉଁ ସୁବିଧା ମିଳୁଛି ତାହା ଧାଡି ଶେଷରେ ଥିବା ବ୍ୟକ୍ତିଙ୍କୁ ମଧ୍ୟ ଦିଆଯାଉ, ଫଳରେ ସମାନତା ଆସିବ । ଅନ୍ ଟୁ ଦିସ୍ ଲାଷ୍ଟ ଚାରୋଟି ଅଧ୍ୟାୟରେ ଲେଖା ହୋଇ ଥିଲା । ୧. ଦି ରୁଟସ୍ ଅଫ୍ ହନର୍ (The Roots of Honor) ଏଥିରେ ନିଯୁକ୍ତିଦାତା ଏବଂ କର୍ମଚାରୀ ମଧ୍ୟରେ ସମନ୍ୱୟ ରହିବା ଉଚିତ୍ ବିଷୟ ଉପରେ ଲେଖା ହୋଇଛି, ୨. ଦି ଭେନିସ୍ ଅଫ୍ ୱେଲଥ୍ (The Veins of Wealth) ଅର୍ଥ ବା ଧନ ଏଠାରେ ସବୁକିଛି ନୁହେଁ, ଧନୀ ନିଜ ଖର୍ଚ୍ଚ କରିବା ପରେ ବଳକା ଅର୍ଥ ଗରିବଙ୍କୁ ବାଣ୍ଟି ସମାନତା ସୃଷ୍ଟି କରି ପାରିବ, ଯାହାଦ୍ୱାରା ଅଧିକରୁ ଅଧିକ ଗରିବ ଉପକୃତ ହେବେ, ୩.କୁଇ ଜୁଡିକାଟିସ୍ ଟ୍ରେର୍ମ (Qui Judicates) ସମସ୍ତଙ୍କୁ ନ୍ୟାୟିକ ସମାନତା ମିଳିବା ଉଚିତ୍, ୪.ଆଡ୍ ଭାଲୋରେମ୍ (Ad Valorem) ଯେଉଁ ଜିନିଷର ଉପଯୋଗ ହୁଏ ନାହିଁ ସେହି ଜିନିଷର ମୂଲ୍ୟ ନାହିଁ କହିଲେ ଚଳେ- ଘୋଡା ନଚଢି ଗୁହାଳରେ ବନ୍ଧା ଥିଲେ, ଟଙ୍କା ଟ୍ରେଜେରୀରେ ବନ୍ଦ ପଡ଼ିଥିଲେ, ଧାର ନଥିବା ତଲ୍ୱାର୍ ବା ଖଣ୍ଡା ଥିଲେ, ଖାଦ୍ୟ ଭଣ୍ଡାରରେ ମହଜୁଦ ରଖି ନଷ୍ଟ କଲେ କାହାରି କିଛି ଉପକାରରେ ବା କାର୍ଯ୍ୟରେ ଲାଗେ ନାହିଁ । ବରଂ ଏହାର ସୁବିନିଯୋଗ ଆବଶ୍ୟକ ବୋଲି କହିଛନ୍ତି । ପରବର୍ତ୍ତୀ ସମୟରେ ଏହାକୁ ଗୋଟିଏ ସମ୍ପୂର୍ଣ୍ଣ ପୁସ୍ତକର ରୂପ ଦିଆ ଯାଇଥିଲା । ତାଙ୍କ ପୁସ୍ତକର ବିଷୟବସ୍ତୁ ସେହି ସମୟର ରାଜନୈତିକ ଅର୍ଥନୀତିରେ ପୁଞ୍ଜିବାଦ ଏପରି ଭାବେ ପ୍ରବେଶ କରିଥିଲା ଯେ ତାହା ଉପରେ କାହାରି ନିୟନ୍ତ୍ରଣ ରହୁ ନଥିଲା । ସାଧାରଣ ଜନତା ଗରିବରୁ ଗରିବ ହେଉଥିବା ସମୟରେ ଧନୀ ନିଜର ସାମ୍ରାଜ୍ୟ ବଢ଼ାଇ ବଢ଼ାଇ ଚାଲିଥିଲେ ଫଳରେ ଧନୀ ଦରିଦ୍ର ଦୁଇଟି ଶ୍ରେଣୀର ସୃଷ୍ଟି ହୋଇଥିଲା । ସମାଜରେ ବଞ୍ଚିବା ନିମନ୍ତେ ଗରିବ ଅସହ୍ୟ ସଂଘର୍ଷ କରୁଥିବା ସମୟରେ ପୁଞ୍ଜିପତି ମାନେ ରାଜକୀୟ ଜୀବନଚର୍ଯ୍ୟା କରୁଥିଲେ । ଗାନ୍ଧିଜୀ ଉକ୍ତ ପୁସ୍ତକରୁ ପୁଞ୍ଜିବାଦ ବିଷୟରେ ପଢି ସାମ୍ୟବାଦ ପାଇଁ ୧୯୦୮ ମସିହାରେ ଗୁଜୁରାତି ଭାଷାରେ ସର୍ବୋଦୟ ନାମକ ପୁସ୍ତକ ଏହି ପୁସ୍ତକରୁ ଅନୁବାଦ କରିଥିଲେ ।

ସର୍ବୋଦୟ ପୁସ୍ତକରେ ସେ ବାଇବେଲର ଉଦାହରଣ ଦେଇ କହିଛନ୍ତି ଯେ, ଅଙ୍ଗୁର ଖେତରେ କାର୍ଯ୍ୟ କରିବା ନିମନ୍ତେ କ୍ଷେତ୍ର ମାଲିକ ସକାଳୁ ଶ୍ରମିକ ଅନୁସନ୍ଧାନରେ ବଜାରକୁ ଯାଇ କିଛି ଶ୍ରମିକଙ୍କୁ ନିଜ କ୍ଷେତରେ କାର୍ଯ୍ୟ କରିବାକୁ ଡାକିଥିଲେ ଏବଂ ତାଙ୍କ ପାରିଶ୍ରମିକ ବାବଦକୁ ଦୈନିକ ଗୋଟିଏ ପେନି (ଇଂଲଣ୍ଡର ମୁଦ୍ରା) ଦେବାକୁ କହିଥିଲେ । ଶ୍ରମିକ କାମରେ ଲାଗି ଗଲେ, ମାଲିକ ଦ୍ୱିପ୍ରହର ସମୟରେ ବଜାର ଯାଇ ଦେଖିଲେ ଆଉ କିଛି ଶ୍ରମିକ ବେକାର ବସିଛନ୍ତି ତାଙ୍କୁ ମଧ୍ୟ ନେଇ ଆସି କାର୍ଯ୍ୟରେ ଲଗାଇ ଦେଲେ ପୁନଶ୍ଚ ଅପରାହ୍ନ ସମୟରେ ମଧ୍ୟ ସେହି ପରି କରିଥିଲେ । ଶେଷରେ ସନ୍ଧ୍ୟା ସମୟରେ ସବୁ ଶ୍ରମିକ ମାନଙ୍କୁ ସେ ଏକ ପ୍ରକାର ମଜୁରୀ ଗୋଟିଏ କରି ପେନି ଦେଇଥିଲେ । କିଛି ଶ୍ରମିକ କାର୍ଯ୍ୟ ଏବଂ ପାରିଶ୍ରମିକକୁ ନେଇ ଆପତ୍ତି ଉଠାଇଥିଲେ । କିନ୍ତୁ ମାଲିକ ତାଙ୍କୁ ଧମକ ଦେଇ ତାଙ୍କ ପାଉଣା ନେଇ ଚାଲି ଯିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହି ସମୟରେ ପୁଞ୍ଜିପତି ମାନଙ୍କ ମନମୁଖୀ କାର୍ଯ୍ୟରେ ଶ୍ରମିକ ଶ୍ରେଣୀ ଅତିଷ୍ଠ ହୋଇ ଯାଉଥିଲେ । ଛୋଟ ଶିଶୁ ମାନଙ୍କୁ ମଧ୍ୟ ଶ୍ରମିକ ଭାବେ ନିୟୋଜିତ କରା ଯାଉଥିଲା, କାରଣ ସେହି ସମୟରେ ଶିଶୁ କଲ୍ୟାଣ ନିମନ୍ତେ କୌଣସି ଆଇନ୍ ପ୍ରାବଧାନ ନଥିଲା । ପ୍ରଥମ କଥା ଏହି ସବୁ ଚିନ୍ତାଧାରା ଜନ୍ ରସ୍କିନ୍‌ଙ୍କ ମସ୍ତିଷ୍କରେ କିପରି ଆସିଲା ? ତାଙ୍କ ମାତା ରସ୍କିନ୍ ଙ୍କୁ ବାଇବେଲ୍ ପଢ଼ି ସବୁ ବୁଝାଇ ଦେଉ ଥିଲେ । ଗାନ୍ଧିଜୀ ରସ୍କିନ୍‌ଙ୍କ ଚିନ୍ତାଧାରାକୁ ସମାଜର କଲ୍ୟାଣ ନିମନ୍ତେ ଆପଣେଇ ନେଇଥିଲେ । ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣ ବୈସମ୍ୟ, ଦାସତ୍ୱ, ଶ୍ରମିକ ଶୋଷଣ, ପୁଞ୍ଜିପତି ମାନଙ୍କର ଗରିବ ଉପରେ ଅକଥନୀୟ ଅତ୍ୟାଚାର ଦେଖି ଗାନ୍ଧିଜୀ ବ୍ୟଥିତ ହୋଇ ଯାଇଥିଲେ । ଆଇନ ଫାର୍ମରେ କାର୍ଯ୍ୟରତ ଗାନ୍ଧିଜୀ ଗରିବଙ୍କ ପାଇଁ କିଛି କରିବାକୁ ନିଷ୍ପତ୍ତି ନେଇ ଆନ୍ଦୋଳନ ଆରମ୍ଭ କରି ତାହାକୁ ଅହିଂସା ଆନ୍ଦୋଳନର ରୂପ ଦେଇଥିଲେ । ଜଣେ ସାଲିସ୍ ବିହୀନ ସଂଗ୍ରାମୀ ନେତା ଭାବେ ଦକ୍ଷିଣ ଆଫ୍ରିକା ତାଙ୍କୁ ସ୍ୱୀକୃତି ପ୍ରଦାନ କରିଥିଲା । ପରବର୍ତ୍ତୀ ସମୟରେ ଦକ୍ଷିଣ ଆଫ୍ରିକାରେ ଦ୍ୱିତୀୟ ଗାନ୍ଧିଜୀ ଭାବେ ନେଲସନ୍ ମଣ୍ଡେଲା ପରିଚୟ ଲାଭ କରିଥିଲେ । ସମୟ ସମୟରେ ଜୀବନରେ ଆସୁଥିବା ମୋଡ଼ ଯଦି ସକାରାତ୍ମକ ହୁଏ ତେବେ ସେହି ବ୍ୟକ୍ତିଟି ଜନତାଙ୍କ ପାଇଁ ଭଗବାନ ପାଲଟି ଯାଆନ୍ତି ଏଥିରେ ଦ୍ୱିମତ ହେବାର କିଛି ନାହିଁ । ସମୟ ତଥା ପରିସ୍ଥିତି କୁ ନଜରରେ ରଖି ସମସ୍ତଙ୍କ ହିତ ନିମନ୍ତେ ମଝିରେ ମଝିରେ ଗାନ୍ଧିଜୀ ତାଙ୍କ ମତ ପରିବର୍ତ୍ତନ ମଧ୍ୟ କରି ଦେଉଥିଲେ । ଏହା କିଛି ସ୍ୱାଧୀନତା ସଂଗ୍ରାମୀ ଗ୍ରହଣ କରି ପାରୁନଥିଲେ । ଅହିଂସା ଲାଗି ଗାନ୍ଧିଜୀ ଯେତେବେଳେ ପୃଥିବୀର ଅଧିକାଂଶ ଦେଶରେ ପୂଜିତ ହେଉଛନ୍ତି ଠିକ୍ ସେହି ସମୟରେ କିଛି ନୂତନ ଚିନ୍ତାଧାରାର ବ୍ୟକ୍ତି ବିଶେଷ ଗାନ୍ଧିଜୀଙ୍କ କୁତ୍ସା ରଟନା କରୁଛନ୍ତି । ପରାଧୀନ ଭାରତର ସ୍ୱାଧୀନତା ସଂଗ୍ରାମର ସାରଥୀ ମହାତ୍ମା ଗାନ୍ଧୀ ୩୦ ଜାନୁଆରୀ ୧୯୪୮ ମସିହାର ଏକ ଅଶୁଭ ସକାଳରେ ଆତତାୟୀର ଗୁଳିରେ ଚିରଦିନ ପାଇଁ ବିଦାୟ ନେଇଥିଲେ । ଭାରତ ବର୍ଷ ଜଣେ ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କୁ ହରାଇଲା । ସମୟ କହିବି ଆଗକୁ କଣ ହେବ? ହୁଏତ ଯୁବପିଢ଼ି ସତ୍ୟକୁ ସତ୍ୟ ବୋଲି ମାନି ପାରନ୍ତି ବା ନିଜ ଯୁକ୍ତି ଦ୍ୱାରା ନୂତନତ୍ୱର ସନ୍ଧାନରେ ଆଗେଇ ଯାଇ ପାରନ୍ତି ।


+ସ୍ନେହ କୁଟୀର,
ଝାଞ୍ଜିରୀ ମଙ୍ଗଳା,
କଟକ -୭୫୩୦୦୯
ମୋ:୯୯୩୭୧୭୪୦୯୭





## ସକାଳୁ ଘେରାଏ

### ଦୀନବନ୍ଧୁ ପୋଇ

ସକାଳୁ ଘେରାଏ ବୁଲି ଆସିବାରୁ
ଦେଖିଲା ଯାହା ମୋ ଆଖି
ନୂଆ ବରଷଟି କାନ୍ଥରେ ପଥରେ
ସେଇଠି ରହିଛି ଲାଖି ।

କିଏ ସେ କେମିତି ପାଳିଛି ଉତ୍ସବ
ରହିଲେ ଏମାନେ ସାକ୍ଷୀ
କିଏ ସେ ଚାଖଣ କ'ଣ କରିଛି
ସେ ଜାଣେ ପଶୁ କି ପକ୍ଷୀ ।

ଶୁଣିଛି ତା କାନ କାହାର କି ଗାନ
କିଏ ନାଚେ ତାଳେ ତାଳେ
ଶୁଣିଲେ ସଙ୍ଗୀତ ବାହାରେ ତାକତ
ନାଚେ ସିଏ ବଳେ ବଳେ ।

କିଏ ସେ କି ରସ ପିଇଛି ବୋଲି ସେ
ଜାଣିଛି ନୂଆ ବରଷ
ଆସୁଅଛି ବୋଲି ଉତ୍ସବ ମନାଇ
କରନ୍ତି କିଛି ଅୟସ ।

ସେଇ ବାଟ ଦେଇ ଗତ ରାତିଟାରେ
ଫେରିଥିଲି ମୋର ଘର
ଯାହା ଦେଖିଥିଲି ସେଇଆତ ଅଛି
ନୂଆ କିଛି ନାହିଁ ତାର ।

କେଉଁଠି ବୋତଲ ଗିଲାସ ଯେ ଜରି
ଦେଖିଲି ପଡିଛି ପଥେ
ପରିଷ୍କାର ରାସ୍ତା ବୋତଲ ବହୁଳ
ଏଇଟା କି ନୂଆ ସତେ ।

ନୂଆ ନୁହେଁ କିଛି ପୃଥିବୀର ଗତି
ଏଇମିତି ଆସୁଥିବ
ସୂର୍ଯ୍ୟ ଚାରିପାଖେ ଥରେ ଘୂରିଗଲେ
ବରଷଟେ ପୂର୍ଣ୍ଣ ହେବ ।

ବର୍ଷ ପୁରାଣିରେ ଆସ ବନ୍ଧୁ ଆସ
ଭଲ ଯାହା ତା କରିବା
ଛାଡି ମଦ ମାଂସ ହୋଇ ଶାକାହାରୀ
ସୁସ୍ଥ ସମାଜ ଗଢିବା ।


+ଗୋରଡ଼ାପାଳ, କରମୂଳ
ଢେଙ୍କାନାଳ
ମୋ: ୯୯୩୮୮୦୨୪୧୨


## ନୂଆ ବର୍ଷର ନୂଆ ଶପଥ

### ସଦାଶିବ ବିଶ୍ୱାଳ



ଜ୍ଞାନୀ ଲୋକମାନେ ଯଥାର୍ଥ କହନ୍ତି
ଅତୀତକୁ ଭୁଲିଯାଅ
ବର୍ତ୍ତମାନଙ୍କୁ ବିନଦାସ ବଞ୍ଚ
ଭବିଷ୍ୟ ଆଶାରେ ରୁହ

ଦୁଇ ହଜାର ପଚିଶି
ଅତୀତ ହୋଇଛି
ନୂଆ ବରଷ ଛବିଶ
ଆଗକୁ ମାଡି ଆସୁଛି

ନିଜ ଧରମକୁ ଶ୍ରଦ୍ଧାରେ ପାଳିବା
ନିୟମ ଲଙ୍ଘିବା ନାହିଁ
ସବୁ ଧରମକୁ ସମ୍ମାନ ଦେବା
ସ୍ୱଧର୍ମ ପରପେ ଲଦିବା କାହିଁ ? ?

ଯୁଦ୍ଧ ଏଡାଇ ଚାଲିବା ଜୀବନେ
ଶାନ୍ତି ଆପଣେଇ ନେବା
ସୁନ୍ଦର ଧରାରେ ଆନନ୍ଦେ ବଞ୍ଚିବା
ମୁଖେ ସ୍ୱଧର୍ମ ଗୁରୁ ନାମ ନେବା


+କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ
ଆକାଉଟାଣ୍ଟ
ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ
ମୋହନଦାସ ଏନକ୍ଲେଭ
ଖଣ୍ଡଗିରି, ଭୁବନେଶ୍ୱର

# ୨୦୨୫ରେ ଓଟିଟିରେ ଧମାଲ କରିଥିବା ୱେବସିରିଜ



**ବର୍ଷ ୨୦୨୫ ଭାରତୀୟ ଓଟିଟି ପ୍ଲାଟଫର୍ମ ପାଇଁ ଖୁବ ଭଲ ସମୟ ଥିଲା। ଏହି ବର୍ଷ ଦର୍ଶକମାନେ ଅପରାଧ, ରାଜନୀତି, ପାରିବାରିକ ନାଟକ, କମେଡି ଏବଂ ପରୀକ୍ଷାମୂଳକ କାହାଣୀର ଭରପୁର ମଜା ନେଇଥିଲେ । କିଛି ପୁରୁଣା ହିଟ୍ ଶୋ' ନୂତନ ସିଜିନ୍ ସହିତ ଫେରି ରେକର୍ଡ ଭାଙ୍ଗିଥିଲା।**

ଦି ବ୍ୟାଡ଼ସ ଅଫ ବଲିଉଡ଼ : ଏହି ବର୍ଷର ସବୁଠାରୁ ବୋଲ୍ଡ ଧାରାବାହିକ ମଧ୍ୟରୁ ଗୋଟିଏ ଥିଲା ' ଦି ବ୍ୟାଡ଼ସ ଅଫ ବଲିଉଡ଼ '। ବବି ଦେଓଲଙ୍କ ସ୍କ୍ରିନ୍ ଉପସ୍ଥିତି ଏବଂ ସହେର ବାମ୍ବା ଏବଂ ମୋନା ସିଂହଙ୍କ ଅଭିନୟ ଶୋ'କୁ ଆହୁରି ସ୍ୱତନ୍ତ୍ର କରିଥିଲା। ଶାହରୁଖ ଖାନଙ୍କ ସ୍ୱତନ୍ତ୍ର ଉପସ୍ଥିତି ଦର୍ଶକଙ୍କ ପାଇଁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଥିଲା, ଯାହା ଶୋ'ର ଲୋକପ୍ରିୟତାକୁ ଆହୁରି ବୃଦ୍ଧି କରିଥିଲା।

ଦ ଫାମିଲି ମେନ ୩ : ମନୋଜ ବାଜପେୟୀଙ୍କ 'ଦ ଫାମିଲି ମେନ ୩' ଦର୍ଶକଙ୍କ ହୃଦୟ ଜିତିଥିଲା। ଏଥର, ଶ୍ରୀକାନ୍ତ ତିୱାରୀଙ୍କ ଚରିତ୍ରକୁ ପୂର୍ବ ଅପେକ୍ଷା ଅଧିକ ଜଟିଳତା ଏବଂ ଭାବପ୍ରବଣ ଗଭୀରତା ସହିତ ଚିତ୍ରଣ କରାଯାଇଥିଲା।

ଡ଼ବା କାର୍ଟେଲ: ମହିଳା କେନ୍ଦ୍ରିତ ଅପରାଧ ଥ୍ରୀଲର 'ଡ଼ବା କାର୍ଟେଲ' ମଧ୍ୟ ଯଥେଷ୍ଟ ଦୃଷ୍ଟି ଆକର୍ଷଣ କରିଥିଲା। ଶବାନା ଆଜମୀ, ଶାଲିନୀ ପାଣ୍ଡେ, ଜ୍ୟୋତିକା ଏବଂ ଭୂପେନ୍ଦ୍ର ଜାଦାବତ କାହାଣୀରେ ସେମାନଙ୍କର ଚରିତ୍ରଗୁଡ଼ିକୁ ଜୀବନ୍ତ କରିଥିଲେ। ମୁମ୍ବାଇର ଡବା ସିଷ୍ଟମ ମାଧ୍ୟମରେ ପାଞ୍ଚ ଜଣ ଗୃହିଣୀ ଏକ ଗୁପ୍ତ ଅପରାଧ ନେଟୱାର୍କ ଚଲାଉଥିବା କାହାଣୀ ଦର୍ଶକଙ୍କୁ ଆକର୍ଷିତ କରିଥିଲା।

ରାଣା ନାଇଡୁ ୨ : ରାଣା ଦଗୁବତୀ ଏବଂ ଭେଙ୍କଟେଶ ଦଗୁବତୀଙ୍କ ଅଭିନୀତ ଏହି ଧାରାବାହିକ ପ୍ରଥମ ସିଜିନ ଅପେକ୍ଷା ଆହୁରି ହିଂସାତ୍ମକ ଏବଂ ଭାବପ୍ରବଣ ହୋଇଥିଲା । କୃତି ଖାରବନ୍ଦାଙ୍କ ଚରିତ୍ର ଦର୍ଶକଙ୍କ ମଧ୍ୟରେ ଆଲୋଚନାର ବିଷୟ ପାଲଟିଥିଲା। ଶକ୍ତିଶାଳୀ ଆକ୍ସନ ଏବଂ ଉତ୍କୃଷ୍ଟ ଲେଖା ଏହାକୁ ବର୍ଷର ସବୁଠାରୁ ଲୋକପ୍ରିୟ ଧାରାବାହିକ ମଧ୍ୟରୁ ଗୋଟିଏ କରିଥିଲା।

ଦ ଟ୍ରାଏଲ୍ ୨ : କାଜୋଲ୍ ଏବଂ କୁବ୍ରା ସୈତଙ୍କ ଅଭିନୀତ ଏହି ଆଇନଗତ ଡ୍ରାମା ସିରିଜ୍ ଏହାର ଭାବପ୍ରବଣ ଏବଂ ଗମ୍ଭୀର ମୋଡ଼ ସହିତ ଦର୍ଶକଙ୍କ ମଧ୍ୟରେ ପ୍ରତିଧ୍ୱନିତ ହୋଇଥିଲା। କାଜୋଲଙ୍କ ଶକ୍ତିଶାଳୀ ଚିତ୍ରଣ କାହାଣୀକୁ ଆଗକୁ ବଢ଼ାଉଥିଲା । ଯେତେବେଳେ ବହୁସ୍ତରୀୟ ଚିତ୍ରଣ ଏକ ପ୍ରମୁଖ ଆକର୍ଷଣ ଥିଲା। ଏହି ସିରିଜ୍ ଓଟିଟି ପ୍ଲାଟଫର୍ମରେ ସବୁଠାରୁ ଶକ୍ତିଶାଳୀ ୱେବ୍ ସିରିଜ୍ ମଧ୍ୟରୁ ଗୋଟିଏ ହୋଇଥିଲା।

ବ୍ଲାକ୍ ୱାରେଣ୍ଟ : ଜାହାନ କପୁରଙ୍କ 'ବ୍ଲାକ୍ ୱାରେଣ୍ଟ' ଏହାର ସସପେନ୍ସପୂର୍ଣ୍ଣ ଅପରାଧ ଥ୍ରୀଲର ସହିତ ଦର୍ଶକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଗୁପ୍ତ ମିଶନ, ବିଶ୍ୱାସଘାତକତା ଏବଂ ନୈତିକ ଦ୍ୱନ୍ଦ୍ୱରେ ପରିପୂର୍ଣ୍ଣ ଏହି କାହାଣୀ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଜାହାନ କପୁରଙ୍କ ଶାନ୍ତ ଏବଂ ଶକ୍ତିଶାଳୀ ଅଭିନୟ ଏହାକୁ ବର୍ଷର ସବୁଠାରୁ ପ୍ରଭାବଶାଳୀ ୱେବ୍ ସିରିଜ୍ ମଧ୍ୟରୁ ଗୋଟିଏ ପରିଣତ କରିଥିଲା।

ରୟାଲ୍ସ : ଈଶାନ ଖଟ୍ଟର ଏବଂ ଭୂମି ପେଡନେକରଙ୍କ ନୂତନ ଯୋଡ଼ି ରାଜନୈତିକ କ୍ଷେତ୍ରରେ କ୍ଷମତା, ଦୁର୍ନୀତି ଏବଂ ଦୁର୍ନୀତିର କାହାଣୀକୁ ଶକ୍ତିଶାଳୀ ଭାବରେ ଉପସ୍ଥାପନ କରିଛି। ନାଟକୀୟ କାହାଣୀ ଏବଂ ବଳିଷ୍ଠ ଅଭିନୟ ଏହାକୁ ବର୍ଷର ଏକ ଆକର୍ଷଣୀୟ ଧାରାବାହିକରେ ପରିଣତ କରିଛି।

ଦିଲ୍ଲୀ କ୍ରାଇମ୍ସ ୩ : ଦିଲ୍ଲୀ କ୍ରାଇମ୍ସ ୩ ରେ ଶେଫାଲି ଶାହ ଏବଂ ହୁମା କୁରେଶୀଙ୍କ ଅଭିନୟ ଏହାକୁ ଆହୁରି ମଜବୁତ କରିଥିଲା । ଏହି ସିନେମା ନ୍ୟାସନାଲ ପୁରସ୍କାର ମଧ୍ୟ ପାଇଥିଲା ।

ମହାରାଣୀ ୪ : ଏହି ସିଜିନରେ ହୁମା କୁରେଶୀଙ୍କ ଚରିତ୍ରକୁ ଲୋକମାନେ ବହୁତ ପସନ୍ଦ କରିଛନ୍ତି । ଏଥିରେ ରାଜନୈତିକ ଦ୍ୱନ୍ଦ୍ୱ, ଆଦର୍ଶଗତ ସଂଘର୍ଷ ଏବଂ କ୍ଷମତାର ବ୍ୟକ୍ତିଗତ ମୂଲ୍ୟବୋଧ ଦର୍ଶକ ବ୍ୟାପକ ଭଲପାଇବା ଦେଇଛନ୍ତି। ଫଳସ୍ୱରୂପ, 'ମହାରାଣୀ' ଓଟିଟି ପ୍ଲାଟଫର୍ମରେ ଶ୍ରେଷ୍ଠ ରାଜନୈତିକ ନାଟକ ମଧ୍ୟରୁ ଗୋଟିଏରେ ପରିଣତ ହୋଇଛି ।

ପଞ୍ଚାୟତ ୪ : ଜିତେନ୍ଦ୍ର କୁମାର, ରଘୁବୀର ଯାଦବ ଏବଂ ନୀନା ଗୁପ୍ତା ଅଭିନୀତ ଏହି ଧାରାବାହିକଟି ଏହାର ସରଳ ଗ୍ରାମୀଣ ପରିବେଶ ଏବଂ ନୀରବ ଚରିତ୍ରଗୁଡ଼ିକ ପାଇଁ ଦର୍ଶକଙ୍କ ମନ ଜିତିଛି। ଚତୁର୍ଥ ସିଜିନରେ କାହାଣୀଟି ଏକ ଅନ୍ଧକାର ଏବଂ ଅଧିକ ଆକର୍ଷଣୀୟ ମୋଡ଼ ନେଇଥିଲା କିନ୍ତୁ ଫୁଲେରା ଗାଁର ପରିବେଶ ସେହିପରି ହୃଦୟସ୍ପର୍ଶୀ ରହିଛି।

# ଆକ୍ସନରେ ନୟନତାରା



ପ୍ରଶଂସକମାନେ ଯଶଙ୍କ ଫିଲ୍ମ 'ଟକ୍ସିକ'ର ମୁକ୍ତିଲାଭ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ନୂଆବର୍ଷ ପୂର୍ବରୁ ପ୍ରଶଂସକଙ୍କୁ ବଡ଼ ଉପହାର ଦେଇଛନ୍ତି ଏହି ଫିଲ୍ମର ନିର୍ମାତା। ଫିଲ୍ମରେ ନୟନତାରାଙ୍କ ପ୍ରଥମ ଲୁକ ରିଲିଜ ହୋଇଛି। ନୟନତାରାଙ୍କ ପୋଷ୍ଟର ସୋସିଆଲ ମିଡିଆରେ ଚର୍ଚ୍ଚା ସୃଷ୍ଟି କରିଛି। ଅଭିନେତ୍ରୀ ନିଜର ଶକ୍ତିଶାଳୀ ଲୁକ ସହିତ ଅନେକଙ୍କୁ ପ୍ରଭାବିତ କରିଛନ୍ତି। ପୋଷ୍ଟରରେ ନୟନତାରାଙ୍କ ଏକ ଶକ୍ତିଶାଳୀ ଅବତାରରେ ନଜର ଆସିଛନ୍ତି। ପୂର୍ବରୁ, ଯଶ, କିୟାରା ଆଡଭାନୀ ଏବଂ ହୁମା କୁରେଶୀଙ୍କ ପ୍ରଥମ ଲୁକ ମଧ୍ୟ ରିଲିଜ ହୋଇଛି। ନୟନତାରା ତାଙ୍କ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ 'ଟକ୍ସିକ'ର ତାଙ୍କର ପ୍ରଥମ ଲୁକ ଶେୟାର କରିଛନ୍ତି, ଏଥିରେ ସେ ଏକ ଶକ୍ତିଶାଳୀ ପୋଜ୍‌ରେ ଦେଖାଯାଇଛନ୍ତି। ସେ ଏକ କଳା ପୋଷାକ ପିନ୍ଧି ବନ୍ଧୁକ ଧରିଛନ୍ତି। ଫିଲ୍ମରେ ନୟନତାରାଙ୍କ ଚରିତ୍ରର ନାମ ଗଙ୍ଗା। ପୋଷ୍ଟରରୁ ସୂଚିତ ହୋଇଛି ଯେ, ନୟନତାରା ଫିଲ୍ମରେ କିଛି ଆକ୍ସନ ଦୃଶ୍ୟ ମଧ୍ୟ ପ୍ରଦର୍ଶନ କରିବେ। ହୁମା କୁରେଶୀ, ଯଶ ଏବଂ କିୟାରା ଆଡଭାନୀଙ୍କ ଅଭିନୀତ 'ଟକ୍ସିକ: ଏ ଫେଇରୀ ଟେଲ ଫର ଗ୍ରୋନ-ଅପ୍ସ'ରେ ଏଲିଜାବେଥଙ୍କ ଭୂମିକାକୁ ଜୀବନ୍ତ କରିବାକୁ ପ୍ରସ୍ତୁତ। ଚଳଚ୍ଚିତ୍ର ନିର୍ମାତାମାନେ ନିକଟରେ ଏଲିଜାବେଥ ଭୂମିକାରେ ହୁମାଙ୍କ ଏକ ପୋଷ୍ଟର ରିଲିଜ କରିଛନ୍ତି। 'ଟକ୍ସିକ' ୧୯ ମାର୍ଚ୍ଚ, ୨୦୨୬ରେ ସିନେମା ହଲରେ ମୁକ୍ତିଲାଭ କରିବ। ଯଶ ଏବଂ ରଣବୀର ସିଂଙ୍କ ମଧ୍ୟରେ ଏକ କଡ଼ା ବକ୍ସ ଅଫିସ ପ୍ରତିଯୋଗିତା ହେବ। କାରଣ ରଣବୀରଙ୍କ ଆକ୍ସନ ଡ୍ରାମା ଫିଲ୍ମ ଧୁରନ୍ଧର ୨ ମଧ୍ୟ ସେହି ଦିନ ମୁକ୍ତିଲାଭ କରୁଛି।




ଜେଜେମା ଓ ଗପ- ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ... ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଜେଜେମା କଥା ଉଠିଲେ ମନକୁ କିଛି ଆସୁ କି ନଆସୁ ଗପର ପସରା, ଗପର ଗମୁର ପେଡ଼ି କଥା ମନକୁ ଛାଏଁ ଚାଲିଆସେ । ଆଉ ଆଗରୁ ଘରେ ଘରେ ଜେଜେମାମାନେ ନାତି, ନାତୁଣୀଙ୍କ ସହ ପିଲାଙ୍କୁ ଗୋଟେ ଜାଗାରେ ବସାଇ ଗପ କହୁଥିଲେ । ବୁଢ଼ୀ ଅସୁରୁଣୀ ଗପ ହେଉ କି ମାଡ଼ହାଣ୍ଡି ଗପ- ସବୁ ଆମେ ଜେଜେମା ମୁହଁରୁ ଶୁଣୁ । ଏବେ କିନ୍ତୁ ସେସବୁ ଦେଖିବାକୁ ମିଳୁନି । ମୋବାଇଲ ଯୁଗରେ ପିଲା ଗପ ଫୋନରେ ଶୁଣୁଛନ୍ତି ପଛେ ଜେଜେମାଠୁ ଆଉ ଶୁଣିବାକୁ ପାଉନାହାନ୍ତି । ପିଲାମାନେ ଯେହେତୁ ଗାଁରେ ଆଉ ରହୁନାହାନ୍ତି ତେଣୁ ଧିରେଧିରେ ସମାଜରେ ଜେଜେମା ଓ ଗପର ସେ ପସରା ଦେଖିବାକୁ ମିଳୁନି । ହଜିହଜି ଯାଉଥିବା ଏହି ପରମ୍ପରାକୁ ପୁଣି ଥରେ ଏକ ମ୍ୟୁଜିକ ଭିଡିଓ ମାଧ୍ୟମରେ ଜୀବିତ କରିବାକୁ ଚାହିଁଛନ୍ତି ଟିମ୍ 'କଳା ବାନ୍ଧବ'...

ହଁ ଆଜ୍ଞା ! ନିକଟରେ ରିଲିଜ ହୋଇଥିବା ଏକ ମ୍ୟୁଜିକ ଭିଡିଓରେ ଜେଜେମା ଗପ କାହାଣୀର ଝଲକ ଦେଖିବାକୁ ମିଳିଥିବା ବେଳେ ମହାପ୍ରଭୁ ଏବଂ କୁନି ମୀରାର କାହାଣୀ ଦେଖିବାକୁ ମିଳିଛି । 'ହେ କଳା ବାନ୍ଧବ' ନାଁକୁ ଏକ ମ୍ୟୁଜିକ ଭିଡିଓ ହେଇଥିଲେ ହେଁ କିନ୍ତୁ ଦେଖିବାକୁ ଗଲେ ଏହା ଏକ ଛୋଟ ସିନେମା ପରି । ଏ କାହାଣୀ ମୀରାର, କାହାଣୀ ଅଭିମାନର, କାହାଣୀ କୌତୁହଳର, କାହାଣୀ ମୀରା ଓ କାଳିଆର ବନ୍ଧୁତ୍ୱର ଏକ ଦୃଢ ପ୍ରତିଫଳନ ।

ଜଗନ୍ନାଥ – ଅନୁଭବର ଠାକୁର, ଅଭିମାନର ଠାକୁର... ଭକ୍ତଟିଏ ତାଙ୍କୁ ନଦେଖି ପାରିଲେ ତାଙ୍କ ଉପରେ ଅଭିମାନ କରେ । ଜଗନ୍ନାଥଙ୍କ ଉପରେ ଅଭିମାନ କରିବାର ଅଧିକାର ଆମ ସମସ୍ତଙ୍କର ଅଛି । ଠିକ୍ ଭଜନରେ ଦୃଷ୍ଟିହୀନ ଝିଅର ଅଭିମାନ ପରି... ଜଗାକୁ ନଦେଖି ପାରିବାର ଅଭିମାନ, ତାକୁ ନଧରି ପାରିବାର ଅବସୋସ, ତାସହ ନଖେଳି ପାରିବାର ଅଝଟପଣକୁ ନେଇ ହିଁ ଭଜନର କାହାଣୀ ଗତିଶୀଳ ।

*'ହେ କଳା ବାନ୍ଧବ'ର କାହାଣୀ କଣ ?*

ଆମ ପରି ଆଖି ଥିବା ଲୋକ ସିନା ଜଗନ୍ନାଥଙ୍କୁ ମନ୍ଦିର ଯାଇ ଦେଖିପାରୁଛି କିମ୍ୱା ଫଟୋରେ ତାଙ୍କୁ ଦେଖିପାରୁଛି । ଜଗନ୍ନାଥ ଦେଖିବାକୁ କେମିତି ବୋଲି ପଚାରିଲେ ସିଏ- କଳା ମଚମଚ ଦେହରେ ଚକାଚକା ଆଖି କଥା କହୁଛି । ହେଲେ ଆଖି ନଥିବା ମଣିଷ ପାଇଁ ଜଗନ୍ନାଥ କେମିତି ଦେଖିବାକୁ ? ଆଖି ନଥିବା ମଣିଷଟି ମହାପ୍ରଭୁଙ୍କୁ କେମିତି ଦେଖେ ? ଦୃଷ୍ଟିଶକ୍ତି ହରାଇଥିବା ବ୍ୟକ୍ତିଟି ଦାରୁଦିଅଁଙ୍କୁ କେଉଁ ରୂପରେ ଦର୍ଶନ କରେ ? ଏ ପ୍ରଶ୍ନର ଉତ୍ତର ନିକଟରେ ରିଲିଜ ହୋଇଥିବା ଏକ ସୁନ୍ଦର ଭାବପୂର୍ଣ୍ଣ ଭଜନ 'ହେ କଳା ବାନ୍ଧବ'ରେ ପ୍ରତିଫଳିତ ହୋଇଛି ।

*ପ୍ରଶଂସା ସାଉଁଣ୍ଟୁଛନ୍ତି ସାଇ ଦିବ୍ୟାଂଶୀ*

ଏଥିରେ ମୁଖ୍ୟ ଭୂମିକାରେ ଶିଶୁ କଳାକାର ସାଇ ଦିବ୍ୟାଂଶୀ ଅଭିନୟ କରିଥିବା ବେଳେ ଭଜନରେ କଣ୍ଠଦାନ ମଧ୍ୟ କରିଛନ୍ତି । ତାଙ୍କ ସୁନ୍ଦର କଣ୍ଠର ଯାଦୁରେ ଶ୍ରୋତା ଝୁମୁଛନ୍ତି ଆଉ ତାଙ୍କ ଅଭିନୟକୁ ବି ବେଶ ପସନ୍ଦ କରୁଛନ୍ତି । ପଞ୍ଚମ ଶ୍ରେଣୀରେ ପଢୁଥିବା ସାଇ ନିଜ କାମ ପାଇଁ ବେଶ ଖୁସି ଅଛନ୍ତି । ଏବଂ ଆଗକୁ ସେ ଆହୁରି ସୁନ୍ଦର ସୁନ୍ଦର ଗୀତ ଗାଇବାକୁ ଇଚ୍ଛା ରଖିଛନ୍ତି ।

*ଜେଜେମା ଭୂମିକାରେ ଈଶା ବିବର୍ତ୍ତା*

'ଡବି ବବ୍ଲି' ପ୍ରସ୍ତୁତ ଏହି ଗୀତଟି ଶ୍ରୋତାଙ୍କ ମନକୁ ବେଶ୍ ଛୁଇଁପାରିଛି। ମନୋଜ ଏବଂ ସମୀକଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ବିଶ୍ୱଜିତ ଶତପଥୀଙ୍କ ଦ୍ୱାର ପ୍ରଯୋଜିତ ଏହି ଭଜନରେ ଜଣେ କୁନି ଝିଅ (ମୀରା)ର ଜଗା ପ୍ରତି ଥିବା ନିଷ୍କପଟ ଭକ୍ତି ଓ ଆବେଗକୁ ଅତି ସୁନ୍ଦର ଭାବେ ଚିତ୍ରଣ କରାଯାଇଛି। ତେବେ ଭେଟେରାନ ଅଭିନେତ୍ରୀ ଈଶା ବିବର୍ତ୍ତକ୍ଷ ଏଥିରେ ଜେଜେମା ଭୂମିକାରେ ନଜର ଆଜିଛନ୍ତି । ଘରେଘରେ ପରିଚିତ ସେହି ଚିହ୍ନା ମୁହଁଙ୍କୁ ପୁଣି ଥରେ ଏକ ସୁନ୍ଦର କାହାଣୀରେ ଦେଖିଛନ୍ତି ଦର୍ଶକ । ଜମ୍ବେଶ୍ୱର ଖୁଣ୍ଟିଆ ଏଥିରେ ଅଭିନୟ କରିଛନ୍ତି। ଭକ୍ତିର ଏହି ସୁନ୍ଦର ଭଜନକୁ ଗୀତିକାର ପୁଷ୍ପକ ପରିଡ଼ା ଶବ୍ଦରେ ସଜାଇଥିବା ବେଳେ ମ୍ୟୁଜିକ ଅନିଲ ନାଏକ ଦେଇଛନ୍ତି ।






ଏହି ତାଲିକାରେ ଶାହରୁଖ ଖାନ ଏବଂ ସଲମାନ ଖାନଙ୍କ ସମେତ ଅନେକ ପ୍ରମୁଖ ଷ୍ଟାରଙ୍କ ଅଭିନୀତ ଫିଲ୍ମ ରହିଛି। ଏହି ଫିଲ୍ମଗୁଡ଼ିକ ଆକ୍ସନ, ଡ୍ରାମା, ପୌରାଣିକ କାହାଣୀ, ଭୟଙ୍କର-କମେଡି ଏବଂ ଯୁଦ୍ଧ ଭଳି ଧାରା ଉପରେ ବିସ୍ତୃତ। ଅନେକ ଫିଲ୍ମର ମୁକ୍ତି ତାରିଖ ସଂକ୍ରାନ୍ତି, ହୋଲି ଏବଂ ସ୍ୱାଧୀନତା ଦିବସରେ ହେବାକୁ ଯାଉଛି।୨୦୨୬ ପୂର୍ବରୁ ସିନେମା ପ୍ରେମୀଙ୍କ ପାଇଁ ଏକ ଚମତ୍କାର ବର୍ଷ ପାଇଁ ପ୍ରସ୍ତୁତ ହେଉଛି।

ଜାନୁଆରିରେ ପ୍ରଥମେ ନିର୍ଦ୍ଦେଶକ ଶ୍ରୀରାମ ରାଘବନଙ୍କ ଯୁଦ୍ଧ ନାଟକ "୨୧" ରିଲିଜ୍ ହେବ। ଯେଉଁଥିରେ ଅମିତାଭ ବଚ୍ଚନଙ୍କ ନାତି ଅଗସ୍ତ୍ୟ ନନ୍ଦ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଯେତେବେଳେ ଧର୍ମେନ୍ଦ୍ର ଏବଂ ଜୟଦୀପ ଆହଲାୱତ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖାଦେଇଛନ୍ତି। ଏହି ଚଳଚ୍ଚିତ୍ରଟି ଭାରତର ସବୁଠାରୁ କନିଷ୍ଠ ପରମ ବୀର ଚକ୍ର ପ୍ରାପ୍ତକର୍ତ୍ତାଙ୍କ ସତ୍ୟ କାହାଣୀ ଉପରେ ଆଧାରିତ। ଏହା ସ୍ୱର୍ଗତ ଅଭିନେତା ଧର୍ମେନ୍ଦ୍ରଙ୍କ ଶେଷ ଚଳଚ୍ଚିତ୍ର।

"ଦି ରାଜା ସାବ୍" ମଧ୍ୟ ଜାନୁଆରିରେ ମୁକ୍ତିଲାଭ କରିବ। ପ୍ରଭାସଙ୍କ ଅଭିନୀତ ଏହି ହରର କମେଡିର ନିର୍ଦ୍ଦେଶନା ମାରୁତି ଦେଉଛନ୍ତି। ନିଧି ଅଗ୍ରୱାଲ, ମାଳବିକା ମୋହନନ ଏବଂ ସଞ୍ଜୟ ଦତ୍ତ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଥଲାପତି ବିଜୟଙ୍କ ଶେଷ ଫିଲ୍ମ "ଜନ ନାୟାଗନ" ଏକ ରାଜନୈତିକ ଆକ୍ସନ ଥ୍ରୀଲର। ଏଚ୍. ବିନୋଦଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ପ୍ରଭାସଙ୍କ ସହିତ ଅଭିନେତ୍ରୀ ପୂଜା ହେଗଡେ ଏବଂ ବବି ଦେଓଲ ମଧ୍ୟ ଅଭିନୟ କରିଛନ୍ତି।

"ବର୍ଡର ୨" ହେଉଛି ୧୯୯୭ ମସିହାର କ୍ଲାସିକ୍ "ବର୍ଡର"ର ସିକ୍ୱେଲ୍। ଅନୁରାଗ ସିଂହଙ୍କ ନିର୍ଦ୍ଦେଶିତ, ସନ୍ନି ଦେଓଲ ପୁଣି ଥରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ତାଙ୍କ ସହିତ ବରୁଣ ଧାୱନ, ଦିଲଜିତ ଦୋସାଞ୍ଜ ଏବଂ ଆହାନ ସେଟ୍ଟି ଅଛନ୍ତି। ଏହି ଯୁଦ୍ଧ ଚଳଚ୍ଚିତ୍ରଟି ୧୯୭୧ ମସିହାର ଯୁଦ୍ଧ ଉପରେ ଆଧାରିତ। ଏହି ଚଳଚ୍ଚିତ୍ରଟି ୨୦୨୬ ମସିହାରେ ମୁକ୍ତିଲାଭ କରିବାର ଯୋଜନା ରହିଛି।

ଫେବୃଆରିରେ ରାନୀ ମୁଖାର୍ଜୀଙ୍କ "ମାରଦାନି" ରିଲିଜ୍ ହେବ। ଅଭିରାଜ ମୀନାୱାଲାଙ୍କ ନିର୍ଦ୍ଦେଶିତ ରାନୀ ଏହି କ୍ରାଇମ ଥ୍ରୀଲରରେ ଶିବାନୀ ଶିବାଜୀ ରୟଙ୍କ ଭୂମିକାରେ ଅଭିନୟ କରିବେ। ଏହାକୁ ଫ୍ରାଞ୍ଚାଇଜ୍ ର ଅନ୍ଧକାର ଅଧ୍ୟାୟ ଭାବରେ ବର୍ଣ୍ଣନା କରାଯାଇଛି।

ମାର୍ଚ୍ଚ ମାସରେ ଅନେକ ବଡ଼ ଟକ୍କର ହେବ। ରଣବୀର ସିଂହଙ୍କ "ଧୁରନ୍ଧର ୨" ଏବଂ ଯଶ ଏବଂ କିୟାରା ଆଡଭାନୀଙ୍କ "ଟକ୍ସିକ୍" ଇଦରେ ଟକ୍କର ହେବ। ସଲମାନ ଖାନଙ୍କ "ବ୍ୟାଟଲ୍ ଅଫ୍ ଗାଲୱାନ୍" ଏପ୍ରିଲରେ ମୁକ୍ତିଲାଭ କରିବ। ରଜନୀକାନ୍ତଙ୍କ "ଜେଲର ୨" ଜୁନରେ ମୁକ୍ତିଲାଭ କରିବ। ନେଲସନ ଦିଲୀପ କୁମାରଙ୍କ ନିର୍ଦ୍ଦେଶିତ ଏହି ଆକ୍ସନ-କମେଡିରେ ବିଜୟ ସେଥୁପତି ଏବଂ ମୋହନଲାଲ ମଧ୍ୟ ଅଭିନୟ କରିଛନ୍ତି।

ଅଗଷ୍ଟରେ ସଞ୍ଜୟ ଲୀଲା ବଂଶାଲିଙ୍କ "ଲଭ୍ ଆଣ୍ଡ୍ ୱାର" ମଧ୍ୟ ମୁକ୍ତିଲାଭ କରିବ। ଅଭିନେତା ରଣବୀର କପୁର, ଆଲିଆ ଭଟ୍ଟ ଏବଂ ଭିକି କୌଶଲ ଅଭିନୀତ ଏହି ଚଳଚ୍ଚିତ୍ରଟି ସିନେମା ହଲ୍‌କୁ ଆସିବାକୁ ଯାଉଛି।

ରିଲିଜ୍ ତାରିଖ ଆପେକ୍ଷାରେ: ୨୦୨୬ ଶାହରୁଖ ଖାନଙ୍କ ଫିଲ୍ମ "କିଂ" ରିଲିଜ୍ ହେବ। ଉଲ୍ଲେଖଯୋଗ୍ୟ, ତାଙ୍କ ଝିଅ ସୁହାନା ଖାନ ମଧ୍ୟ ଏହି ଫିଲ୍ମରେ ନଜର ଆସିବେ। କିନ୍ତୁ ଏ ପର୍ଯ୍ୟନ୍ତ ତାରିଖ ଘୋଷଣା କରାଯାଇ ନାହିଁ। ଏହା ସହିତ ପ୍ରଭାସଙ୍କ ଅନ୍ୟ ଫିଲ୍ମ "ସ୍ପିରିଟ୍" ମଧ୍ୟ "ଦି ରାଜା ସାବ" ସହିତ ମୁକ୍ତିଲାଭ କରିବ। ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ପ୍ରଭାସ ଅଭିନୟ କରିଛନ୍ତି। ରାଜକୁମାର ସନ୍ତୋଷୀଙ୍କ ଫିଲ୍ମ "ଲାହୋର ୧୯୪୭" ମଧ୍ୟ ୨୦୨୬ରେ ମୁକ୍ତିଲାଭ କରିବ। ଦର୍ଶକ ପୁଣି ଥରେ ସନ୍ନି ଦେଓଲ ଏବଂ ପ୍ରୀତି ଜିଣ୍ଟାଙ୍କୁ ଏକାଠି ଦେଖିପାରିବେ। ନିତେଶ ତିୱାରୀଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ "ରାମାୟଣ" ମଧ୍ୟ ୨୦୨୬ ମସିହାରେ ସିନେମା ହଲରେ ଆସିବ। ଏହି ଫିଲ୍ମରେ ରଣବୀର କପୁର, ସାଇ ପଲ୍ଲବୀ ଏବଂ ଯଶଙ୍କ ସମେତ ଅନ୍ୟ କଳାକାରମାନେ ଅଭିନୟ କରିଛନ୍ତି।

# ନୂଆବର୍ଷରେ ବଡ଼ ପ୍ରତିଜ୍ଞା କରିଦେଲେ ଅନୁପମ ଖେର: ପ୍ରଶଂସକ ଚକିତ



ବଲିଉଡ ନୂଆବର୍ଷକୁ ଜୋରଦାର ସ୍ୱାଗତ କରିଛି। କିଏ ନିଜ ପରିବାର ସହିତ ସମୟ ବିତାଉଛନ୍ତି, ଆଉ କିଏ ମନ୍ଦିରରେ ପ୍ରାର୍ଥନା କରି ଆଶୀର୍ବାଦ ନେଉଛନ୍ତି। ଅଭିନେତା ଅନୁପମ ଖେର ନୂଆବର୍ଷରେ ଏକ ବଡ଼ ପ୍ରତିଜ୍ଞା କରିଛନ୍ତି। ସେ ତାଙ୍କ ପ୍ରଶଂସକଙ୍କ ସହିତ ମନର କଥା ଶେୟାର କରିଛନ୍ତି।

ଅନୁପମ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ସେ ଗରିବଙ୍କୁ ସାହାଯ୍ୟ କରିବାକୁ ଏବଂ ନିଜ କାନ୍ଧରେ ଦୁନିଆର ବୋଝ ବୋହିବାକୁ ପ୍ରତିଜ୍ଞା କରିଛନ୍ତି। ଭିଡିଓରେ ସେ କହିଛନ୍ତି, ଜୀବନର ପ୍ରତ୍ୟେକ ବର୍ଷ ଆମକୁ କିଛି ନୂଆ ଶିଖାଏ ଏବଂ ମୁଁ ୨୦୨୫ରୁ ଯାହା ଶିଖିଛି ଏବଂ ମୁଁ ୨୦୨୬ରେ ମୋ ଜୀବନରେ ସେଗୁଡ଼ିକୁ ପ୍ରୟୋଗ କରିବାକୁ ଚାହେଁ। ତାହା ହେଉଛି ଏହି ଛୋଟ ଛୋଟ ଜିନିଷ। ନିଜ ଉପରେ ଅତ୍ୟଧିକ ବୋଝ ନ ନେବା, ଗରିବଙ୍କୁ ସାହାଯ୍ୟ କରିବା, ପନିପରିବା ବିକ୍ରେତାଙ୍କ ସହିତ ମୂଲଚାଲ ନ କରିବା ଏବଂ ଭୁଲ କାମ କରୁଥିବା ଲୋକଙ୍କ ତ୍ରୁଟି ସୁଧାରିବା ଦାୟିତ୍ୱ ନିଜେ ନ ନେବା ବିଷୟରେ କହିଛନ୍ତି। ସେ ଆହୁରି ଲେଖିଛନ୍ତି, ଆପଣ ମଧ୍ୟ ଏହି ଜିନିଷଗୁଡ଼ିକ ମଧ୍ୟରୁ କିଛି ଶିକ୍ଷା ପାଇବେ। ଆପଣ ସମସ୍ତଙ୍କୁ ନୂତନ ବର୍ଷର ଶୁଭେଚ୍ଛା। ଭଗବାନ ଆପଣଙ୍କ ଜୀବନକୁ ସୁଖ ଏବଂ ଶାନ୍ତି ସହିତ ଆଶୀର୍ବାଦ କରନ୍ତୁ। ଆପଣ ନିଜ ପାଇଁ, ଆପଣଙ୍କ ପରିବାର, ସମାଜ ଏବଂ ଦେଶ ପାଇଁ ଚିନ୍ତା କରନ୍ତୁ ଏବଂ ଭଲ କାମ କରନ୍ତୁ।

# ଟେଣ୍ଡରରେ ଅନିୟମତା ହୋଇଥିବା ଅଭିଯୋଗ ନେଇ ଏସଏଚଜି ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ଜୟପୁର,୦୧/୧ (ନି.ପ୍ର): ଜୟପୁର ପୌରସଂସ୍ଥା ପକ୍ଷରୁ କେବଳ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି)ଙ୍କୁ ଆହାର କେନ୍ଦ୍ରର ରୋଷେଇ ଓ ଖାଦ୍ୟ ବଣ୍ଟନ ସମେତ ରାତ୍ରି ବିଶ୍ରାମ ସ୍ଥଳ ଏବଂ ଏମସିସିର ମଳମୃତ ଓ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇଥିଲା । କିନ୍ତୁ ଏହି ଟେଣ୍ଡର ପ୍ରକ୍ରିୟା ଏବଂ ଏହାର ସ୍ୱଚ୍ଛତାକୁ ନେଇ ସନ୍ଦେହ ରହିଛି ଏବଂ ବ୍ୟାପକ ଅନିୟମତା ହୋଇଥିବା ବେଳେ କିଛି ଏସଏଚଜି କିଭଳି ଏହି ଟେଣ୍ଡର ହାସଲ କରିବେ । ସେମାନଙ୍କୁ ସୁହାଇଲା ଭଳି ସର୍ତ୍ତ ରଖାଯାଇଛି ବୋଲି ଏଥିରେ ବାଦ ପଡିଥିବା ଏସଏଚଜି କର୍ମକର୍ତ୍ତା ଓ ସଦସ୍ୟ ମାନେ ଅଭିଯୋଗ ନେଇ ପୌରସଂସ୍ଥାର କାର୍ଯ୍ୟାଳୟ ସମ୍ମୁଖରେ ଆଜି ଟେଣ୍ଡର ହାସଲ କରିଥିବା ଏସଏଚଜିଙ୍କ ନାମ ଘୋଷଣଆ ପରେ ଧାରଣା ଦେଇଥିଲେ । ଏହିପରି ପୌରସଂସ୍ଥାର ମନମୁଖୀ ଏବଂ ଏକତରଫା ଟେଣ୍ଡର ପ୍ରକ୍ରିୟାରେ ନିୟମ ଯୋଗୁଁ ଏହି ଟେଣ୍ଡର ପାଇଁ ଯୋଗ୍ୟତା କରିବାକୁ ନୂତନ ଏସଏଚଜି ମାନେ ସୁଯୋଗ ପାଇପାରିବେ ନାହିଁ ବୋଲି ଧାରଣା ଦେଇଥିବା ଏସଏଚିଜି ମାନେ ଅଭିଯୋଗ କରିଛନ୍ତି । ତୁରନ୍ତ ସେମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ ସହିତ ପୁନଃର୍ବାର ସଠିକ ଭାବେ ୪ଟି ସଂସ୍ଥାକୁ ଟେଣ୍ଡର ପାଇଁ ଯୋଗ୍ୟତା ହାସଲ କରିଥିବା ୧୦ଟି ଏସଏଚଜିଙ୍କୁ ନେଇ ଲଟେରୀ କରାଯାଉ ଯେଉଁ ମାନେ ଏହି ଲଟେରୀ ପ୍ରକ୍ରିୟାରେ କୃତକାର୍ଯ୍ୟ ହେବେ ସେମାନଙ୍କୁ ଉକ୍ତ ସ୍ଥାନର ଦାୟୀତ୍ୱ ପ୍ରଦାନ କରାଯାଉ ବୋଲି ଆନ୍ଦୋଳନକାରୀ ମାନେ ଦାବି କରିଥିଲେ । ଖବରପାଇ ଘଟଣାସ୍ଥଳରେ ଟାଉନଥାନା ପୁଲିସ ପହଂଚି ଧାରଣା ଦେଇଥିବା ମହିଳା ଏସଏଚଜିଙ୍କୁ ବୁଝାସୁଝା ପରେ ଉଠିଥିଲେ । ଗତ ଡିସେମ୍ବର ମାସରେ ପ୍ରଥମ ସପ୍ତାହରେ ଉପରୋକ୍ତ ସଂସ୍ଥା ଗୁଡିକର ପରିଚାଳନା ନିମନ୍ତେ କେବଳ ମହିଳା ଏସଏଚଜି ମାନେ ଆବେଦନ କରିବା ନେଇ ଟେଣ୍ଡର ଅନଲାଇନ ମାଧ୍ୟମରେ ଆହ୍ୱାନ କରାଯାଇଥିଲା । ଏଥିରେ ଜୟପୁର ପୌରାଂଚଳର ବିଭିନ୍ନ ୱାର୍ଡର ସମୁଦାୟ ୮୩ଟି ଏସଏଚଜି ଟେଣ୍ଡର ପ୍ରକ୍ରିୟା ଯୋଗଦେଇ ଆବେଦନ ଦାଖଲ କରିଥିଲେ ସୁଦ୍ଧା ଏହିପରି ସଠିକ କାଗଜପତ୍ର ଯାଂଚ ଓ ନିୟମାବଳୀ ଅନୁଯାୟୀ ଏସ.ଏଚ ଜି ଏହି କେନ୍ଦ୍ର ମାନଙ୍କ ପରିଚାଳନା ପାଇଁ କୃତକାର୍ଯ୍ୟ ହୋଇଥିଲେ । ଏହିପରି ସର୍ତାବଳୀ ଅନୁଯାୟୀ ଏଏଚଜି ମାନଙ୍କ ବାର୍ଷିକ ଆୟ ଓ ବ୍ୟାୟ ବ୍ୟାଙ୍କ ଖାତା, କାର୍ଯ୍ୟଦକ୍ଷତା ଏବଂ ଅନ୍ୟାନ୍ୟ ସର୍ତାବଳୀ ଯାଂଚ ପରେ ଆହାର କେନ୍ଦ୍ରର ରୋଷଇଶାଳ ପରିଚାଳନା ପାଇଁ ସହରର ୧୦ଟି ଏସଏଚଜିଙ୍କ ମଧ୍ୟରୁ ୨ଟି ଏସଏଚଜି ମାଁ ଜଗତଜନନୀ ଏବଂ ଜୟ ସନ୍ତୋଷୀ ମାଁ ଏସଏଚଜି କୃତକାର୍ଯ୍ୟ ହୋଇଥିଲେ । ଉଭୟ ଏସଏଚଜିଙ୍କୁ ନେଇ ଲଟେରୀ ବିଜୟୀ ହୋଇ ରୋଷେଇଶାଳ ପାଇଁ ମାଁ ଜଗତଜନନୀ ଯୋଗ୍ୟତା ହାସଲ କରିଥିଲେ । ସେହିପରି ଜିଲ୍ଲା ଚିକିତ୍ସାଳୟ ଆହାର କେନ୍ଦ୍ର, ଟାଉନ ହଲ ଆହାର କେନ୍ଦ୍ର ଖାଦ୍ୟ ବଂଟନ ଏବଂ ରାତ୍ରୀ ଆଶ୍ରୟ ସ୍ଥଳୀର ପରିଚାଳନା ପାଇଁ ଯୋଗ୍ୟତା କରିଥିବା ସମୁଦାୟ ୨୦ଟି ଏସଏଚଜିଙ୍କଙ୍କ ମଧ୍ୟରୁ ମାତ୍ର ୩ଟି ଏସଏଚଜି ଯୋଗ୍ୟତା ହାସଲ କରିଥିଲେ । ସେମାନଙ୍କ ମଧ୍ୟରୁ ମାଁ ସମଲେଶ୍ୱରୀ, ତିତିଲି ଏସଏଚଜି ଏବଂ ମାଁ ହୁଣ୍ଡି ଠାକୁରାଣି ଏସଏଚଜିକୁ ଯଥାକ୍ରମେ ଲଟେରୀ ପ୍ରକ୍ରିୟାରେ ବିଜୟୀ ହୋଇ ଏହି ୩ଟି ସଂସ୍ଥାର ପରିଚାଳନା ଦାୟୀତ୍ୱ ପ୍ରଦାନ କରାଯାଇଥିଲା । ଆଜି ପୌରସଂସ୍ଥାର କାର ?ୟ୍ୟାଳୟ ଠାରେ ଉପଜିଲ୍ଲାପାଳ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଏ.ଶଶ୍ୟା ରେଡ୍ଡି, ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ପୂଜା ରାଉତ , ପୌର କର୍ମଚାରୀ ଏବଂ ଯୋଗ୍ୟତା ହାସଲ କରିଥିବା ସମସ୍ତ ଏଏଚଜିଙ୍କ ଉପସ୍ଥିତିରେ ସର୍ତାବଳୀ ଯାଂଚ ଅନୁଯାୟୀ ମୂଲ୍ୟାଙ୍କନ କରିବା ପରେ ୪ଟି କେନ୍ଦ୍ର ପାଇଁ ୫ଟି ଏସଏଚଜି ଯୋଗ୍ୟତା ହାସଲ କରିଥିଲେ । ପ୍ରକାଶଯେ, ଟେଣ୍ଡର ପ୍ରକ୍ରିୟାରେ ଆହାର କେନ୍ଦ୍ର ରୋଷେଇଶାଳ ପାଇଁ ସମୁଦାୟ ୨୭ଟି ଏସଏଚଜି ଆବେଦନ କରିଥିବା ବେଳେ ୧୦ଟି ଯୋଗ୍ୟତା ହାସଲ କରିଛନ୍ତି । ସେହିପରି ଟାଉନହଲ ଏବଂ ଜିଲ୍ଲା ଚିକିତ୍ସାଳୟସ୍ଥିତ ଆହାର କେନ୍ଦ୍ର ଖାଦ୍ୟ ବିତୋରଣ ଏବଂ ଆଶ୍ରୟସ୍ଥଳୀ ପାଇଁ ସମୁଦାୟ ୨୯ଟି ମଧ୍ୟରୁ ୨୦ ଜଣ ଯୋଗ୍ୟତା ହାସଲ କରିଛନ୍ତି । ମଳମୂତ୍ର ପରିଚାଳନା ପ୍ରକ୍ରିୟାକରଣରେ ୨ଟି ଏସଏଚଜି ଟେଣ୍ଡରରେ ଆବେଦନ କରିଥିଲେ କେବଳ ଜଣଏ ଯୋଗ୍ୟତା ହାସଲ କରିଥିବା ଯୋଗୁଁ ସିଙ୍ଗଲ ଟେଣ୍ଡର ପାଇଁ ନିୟମ ଅନୁଯାୟୀ ଏହାକୁ ବାତିଲ କରାଯାଇଛି । ଏହି ସଂସ୍ଥାକୁ ହାସଲ କରିବା ନେଇ ପ୍ରାରମ୍ଭରୁ ବିବାଦ ଆରମ୍ଭ ହୋଇଥିଲା ଏବଂ ଗତ କାଉନସିଲ ବୈଠକରେ ଟେଣ୍ଡର ମାଧ୍ୟମରେ ମହିଳା ଏସଏଚଜିଙ୍କୁ ପ୍ରଦାନ କରିବାକୁ ପ୍ରସ୍ତାବ ଗୃହିତ ହୋଇଥିଲା । କିନ୍ତୁ ଏହାର କିଛି ଦିନ ପରେ ପୁଣି ୨୧ ଜଣ କାଉନସିଲର ମାନେ ସ୍ୱାକ୍ଷରିତ ଏକ ସୁପାରିଶପତ୍ର ମାଧ୍ୟମରେ ପୂର୍ବରୁ ଏହି କେନ୍ଦ୍ର ଗୁଡିକ ପରିଚାଳନା କରୁଥିବା ମହିଳା ଏସଏଚଜିଙ୍କୁ ପ୍ରଦାନ ନେଇ ପୌର ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା । କିନ୍ତୁ କାଉନସିଲର ମାନଙ୍କ ବୈଠକର ନିଷ୍ପତି ଅନୁଯାୟୀ ପୌର ନିର୍ବାହୀ ଅଧିକାରୀ ଅଗ୍ରାଧିକାର ଦେବା ସହିତ ଟେଣ୍ଡର ଆହ୍ୱାନ କରିଥିଲେ ।

# ଜଳ ସମ୍ପଦ ବିଭାଗରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ବୈଠକ

ଭୁବନେଶ୍ୱର ,୦୧/୧ (ନି.ପ୍ର): ନୂଆବର୍ଷରୁ ମୁଖ୍ୟ ଶାସନ ସଚିବ ଭାବେ ନୂତନ କାର୍ଯ୍ୟଭାର ଗ୍ରହଣ କରିବାକୁ ଯାଉଛନ୍ତି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ । ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ ଯୋଜନା ଓ ସଂଯୋଜନ ବିଭାଗ ସହିତ ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ କାର୍ଯ୍ୟରତ । ନୂତନ କାର୍ଯ୍ୟଭାର ଗ୍ରହଣ କରିବା ପୂର୍ବରୁ ଶ୍ରୀମତୀ ଗର୍ଗ ଜଳ ସଂପଦ ବିଭାଗ ସ୍ଥିତ ସମ୍ମିଳନୀ କକ୍ଷରେ ଆଜି ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନଙ୍କ ସହିତ ଏକ ବୈଠକରେ ଯୋଗ ଦେଇଥିଲେ । ଶ୍ରୀମତୀ ଗର୍ଗ ତାଙ୍କର ଏହି ବିଭାଗରେ ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ୍ୱ ସେବା ସମୟର ଆହ୍ୱାନ ଓ ସଫଳତା ଆଦି ସଂପର୍କରେ ନିଜ ଅନୁଭୂତି ପ୍ରକାଶ କରି ବିଭିନ୍ନ ପରାମର୍ଶ ଦେଇଥିଲେ ।

ଜଳ ସମ୍ପଦ ବିଭାଗର ସଚିବ ଭାବେ ତାଙ୍କର ଜଳସେଚନ, ବନ୍ୟା ନିୟନ୍ତ୍ରଣ, ନଦୀ ପରିଚାଳନା, ଜଳ ସଂରକ୍ଷଣ ,ଭୂଗର୍ଭ ଜଳ ପୂନର୍ଭରଣ ଆଦି ନିମନ୍ତେ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସଂପର୍କରେ ବୈଠକରେ ବରିଷ୍ଠ ଅଧିକାରୀମାନେ ଆଲୋଚନା କରିଥିଲେ । ଏଥିରେ ବିଭାଗର ଅତିରିକ୍ତ ଶାସନ ସଚିବ ତଥା ଓଡ଼ିଶା ଉଠା ଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ମାନସୀ ନିମ୍ଭାଲ, ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ନରହରି ସେଠୀ, ସର୍ବୋଚ୍ଚ ଯନ୍ତ୍ରୀ ଶ୍ରୀ ଚନ୍ଦ୍ର ଶେଖର ପାଢ଼ୀଙ୍କ ସମେତ ବିଭିନ୍ନ କାର୍ଯ୍ୟ ଦାୟିତ୍ୱରେ ଥିବା ଜଳ ସଂପଦ ବିଭାଗର ଅନ୍ୟ ସର୍ବୋଚ୍ଚ ଯନ୍ତ୍ରୀ ଓ ମୁଖ୍ୟ ଯନ୍ତ୍ରୀ ବୃନ୍ଦ ଏବଂ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ବକ୍ତବ୍ୟ ରଖି ଶ୍ରୀମତୀ ଗର୍ଗଙ୍କ ଠାରୁ ପାଇଥିବା ଉଚିତ୍ ଦିଗଦର୍ଶନ ଏବଂ କାର୍ଯ୍ୟ ତତ୍ପରତା ସମସ୍ତଙ୍କୁ ଅନୁପ୍ରାଣିତ କରିଥିଲା ବୋଲି ପ୍ରକାଶ କରିଥିଲେ । ତାଙ୍କ ସମୟରେ ଜଳ ସଂପଦ ବିଭାଗରେ ବହୁ ସଂଖ୍ୟକ ଜଳ ସେଚନ ପ୍ରକଳ୍ପ ନିର୍ଦ୍ଧାରିତ ସମୟରେ କରାଯାଇଛି ଓ ପ୍ରକଳ୍ପ କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବାରେ ତାଙ୍କର ସମୟୋପଯୋଗୀ ନିଷ୍ପତ୍ତି ସଫଳତା ଦେଇଛି । ଚାପଗ୍ରସ୍ତ ହୋଇ କାର୍ଯ୍ୟ କରିବା ପରିବର୍ତ୍ତେ କାର୍ଯ୍ୟସ୍ଥଳୀରେ କର୍ମଚାରୀ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ଶ୍ରୀମତୀ ଗର୍ଗ ଗୁରୁତ୍ୱ ଦେଇଥିଲେ, ଯଦ୍ଦ୍ୱାରା ବିଭାଗରେ ଅଧିକାରୀ ଓ ଯନ୍ତ୍ରୀମାନେ ଅଧିକ ଉତ୍ସାହିତ ଓ ନିଷ୍ଠାର ସହିତ କାର୍ଯ୍ୟ ନିର୍ବାହ କରୁଥିଲେ ବୋଲି ସେମାନେ ମତବ୍ୟକ୍ତ କରିଥିଲେ । ଶ୍ରୀମତୀ ଗର୍ଗଙ୍କର ମୁଖ୍ୟ ଶାସନ ସଚିବ ଭାବେ ନୂତନ କାର୍ଯ୍ୟଭାର ପ୍ରତି ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ସହ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଶ୍ରୀମତୀ ଗର୍ଗ ରାଜ୍ୟରେ ଜଳ ସଂପଦ କ୍ଷେତ୍ରରେ କରାଯାଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ନିର୍ମାଣରେ ଅବଦାନ ଓ ଅନୁଭୂତି ବାଣ୍ଟିଥିଲେ । ସମସ୍ତଙ୍କ ସାମଗ୍ରିକ ପ୍ରୟାସରେ ବିଭାଗରେ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରାଯାଇଛି । ସେ ଅଧିକାରୀମାନଙ୍କୁ କାର୍ଯ୍ୟର ପ୍ରକୃତ ମୂଲ୍ୟବୁଝି ସଠିକ୍ ଭାବେ ନିର୍ବାହ କରିବା, ସାଧୁତା ,ଏକାଗ୍ରତାର ସହିତ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ହାସଲ ହୋଇଥିବା ସଫଳତା ସବୁକୁ ପାଥେୟ କରି ଆଗାମୀ ଦିନରେ ଆହୁରି ଭଲ କାର୍ଯ୍ୟ କରିବାକୁ ସେ ସମସ୍ତଙ୍କୁ ଉତ୍ସାହିତ କରିଥିଲେ ।

# ସୁବର୍ଣ୍ଣପୁରରେ ରୋଗୀ କଲ୍ୟାଣ ସମିତିର କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ

ସୁବର୍ଣ୍ଣପୁର,୦୧/୧ (ନି.ପ୍ର): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ରୋଗୀ କଲ୍ୟାଣ ସମିତିର କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଅଧକ୍ଷତା କରିଥିଲେ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ ସାହୁ।

ଏଥିରେ ରୋଗୀମାନଙ୍କର ସଠିକ ଭାବରେ ଚିକିତ୍ସା, ଡାକ୍ତରଖାନା ପରିସର ସଫା ସୁତରା ଓ ସମସ୍ତ ରୋଗୀ ଚିକିତ୍ସା ଯନ୍ତ୍ରପାତି ର ସୁବିଧା ତଥା ମଦ୍ୟପ ରୋଗୀ ସମ୍ପର୍କୀୟଙ୍କୁ ଡାକ୍ତରଖାନା ଭିତରକୁ ପଶିବାରେ ବାରଣ କରିବା ଭଳି ଡାକ୍ତରଖାନା କୁ ପ୍ରତିଦିନ ପରିଚାଳନାରେ ଆସୁଥିବା ସମସ୍ୟାକୁ କିପରି ଦୂର କରାଯାଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା।

ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀମତୀ ଅଞ୍ଜଳୀନା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ରାଜେନ୍ଦ୍ର ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀମତୀ ଉଷାରାଣୀ ଦାସ ଏବଂ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

ବୈଠକରେ ଗତମାସରେ ହୋଇଥିବା ବୈଠକର ସମୀକ୍ଷା ସହିତ କଣ ନୂଆ କରାଯାଇ ପାରିବ ସେ ବିଷୟରେ ଜିଲ୍ଲାପାଳ ସୂଚନା ଦେଇଥିଲେ। ଏହି ସମୟରେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ କିପରି ରେଡ କ୍ରସ ପାଇଁ ଅର୍ଥରାଶି ଯୋଗାଣ କରାଯିବ। ରେଡ କ୍ରସ ଅସହାୟ ଏବଂ ପୀଡିତ ପରିବାରଙ୍କ ସାହାଯ୍ୟ କରିଥାଏ, କିନ୍ତୁ ରେଡ କ୍ରସକୁ ଅର୍ଥରାଶି ନ ଆସୁଥିବାରୁ ଜିଲ୍ଲାପାଳ ଏହା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ସମସ୍ତେ ନିଜ ନିଜ ସ୍ତରରେ ରେଡ କ୍ରସକୁ କିପରି ପାଣ୍ଠି ଆସିପାରିବ, ସେଥିପ୍ରତି ସମସ୍ତେ ଚେଷ୍ଟା କରିବା ହେବେ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥଲେ। ଡାକ୍ତରଖାନା ପରିସରକୁ କିପରି ପ୍ରତିଦିନ ନିୟମିତ ଭାବରେ ସଫା କରାଯିବ ତାହା ମଧ୍ୟ ଆଲୋଚନା ହୋଇଥିଲା। ଏତଦବ୍ୟତୀତ ସମସ୍ତ ରୋଗୀ କେବିନ କୁ କିପରି କାର୍ଯ୍ୟକ୍ଷମ କରାଯିବ ସେଥି ପାଇଁ କର୍ମଚାରୀମାନଙ୍କୁ ଦୃଷ୍ଟି ଦେବା ପାଇଁ ଜିଲ୍ଲାପାଳ ଆଦେଶ ଦେଇଛନ୍ତି। ଏହାଛଡା ଲେବର କୋଠି ପାଇଁ ଆଉ ଏକ ଷଚ୍ଚୟକ୍ସବଙ୍କକ୍ଷସମ କ୍ଷବଭକ୍ଷଙ୍କକ୍ସ ଟେବୁଲ ର ବ୍ୟବସ୍ଥା ପାଇଁ ଜିଲ୍ଲାପାଳ ମଞ୍ଜୁରୀ ଦେଉଛନ୍ତି। ଏହି ବୈଠକରେ ଜିଲ୍ଲାରେ ଦେଖାଯାଉଥିବା ଦୀର୍ଘକାଳୀନ କିଡ଼ନୀ ରୋଗ ଚିକିତ୍ସା ଓ ନିବାରଣ ପାଇଁ ଥିବା କାର୍ଯକାରୀ ଦଳର ସମୀକ୍ଷା ହୋଇଥିଲା। ଜିଲ୍ଲାରେ ଥିବା କିଡ଼ନୀ ପ୍ରବଣ ଗାଁମାନଙ୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରତ୍ୟକ୍ଷ ନିରୀକ୍ଷଣ କରୁଛନ୍ତି।

ଆସନ୍ତା ଦିନମାନଙ୍କରେ କିଡ଼ନୀ ରୋଗ ପରୀକ୍ଷା ପାଇଁ ବ୍ୟବସ୍ଥା ହେବ ବୋଲି ସୂଚନା ଦିଆଯାଇଛି। ଗୋଟିଏ ଗ୍ରାମରେ ୩ରୁ ଅଧିକ ରୋଗୀ ଥିଲେ ସେହି ଗାଁ ସକ୍ରିୟ ପର୍ଯବେକ୍ଷଣରେ ରହିବ ବୋଲି ଡ୍ ଉଷାରଣୀ ଦାଶ ସୂଚନା ଦେଇଛନ୍ତି।

ଏତଦବ୍ୟତୀତ ଜିଲ୍ଲା ସ୍ୱାସ୍ଥ୍ୟ ଟିମ କିଡ଼ନୀ ପ୍ରବଣ ଗ୍ରାମ ମାନଙ୍କର ପିଇବା ପାଣିକୁ ଯାଂଚ କରୁଛି ଓ ଏଥିରେ ଭାରି ଧାତୁ ଥିଲେ ସେହି ସବୁ ଟ୍ୟୁବୱେଲର ପାଣି ବ୍ୟବହାର ନକରିବା ପାଇଁ ଗ୍ରାମ ବାସୀ ଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି। ଜିଲ୍ଲାରେ ଏଯାଏ ୧୬ଟି ଗାଁର ପାଣି ପରୀକ୍ଷା ସରିଛି ଓ ସେଥି ମଧ୍ୟରୁ ୦୩ ଟି ଗାଁର ପାଣିରେ ଭାରି ଧାତୁର ଅଂଶ ମିଳିଥିବା ଜଣାପଡିଛି।

ଆଗାମୀ ଦିନମାନଙ୍କରେ ରୋଗ ପରୀକ୍ଷା ବଢେଇବା ସହିତ କିଡ଼ନୀ ରୋଗର ମୁଖ୍ୟ କାରଣକୁ ଚିହ୍ନଟ କରି ଉପଯୁକ୍ତ ଚିକିତ୍ସା ପ୍ରଦାନ କରି ରୋଗୀଙ୍କ ସଂଖ୍ୟା କିପରି ହ୍ରାସ କରାଯାଇ ପାରିବ ସେ ବିଷୟରେ ଜିଲ୍ଲାପାଳ ସୂଚନା ଦେଇଛନ୍ତି।

# ସହିଦ ମାଧୋ ସିଂ ବରିହା ବୀରତା ଦିବସ ପାଳିତ

ବଲାଙ୍ଗୀର,୦୧/୧ (ନି.ପ୍ର): ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଆହ୍ୱାନ କ୍ରମେ ପାଟଣାଗଡ଼ ବ୍ଲକ ବନେଇମୁଣ୍ଡା ପଂଚାୟତ ରାକ୍ଷୀଉଡ଼ାର ଠାରେ ମହାନ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ସହିଦ ମାଧୋ ସିଂ ବରିହାଙ୍କର ୧୬୭ ତମ ବୀରତା ଦିବସ ପାଳନ ହୋଇ ଯାଇଛି। ଆଜିର ବୀରତା ଦିବସରେ ବ୍ଲକ ସଭାପତି ଭୁବନେଶ୍ୱର କୁଅଁର ସଭାପତିତ୍ୱ କରିଥିଲେ। ପୃଥିବୀ ଇତିହାସରେ ଘେଁସ ଜମିଦାର ମହାନ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ମାଧୋ ସିଂ ବରିହାଙ୍କ ବଳିଦାନ, ତ୍ୟାଗ ବିରଳ ଘଟଣା। ଇଂରେଜ ମାନେ ଭାରତକୁ ଆସି ଭାରତୀୟମାନଙ୍କ ଉପରେ ଅନ୍ୟାୟ ଅତ୍ୟାଚାର, ଶୋଷଣ, ଦମନ କରୁଥିଲେ। ଜୋର ଜବରଦସ୍ତ ଖଜଣା ନେଉଥିଲେ। ଭାରତକୁ ସ୍ୱାଧୀନତା ଆଣିବା ପାଇଁ ଭାରତବାସୀଙ୍କୁ ସ୍ୱାଧୀନତା ଦେବାର ଲାଗି ମାଧୋ ସିଂ ବରିହା ଇଂରେଜ ମାନଙ୍କ ବିରୋଧରେ ଅହରହ ଆନ୍ଦୋଳନ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ତାଙ୍କର ସପରିବାରର ଚାରି ଜଣ ପୁଅ ଅଏରୀ ସିଂ ବରିହା, ବଏରୀ ସିଂ ବରିହା, କୁଞ୍ଜଲ ସିଂ ବରିହା, ହଟେ ସିଂ ବରିହା ଏବଂ ତାଙ୍କର ସମୁଦୀ ନାରାୟଣ ସିଂ ବରିହା, ଜ୍ୱାଇଁ ଗୋବିନ୍ଦ ସିଂ ବରିହା ଝାସ ଦେଇଥିଲେ। ସ୍ୱାଧୀନତା ସଂଗ୍ରାମରେ ମାଧୋ ସିଂ ବରିହାଙ୍କର ବଳିଦାନ ତ୍ୟାଗ ପୃଥିବୀ ଇତିହାସରେ ବିରଳ। ଆଜିର ସଭାରେ ସେହି ମହାନ ଆତ୍ମାକୁ ମନେ ପକେଇ, ତାଙ୍କର ସଂଗ୍ରାମ, ଲଢ଼େଇ, ବୀରତା, ଧର୍ଯ୍ୟ, ସାହସ ବିଷୟରେ ଅନୁକରଣ କରି ତାଙ୍କ ପଥରେ ଆଗେଇ ଯାଇ ଆଦିବାସୀମାନେ ଦେଶର ମୁଖ୍ୟ ସ୍ରୋତରେ ସାମିଲ ହୋଇ ସମ୍ବିଧାନକୁ ସମ୍ମାନ ସୁରକ୍ଷା ଦେଇ ହକ ଅଧିକାର ପାଇଁ ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ। ବର୍ତମାନ ରାଜ୍ୟ ସରକାର ରାଜ୍ୟର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମନେ ପକେଇବାକୁ, ତାଙ୍କର ଇତିହାସକୁ ପ୍ରଚାର ପ୍ରସାର କରିବା ପାଇଁ ୨୫ ଜଣ ସ୍ୱାଧୀନତା ସଂଗ୍ରାମୀମାନଙ୍କ ନାଁ ଘୋଷଣା କରିଛନ୍ତି ସ୍ୱାଗତ ପ୍ରସ୍ତାବ କିନ୍ତୁ ଦୁଃଖର ବିଷୟ ସେହି ତାଲିକାରେ କେବଳ ମାଧୋ ସିଂ ଲେଖା ହୋଇଛି ବରିହାକୁ ଛାଡ଼ି ଦିଆ ଯାଇଛି ଏହାକୁ ସଂଶୋଧନ କରି ମାଧୋ ସିଂ ବରିହା କରାଯାଉ। ମାଧୋ ସିଂ ବରିହାଙ୍କ ବଳିଦାନ ବିଷୟ ବିଦ୍ୟାଳୟ ପୁସ୍ତକ ମାନଙ୍କରେ ଲିପିବଦ୍ଧ କଲେ ଛାତ୍ରଛାତ୍ରୀମାନେ ଇତିହାସ ବିଷୟରେ ଜାଣି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବେ। ସ୍ମୃତି ଉଦ୍ଦେଶ୍ୟରେ ରାଜ୍ୟର ପ୍ରତ୍ୟେକ ବ୍ଲକ ସଦର ମହକୁମାରେ ତାଙ୍କର ପ୍ରତିମୂର୍ତି ସ୍ଥାପନ କରାଯାଉ। ଆଜିର ବୀରତା ଦିବସରେ ଜିଲ୍ଲା ଶବର ସମାଜର ଜିଲ୍ଲା ସଭାପତି ସାରଥୀ ବାଗ, ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇ,ପୂର୍ବତନ ସୈନିକ ଯୋଗେଶ୍ୱର ଭୋଇ, ଧବଳେଶ୍ୱର ଭୋଇ, ଝସକେତନ ରା୍ଏ, ଦାରା ସିଂ ବରିହା, ଶେଷଦେବ ବେହେରା, ପୂର୍ଣ୍ଣ ବୁଢ଼େକ, ରୋହିତ ବୁଢ଼େକ, ହୀରାଧର ଭୋଇ, ମଦନ ମାଝୀ, ଝଂଜ୍ଝ ଧରୁଆ, ଭୋଳା ସାଗର ବାରଲେବଢ଼ିଆ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ସଂଯୋଜକ ଗୌରାଙ୍ଗ ବରିହା ସଭା ସଂଯୋଜନା କରିଥିଲେ ପିଂଟୁ ବୁଢ଼େକ ଧନ୍ୟବାଦ ଦେଇଥିଲେ ।

# ରାଜ୍ୟ ସରକାରଙ୍କ ଦ୍ୱାରା କେନ୍ଦ୍ରାପଡ଼ା ଜିଲ୍ଲାରେ ସରକାରୀ ଓକିଲ ଭାବେ ୩୭ ଜଣଙ୍କୁ ନବ ନିଯୁକ୍ତି ପ୍ରଦାନ

କେନ୍ଦ୍ରାପଡ଼ା,୦୧/୧ (ନି.ପ୍ର): ଗତ ଡିସେମ୍ବର ୨୪ ତାରିଖ ଦିନ ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ରାଜ୍ୟ ସରକାର ସମଗ୍ର ରାଜ୍ୟରେ ସର୍ବ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲାପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ସହିତ ବଡ଼ ପଦକ୍ଷେପ ମଧ୍ୟ ଗ୍ରହଣ କରିଛନ୍ତି। ନୂଆ ବର୍ଷରେ କେନ୍ଦ୍ରାପଡ଼ା ଜିଲ୍ଲାର କିଛି ଆଇନଜୀବୀ ଭାଇ ବା ବନ୍ଧୁମାନଙ୍କ ପାଇଁ ଏକ ନୂଆଭେଟି ମଧ ରାଜ୍ୟ ସରକାର ଦେଇଥିବା ଦେଖିବାକୁ ମିଳିଛି। ଜିଲ୍ଲାରେ ପାଖାପାଖି ୩୭ ଜଣ ନବନିଯୁକ୍ତ ସରକାରୀ ଓକିଲ ନିଯୁକ୍ତି ପ୍ରଦାନ ପାଇଁ ନିର୍ଦ୍ଦେଶନାମ ଜାରି କରିଛନ୍ତିକ୍ଷ ଓକିଲ ଚୟନ ପ୍ରକ୍ରିୟା କ୍ଷେତ୍ରରେ ଏକ ବଡ଼ ଧରଣାର ପରିବର୍ତନ ଆଣିବା ସହିତ ଲୋକ ମାନଙ୍କୁ କିପରି ସ୍ୱଛ, ନିର୍ମଳ ଆଇନ ସେବା ଯୋଗାଇ ଦିଆଯାଇ ପାରିବ ସେଥିପ୍ରତି ଦୃଷ୍ଟିଦେବା ସଂଗେ ସଂଗେ ଏଲ.ଆର.ଏନ. ୧୦/ ୨୦୨୩ ଚିଠି ସଂଖ୍ୟା- ୨୧୪୪୯/ଏଲ ଏବଂ ୨୪ ଓ ୨୫ରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ନବନିଯୁକ୍ତ ସରକାରୀ ଓକିଲ ମାନଙ୍କ କାର୍ଯ୍ୟରେ ଯୋଗଦେବା ପାଇଁ ବିଜ୍ଞପ୍ତି ଜାରି କରାଯାଇଥିବାବେଳେ ନବନିଯୁକ୍ତ ସରକାରୀ ଓକିଲ ହେଲେ ବୈଦନାଥ ଚଟପୋଦ୍ଧକ୍ଷୟ, ଦୁର୍ଯ୍ୟୋଧନ ସାହୁ, ଆଶିଷ ସାମଲ, ସୁନାକର ପ୍ରଧାନ, ସମର କେଶରୀ ମହାପାତ୍ର, ସୁବ୍ରତ ପଟ୍ଟନାୟକ, ସରୋଜିନୀ ସାହୁ, ନେହୁର କୁମାର ସାହୁ, ପ୍ରଭାତ ରଞ୍ଜନ ଦାସ, ସାରଦା ପ୍ରସନ୍ନ ନାୟକ, ମନୋରଞ୍ଜନ ଭୂୟାଁ,ବିଭୁତି ଭୂଷଣ କର, ବିଜୟ କୁମାର ମହାନ୍ତି, ଶାନ୍ତି ସ୍ୱରୂପ ଭୂୟାଁ, କାର୍ତିକ ଚନ୍ଦ୍ର ତ୍ରିପାଠୀ, ଗଗନ ବିହାରୀ ରାଉତ, ସୁଧୀର କୁମାର ପରିଡା, ପ୍ରକାଶ ପ୍ରଧାନ, ଶ୍ରୀନାଥ ବେହୁରା, ସଂଘମିତ୍ରା ମଲ୍ଲିକ, ପ୍ରଶାନ୍ତ ଜେନା, ପ୍ରମୋଦ କୁମାର ସାହୁ, ସୁରେଶ କୁମାର ନରେନ୍ଦ୍ର, ଭବାନୀ ଶଙ୍କର ପଣ୍ଡା, ସୁଶାନ୍ତ ସାମଲ, ପ୍ରଣତି ଦାସ, ଧୀରେନ୍ଦ୍ର ନାଥ ସାହୁ, ଚିତରଞ୍ଜନ ଦାସ, ଲକ୍ଷ୍ମଣ ରାଉତ, ପ୍ରଦୀପ କୁମାର ରାୟ, ପ୍ରମୋଦ କୁମାର ରାୟ, ଦେବଦତ ଦାସ, ଅକ୍ଷୟ ସ୍ୱାଇଁ, ଅସିତ ମହାପାତ୍ର, ଜ୍ଞାନ ରଞ୍ଜନ ପ୍ରଧାନ, ବିନୋଦ ବେହେରା, ଶିଶିର କୁମାର ମଲ୍ଲିକ, ତ୍ରୈଲୋକ୍ୟନାଥ ସ୍ୱାଇଁ, ଗଣେଷେ ଚନ୍ଦ୍ର ସେଠୀ, ଦୀପକ କୁମାର ପାଣି, ପବିତ୍ର କୁମାର ପରିଡା, ଜଗନ୍ନାଥ ବାରିକ, ରଞ୍ଜନ ପାତ୍ର ଓ ଅଶୋକ ସାମଲ ପ୍ରମୁଖଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି।

# ନିଆରା ଢଙ୍ଗରେ ବନ୍ଧୁ ମିଳନ

ବଲାଙ୍ଗୀର,୦୧/୧ (ନି.ପ୍ର): କିଏ କହିଲା ଆଜି ଆଉ ଗୁରୁ ଭକ୍ତି ନାହିଁ ବୋଲି, ଗୁରୁ ଭକ୍ତିର ଉଦାହରଣ ସାଜିଛି ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ଲୋଇସିଂହା ବ୍ଲକ୍ ର ଆଦିବାସୀ ଉଚ୍ଚ ବିଦ୍ୟାଳୟ ତାଲଜୁରୀର ୨୦୧୭ ବ୍ୟାଚ୍ ଛାତ୍ର ଛାତ୍ରୀମାନଙ୍କ ବନ୍ଧୁ ମିଳନ, ୨୦୧୭ ମସିହା ରେ ମାଟ୍ରିକ୍ ପଢୁଥିବା ସମସ୍ତ ୩୦ ଜଣ ଛାତ୍ର ଛାତ୍ରୀ ଭାବର ରଜ୍ଜୁ ରେ ବାନ୍ଧି ହୋଇ ପାଟଣାଗଡ଼ ନିକଟସ୍ଥ କୁଟୁମୁଣ୍ଡା ଗ୍ରାମ ର କାହ୍ନା ନର୍ସରୀରେ ବହୁ ଆଡମ୍ବର ସହିତ ବନ୍ଧୁ ମିଳନରେ ସାମିଲ ହୋଇଥିଲେ, ଆଜି କାଲି ପ୍ରାୟ ବିଦ୍ୟାଳୟରେ ବନ୍ଧୁ ମିଳନ ହେଉଛି ମାତ୍ର ଏ ବ୍ୟାଚ୍ର ଛାତ୍ର ଛାତ୍ରୀ ବନ୍ଧୁ ମିଳନ ସହିତ ଭୁଲିନଥିଲେ ତାଙ୍କର ପ୍ରିୟ ଗୁରୁଙ୍କ ସମ୍ମାନକୁ, ନିଜର ପ୍ରିୟ ତଥା ପୂଜ୍ୟ ଗୁରୁ ଦିଲିପ୍ କୁମାର୍ ମିଶ୍ରଙ୍କୁ ଆମନ୍ତ୍ରଣ କରି ଉପଢୌକନ ସହିତ ମାନପତ୍ର ଦେଇ ସମ୍ମାନିତ କରି ତାଙ୍କର ଆଶିଷ କାମନା କରିଥଲେ।

# ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟର ଗାଡ଼ି ଚାଳକ ମନୋଜ କୁମାର ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

କେନ୍ଦୁଝର,୦୧/୧ (ନି.ପ୍ର): ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସରକାରୀ ଗାଡ଼ି ଚାଳକ ଶ୍ରୀ ମନୋଜ କୁମାର ଦାସ ଆଜି ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି।

ଶ୍ରୀ ଦାସ ତାଙ୍କର ଦୀର୍ଘ କାର୍ଯ୍ୟକାଳ ମଧ୍ୟରେ ଆନ୍ତରିକତା, ଶୃଙ୍ଖଳା ଏବଂ ଦୃଢ଼ କର୍ତ୍ତବ୍ୟବୋଧ ସହିତ ଜିଲ୍ଲା ପ୍ରଶାସନର ସେବା କରିଥିଲେ। ତାଙ୍କ ସେବା ସମୟରେ, ସେ କାର୍ଯ୍ୟାଳୟର ଦୈନନ୍ଦିନ କାର୍ଯ୍ୟ ସହିତ ଘନିଷ୍ଠ ଭାବରେ ଜଡିତ ଥିଲେ ଏବଂ ଜିଲ୍ଲା ପ୍ରଶାସନର ସରକାରୀ ଗସ୍ତ, କ୍ଷେତ୍ର ପରିଦର୍ଶନ, ଗଣମାଧ୍ୟମ କାର୍ଯ୍ୟକ୍ରମ, ସରକାରୀ କାର୍ଯ୍ୟକ୍ରମ ଏବଂ ଜନସମ୍ପର୍କ କାର୍ଯ୍ୟକଳାପ ସମୟରେ ସୁଗମ ଗତିଶୀଳତା ଏବଂ ଲଜିଷ୍ଟିକ୍ ସହାୟତା ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

ସେ ନିଜ ସମୟାନୁବର୍ତ୍ତିତା, ସମର୍ପଣ ଏବଂ ସୌଜନ୍ୟପୂର୍ଣ୍ଣ ଆଚରଣ ପାଇଁ ବେଶ ଆଦୃତି ଲାଭ କରିଥିଲେ।

ଏହି ଅବସରରେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀମାନେ ତାଙ୍କୁ ଉଷ୍ମ ବିଦାୟ ଦେଇଥିଲେ ଏବଂ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ, ସୁଖ ଏବଂ ଅବସର ପରବର୍ତ୍ତୀ ଶାନ୍ତିପୂର୍ଣ୍ଣ ଜୀବନ କାମନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଲିକ ଶ୍ରୀ ଦାସଙ୍କୁ ସାଲ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ଶ୍ରୀ ରମେଶ ଚନ୍ଦ୍ର ନାୟକ, କେନ୍ଦୁଝର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ଜ୍ୟୋତିର୍ମୟୀ ନାଏକ, କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ଼, ବରିଷ୍ଠ ରାଜସ୍ୱ ସହାୟକ ସତ୍ୟବତୀ ଲାଗୁରୀ, ନିକ୍ଷେପକ ଦେବେନ୍ଦ୍ର କୁମାର ରାଉତରାୟ, ଗ୍ରନ୍ଥାଗାରିକ ମାନସ କୁମାର ସାହୁ, ସନ୍ଦୀପ କୁମାର ସାହୁ, ମନୋରଞ୍ଜନ ବରାଳ, ବିକ୍ରମ ପାତ୍ର, ପଦ୍ମିନୀ ବେହେରା, ଚନ୍ଦ୍ରଶେଖର ଦଲାଇ, ଦେବରାଜ ନାଏକ, ସୁରେନ୍ଦ୍ର ପାତ୍ର ଓ ନବୀନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଅଧିକାରୀ ଓ କର୍ମଚାରୀ ଶ୍ରୀ ଦାସଙ୍କ ସେବାକୁ ପ୍ରଶଂସା କରିଥିଲେ ଏବଂ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପ୍ରତି ତାଙ୍କର ମୂଲ୍ୟବାନ ଅବଦାନ ପାଇଁ କୃତଜ୍ଞତା ଜଣାଇଥିଲେ।

ସୂଚନାଯୋଗ୍ୟ ଶ୍ରୀ ଦାସ ୧୯୯୭ ମସିହାରୁ ଦୀର୍ଘ ୨୮ ବର୍ଷ ଧରି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଠାରେ କାର୍ଯ୍ୟରତ ଥିଲେ।

# ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ଅସହାୟଙ୍କୁ କମ୍ବଳ ବଣ୍ଟନ

କେନ୍ଦୁଝର,୦୧/୧ (ନି.ପ୍ର): ଶୀତ ଋତୁର ପ୍ରାଦୁର୍ଭାବକୁ ଦୃଷ୍ଟିରେ ରଖି ସହାନୁଭୂତି ମୂଳକ ପଦକ୍ଷେପ ଭାବେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନବପ୍ରେମୀ ସେବା ଟ୍ରଷ୍ଟ୍ ଓ ଇକୋରାଇଜ୍ ଆଲିଆନ୍ସ ଆସୋସିଏସନ୍ ର ମିଳିତ ଆନୁକୂଲ୍ୟରେ ନାରଦପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ବସବାସ କରି ରହୁଥିବା ଅସହାୟ ବୃଦ୍ଧ-ବୃଦ୍ଧା ଓ ଅନାଥ ଶିଶୁମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି । ଶୀତରୁ ରକ୍ଷା ପାଇବାରେ ଏହି ସହାୟତା ତାଙ୍କ ପାଇଁ ବଡ଼ ଆଶ୍ୱାସନ ଦେଇଥିବା କଥା ବୃଦ୍ଧ-ବୃଦ୍ଧାମାନେ ଖୁସିର ସହିତ ମତବ୍ୟକ୍ତ କରିଥିଲେ । ସୂଚନାଯୋଗ୍ୟ ଯେ, କାନୁପୁର ନଦୀବନ୍ଧ ପ୍ରକଳ୍ପ ଜରିଆରେ ସର୍ବସ୍ୱ ହରାଇ ଚମକପୁର, ରେଭେନ୍ସାପୁର (କ), ଧୋବାକୁଟୁଡା, ଲୁଣଗୋଠାଣି ଆଦି ଗ୍ରାମର ବିସ୍ଥାପିତ ଅଧିବାସୀମାନେ ଅତି ଦୟନୀୟ ଭାବେ ବସବାସ କରୁଛନ୍ତି । ଏହି ପଦକ୍ଷେପ ମାନବିକତାର ଏକ ଉତ୍ତମ ଉଦାହରଣ ସୃଷ୍ଟି କରିଥିବା ବେଳେ ଇକୋରାଇଜ୍ ଆଲିଆନ୍ସ ଆସୋସିଏସନ୍ ର ଚେୟାରମେନ କବିତା ମହାନ୍ତ, କୋଷାଧ୍ୟକ୍ଷ ପୁରେନ୍ଦ୍ର ମହାନ୍ତଙ୍କ ସହିତ ମାନବ ପ୍ରେମୀ ସେବା ଟ୍ରଷ୍ଟ୍ ର ଉପଦେଷ୍ଟା ପ୍ରମୋଦ କୁମାର ମହାନ୍ତ, ସଭାପତି ବିଚିତ୍ରାନନ୍ଦ ଦାସ, ସମ୍ପାଦକ ପିଣ୍ଟୁନ ନାଏକ, ଆଇନଜୀବୀ ସଞ୍ଜୟ କୁମାର ମହାନ୍ତ, ସିକ୍ସିସ୍ମିତା ମହାନ୍ତ, ଆଞ୍ଜେଲିନା ମହାନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ । ଅପରପକ୍ଷରେ କାର୍ଯ୍ୟକ୍ରମକୁ ସଫଳତା ପୂର୍ବକ ଆୟୋଜନ କରିବା ଦିଗରେ ଜିନ୍ଦଲ ଷ୍ଟିଲ ଫାଉଣ୍ଡେସନ ଆବଶ୍ୟକୀୟ ସହଯୋଗ ପ୍ରଦାନ କରିଥିବାର ଜଣାପଡିଛି ।

# ଯୋଗମଗ୍ନା ପୁସ୍ତକର ଶୁଭ ଉନ୍ମୋଚନ ଉତ୍ସବ

ଘଟଗାଁ,୦୧/୧ (ନି.ପ୍ର): ପୁସ୍ତକ ପଠନରେ ମାନସିକ ଶାନ୍ତି ଅନୁଭବ ହୁଏ ଓ ଜ୍ଞାନ ଆହରଣରେ ତାହା ପ୍ରକୃଷ୍ଟ ମାଧ୍ୟମ ବୋଲି କବି ସବିତା ଦେବୀଙ୍କ 'ଯୋଗମଗ୍ନା' ପୁସ୍ତକ ଉନ୍ମୋଚନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପ୍ରତିଭା ପ୍ରଣାମ ମଂଚ ତରଫରୁ ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲ ରେ ଅନୁଷ୍ଠିତ ଏ ସଭାରେ ମଂଚର ଆବାହକ ରତ୍ନାକର ଦାସ ପୌରୋହିତ୍ୟ କରିଥିଲେ। ଉଦ୍ଘାଟକ ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା,ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଡକ୍ଟର ରାମଚନ୍ଦ୍ର ନାୟକ,ମୁଖ୍ୟ ବକ୍ତାଭାବେ ଆନନ୍ଦପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରମାକାନ୍ତ ନାୟକ,ସ୍ୱତନ୍ତ୍ର ଅତିଥି ଭାବେ କବି ଡ.ଅଶୋକ ପୁହାଣ ପ୍ରମୁଖ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ସଂପର୍କିତ ଆଲୋଚନା କରିଥିଲେ। ଏ ଭବ୍ୟ ଅବସରରେ ଲେଖିକା ସବିତା ଦେବୀଙ୍କୁ ମଂଚ ପକ୍ଷରୁ ମାନପତ୍ର ଉତରୀୟ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

କବି ପୁଷ୍ପମଞ୍ଜରୀ କର ଉନ୍ମୋଚିତ ପୁସ୍ତକର ସମୀକ୍ଷା କରିଥିବା ବେଳେ ସୁଦେଷ୍ଣା ସାହୁ ଓ ସୋମା ଦେବୀ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। କବି ପ୍ରଫୁଲ୍ଲ ଚକ୍ର,ବିଷ୍ଣୁ ଚରଣ ମିଶ୍ର, ନାରାୟଣ ସାହୁ, ସୁରେନ୍ଦ୍ର ନାଥ ଜେନା, ଚତୁର୍ଭୁଜ ପହୀ, ସୁଶ୍ରୀ ଅର୍ଚ୍ଚିତା ଜେନା, ଦେବସ୍ମିତା ଜେନା, ଜନନୀ ଦେହୁରୀ, ସୁଜିତ ମିଶ୍ର, କବି ନିରଞ୍ଜନ ସାହୁ,ଗୋବର୍ଦ୍ଧନ ନାୟକ ପ୍ରମୁଖ ଉନ୍ମୋଚିତ ପୁସ୍ତକର କବିତା ମାନ ଆବୃତି କରିଥିଲେ।ଲେଖିକା ସବିତା ଦେବୀ ନିଜର ଅଭିବ୍ୟକ୍ତି ବାଢିଥିବା ବେଳେ ଅମରନାଥ ଜ୍ୟୋତିର୍ମୟ ରଥ ଓ ଦେବବ୍ରତ ପଣ୍ଡା ମଂଚ ସଂଯୋଜନାରେ ସହଯୋଗ କରିଥିଲେ । ଶେଷରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବୈଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବୈଶିଙ୍ଗା ବରିଷ୍ଠ ନାଗରିକ ବିକାଶ ମଞ୍ଚର ନବ ବର୍ଷ ପାଳନ



ବୈଶିଙ୍ଗା , ୧/୧ (ନି.ପ୍ର): ନୂତନ ବର୍ଷର ଅଭିନନ୍ଦନ ଓ ଶୁଭକାମନା ଜଣାଇ ଆଜି ଦିନ ବରିଷ୍ଠ ନାଗରିକ ବିକାଶ ମଞ୍ଚ,ବୈସିଙ୍ଗା ତରଫରୁ ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର,ବୈସିଙ୍ଗା ଠାରେ ଉପସ୍ଥିତ ହୋଇ ୧୫ ଜଣ ରୋଗୀଙ୍କୁ ଫଳ, ବିସ୍କୁଟ, ପାଉରୋଟି ବଣ୍ଟା ଯାଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆସିଥିବା ଖଇରବଣୀ ବିଦ୍ୟାଳୟର କୁନି କୁନି ପିଲା ମାନଙ୍କୁ ଫଳ, ବିସ୍କୁଟ, ପାଉଁରୁଟି ବଣ୍ଟା ଯାଇଥିଲା ।ସ୍ୱାସ୍ଥ୍ୟ କେନ୍ଦ୍ର ର ଡକ୍ଟର ତଥା ସହକର୍ମୀ ମାନେ ଆମକୁ ସହଯୋଗ କରିଥିଲେ । ପରେ ଉପସ୍ଥିତ ଥିବା ବରିଷ୍ଠ ମାନେ ଏକତ୍ରିତ ହୋଇ ବୈଶୀଙ୍ଗା ଥାନାର ଆଇଆଇସି ଙ୍କୁ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇ ଥିଲେ । ବରିଷ୍ଠ ମାନଙ୍କ ସୁରକ୍ଷା ଦୃଷ୍ଟିରୁ ୨୦୨୬ ଭଲରେ ଅତିବାହିତ ହେଉ ଆଇଆଇସି ପରାମର୍ଶ ଦେଇଥିଲେ। ଅଶ୍ୱିନୀ କୁମାର ମହାରଣା ସମ୍ପାଦକ ବରିଷ୍ଠ ମାନଙ୍କର ସୁରକ୍ଷା ଓ ଉଚିତ୍ ନ୍ୟାୟ ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ଦର୍ଶାଇଥିଲେ। ପରେ ବିଧାୟକଙ୍କୁ ସାକ୍ଷାତ କରି ନୂତନ ବର୍ଷର ଅଭିନନ୍ଦନ ଜଣାଇ ଥିଲେ, ତତ୍ ସହିତ ଏକ ଲିଖିତ ଦାବି ପତ୍ର ପ୍ରଦାନ କରିଥିଲେ ଯଥା - ବରିଷ୍ଠ ନାଗରିକ ବିକାଶ ମଞ୍ଚ ର ସ୍ଥାୟୀ ସଭାଗୃହ ପାଇଁ ଜମି ଓ ଗୃହ ନିର୍ମାଣ କରାଯାଉ, ମାସିକ ଭତ୍ତା ବୃଦ୍ଧି କରାଯାଉ, ବକେୟା ପଡିରହିଥିବା ସେମାନଙ୍କ ପାଇଁ ଭତ୍ତା ଲାଗୁ କରାଯାଉ, ବୈସିଙ୍ଗା ଥାନା ଦ୍ୱାରା ବରିଷ୍ଠ ମାନଙ୍କୁ ଉପେକ୍ଷା କରାଯାଇଅଛି ବୋଲି ଅନୁଭବ କଲାପରେ କିପରି ସୁରକ୍ଷା ମିଳିପାରିବ ସେଥିପାଇଁ ଚେଷ୍ଟା କରାଯାଉ, ବୈସିଙ୍ଗା ଥାନା ପାଖରେ ଆର ପଟକୁ ପାର ହେବା ପାଇଁ ଏକ ଗଲା ପୋଲ ର ବ୍ୟବସ୍ଥା କରାଯାଉ ବାଗ୍ରିପୋଷି ରୁ ପୁରୀ ସୁପର ଫାଷ୍ଟ ଟ୍ରେନ ଟିକୁ ପରିବର୍ତ୍ତନ କରାନଯାଇ ପୂର୍ବ ଭଳି ସୁପର ଫାଷ୍ଟ ଟ୍ରେନ୍ ରହୁ ,ଇଶାଣପୁର ଗ୍ରାମ ର ଲୋକମାନଙ୍କ ଯିବା ଆସିବା ପାଇଁ ଟ୍ରେନ ଲାଇନ ତଳେ ଏକ ଗଲା ପୋଲୋର ଗେଟ୍ ନଂ ୭ ପାଖରେ ତୁରନ୍ତ ନିର୍ମାଣ କରାଯାଉ, ଏହାପରେ ପ୍ରିୟ ବିଧାୟକ ଖୁବ୍ ଶୀଘ୍ର ସ୍ଥାୟୀ ସଭାଗୃହ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଆନୁଷ୍ଠାନିକ ଭାବେ ବରିଷ୍ଠ ନାଗରିକ ବିକାଶ ମଞ୍ଚ ର ସଭାପତି ସୀତା ନାଥ ବେହେରା , ଉପସଭାପତି ମୋନରଞ୍ଜନ ଲେଙ୍କା , କାର୍ଯ୍ୟକାରୀ ଉପସଭାପତି ହରିଷ୍ଚନ୍ଦ୍ର ରାଉତ ,ସମ୍ପାଦକ ଅଶ୍ୱିନୀ କୁମାର ମହାରଣା , ସହ ସମ୍ପାଦକ ଲକ୍ଷ୍ମୀଧର ନାଥ , ଗିରିଶ ଚନ୍ଦ୍ର ରାଉତ, ନବିନା ପଞ୍ଚା,ରମେଶ ଚନ୍ଦ୍ର ଲେଙ୍କା, ବ୍ରହ୍ମାନନ୍ଦ ମହାପାତ୍ର, ମହେନ୍ଦ୍ର ସାହୁ, ହରେକୃଷ୍ଣ ସାହୁ, ବ୍ରହ୍ମାନନ୍ଦ ମିଶ୍ର,ନରେନ୍ଦ୍ର ଗିରି, ବଂଶୀଧର ସାହୁ,ପଞ୍ଚାନନ ମହାରଣା, ହରିହର ଖୁଣ୍ଟିଆ, ସୋନ୍ତୋଷ ସାହାଣୀ, ଡମ୍ବରୁ ବିନ୍ଧାଣି, ଭୀମ ଚରଣ ମାଝି ,ବ୍ରଜ କୁମାର ଦାସ,ଗୌର ମୋହନ ଦାସ, ସୁରଥ ପ୍ରଧାନ, ଜଳଧର ପାଣି, ପ୍ରସନ୍ନ ପଣ୍ଡା, ପଦ୍ମ ଲୋଚନ ଦାସ, ସୋନ୍ତୋଷ୍ ଦୁର୍ଗା, ବରିଷ୍ଠ ସଦସ୍ୟ ଗଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିବାରୁ ସମସ୍ତଙ୍କର ମଙ୍ଗଳ କାମନା କରି କାର୍ଯ୍ୟକ୍ରମ କୁ ସମାପ୍ତ କରାଗଲା।

# ଡ. ରାଧାରଞ୍ଜନ ପଟ୍ଟନାୟକଙ୍କୁ ମିଳିବ ମର୍ଯ୍ୟାଦାଜନକ 'ଲୁଇପା ସମ୍ମାନ-୨୦୨୬'



ବାଲେଶ୍ୱର , ୧/୧ (ନି.ପ୍ର): ଓଡ଼ିଆ ସାହିତ୍ୟ ଜଗତର ଅନ୍ୟତମ ବିଶିଷ୍ଟ କବି, ପ୍ରାବନ୍ଧିକ ତଥା ସମାଲୋଚକ ଡ. ରାଧାରଞ୍ଜନ ପଟ୍ଟନାୟକଙ୍କୁ ଚଳିତ ବର୍ଷର ମର୍ଯ୍ୟାଦା ଜନକ 'ଲୁଇପା ସମ୍ମାନ-୨୦୨୬' ପ୍ରଦାନ କରାଯିବ। କପ୍ତିପଦା ,ରାଢୋ ସ୍ଥିତ 'ଲୁଇପା ସାରସ୍ୱତ ଅନୁଷ୍ଠାନ' ପକ୍ଷରୁ ଏହି ଘୋଷଣା କରାଯାଇଛି। ଆସନ୍ତା ଜାନୁଆରୀ ୧୫ ତାରିଖରେ ଆୟୋଜିତ ହେବାକୁ ଥିବା ୩୫ତମ ରାଜ୍ୟ ସ୍ତରୀୟ ମକର ମିଳନ ଏବଂ ୩୨ତମ ଲୁଇପା ସାରସ୍ୱତ ମହୋତ୍ସବ ଅବସରରେ ଡ. ପଟ୍ଟନାୟକଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ। ଅନୁଷ୍ଠାନର ମୁଖ୍ୟ ସଂଯୋଜକ ତଥା 'ସମୟ ଚକ୍ର' ସାହିତ୍ୟ ପତ୍ରିକାର ସମ୍ପାଦକ ଶ୍ରୀ ସର୍ବେଶ୍ୱର ଜେନା ଏବଂ ସଂଯୋଜକ ହରେକୃଷ୍ଣ ନାୟକ ଏକ ମିଳିତ ପ୍ରେସ ବିବୃତି ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ବୌଦ୍ଧ ସିଦ୍ଧାଚାର୍ଯ୍ୟ ଲୁଇପାଙ୍କୁ ଓଡ଼ିଆ ସାହିତ୍ୟର ଆଦ୍ୟ ପ୍ରବକ୍ତା ଭାବେ ଗ୍ରହଣ କରାଯାଏ। ଚର୍ଯ୍ୟାସାହିତ୍ୟ ବା ଚର୍ଯ୍ୟାପଦର ପ୍ରଥମ ପଦ 'କାଆ ତରୁବର ପଞ୍ଚ ବି ଡାଳ' ର ରଚୟିତା ହେଉଛନ୍ତି ସ୍ୱୟଂ ଲୁଇପା। ତାଙ୍କର ସାଧନାର ପୀଠ ବାଲେଶ୍ୱର ନୀଳଗିରି ସବ୍‌ଡିଭିଜନ ଅନ୍ତର୍ଗତ 'ରାଢୋ' ବୋଲି ଐତିହାସିକ ଓ ଗବେଷକମାନେ ମତ ପ୍ରଦାନ କରନ୍ତି। ଏହି ମହାନ ସାଧକଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ପରିଷଦ ପକ୍ଷରୁ ପ୍ରତିବର୍ଷ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ପୁରସ୍କୃତ କରାଯାଇଥାଏ। ଡ. ରାଧାରଞ୍ଜନ ପଟ୍ଟନାୟକ ଓଡ଼ିଆ ସାହିତ୍ୟର ଜଣେ ଅଗ୍ରଗଣ୍ୟ ସ୍ରଷ୍ଟା। ଜଣେ ସଫଳ କବି ଓ ବୌଦ୍ଧିକ ସମାଲୋଚକ ଭାବେ ତାଙ୍କର ସୁଖ୍ୟାତି ରହିଛି। ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାବ ଉପରେ ସେ ଅନେକ ଉଚ୍ଚକୋଟୀର ପୁସ୍ତକ ରଚନା କରିଛନ୍ତି, ଯାହା ପାଠକ ଓ ଗବେଷକଙ୍କ ମହଲରେ ବେଶ୍ ଆଦୃତ। ତାଙ୍କର ଏହି ନିରନ୍ତର ସାହିତ୍ୟ ସାଧନା ପାଇଁ 'ଲୁଇପା ସମ୍ମାନ' ମିଳିବା ଖବର ପ୍ରସାରିତ ହେବା ପରେ ବିଭିନ୍ନ ମହଲରେ ଖୁସିର ଲହରୀ ଖେଳିଯାଇଛି। ତାଙ୍କୁ ବିଭିନ୍ନ ସାହିତ୍ୟିକ, ବୁଦ୍ଧିଜୀବୀ ଓ ଶୁଭେଚ୍ଛୁମାନେ ଅଭିନନ୍ଦନ ଜଣାଇଛନ୍ତି।

# ଜଳେଶ୍ୱର ସୀମାନ୍ତ ଗ୍ରାମୀଣ ମହୋତ୍ସବ ପଡ଼ିଆରେ ରକ୍ତଦାନ ଶିବିର




ଜଳେଶ୍ୱର, ୧/୧ (ନି.ପ୍ର): ନୂଆ ବର୍ଷ ଅବସରରେ ଜଳେଶ୍ୱର ସୀମାନ୍ତ ଗ୍ରାମୀଣ ମହୋତ୍ସବ ପକ୍ଷରୁ ଏକ ରକ୍ତଦାନ ଶିବିର ନୂଆବଜାର ସ୍ଥିତ ତାରିଣୀ ଛକ ନିକଟସ୍ଥ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ରକ୍ତଦାତା ସଂଘ, ସମ୍ବାଦ ଆମ ଓଡ଼ିଶା ଓ ରୋଟାରୀ କ୍ଲବ ଶାଶ୍ୱତ ମିଳିତ ସହଯୋଗରେ ଆୟୋଜିତ ଶିବିରକୁ ଜଳେଶ୍ୱର ଥାନାଧିକାରୀ ଅଶୋକ କୁମାର ବାରିକ ମୁଖ୍ୟ ଅତିଥି ଭାବେ ଯୋଗ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘର ଉପ ସଭାପତି ସୁବ୍ରତ କୁମାର ରଣା, ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, ପ୍ରାକ୍ତନ ସରପଞ୍ଚ ହେମନ୍ତ କୁମାର ଗିରି, ଯୁବନେତା ରାଜେଶ କୁମାର ଖଟୁଆ ରକ୍ତଦାତା ସଂଘର ଜଳେଶ୍ୱରର ସଭାପତି ତଥା ସାହିତ୍ୟଘର ସମ୍ପାଦକ ଡ. ଅଜିତ କୁମାର ମହାନ୍ତି, ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ନାୟକ, ଅଶୋକ ଦାସ, କାଉନସିଲର ଶିବ ନାରାୟଣ ମହାପାତ୍ର, ଡାକ୍ତର କମଳ କୁମାର ବେରା ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରୁ ୫୧ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଉତ୍ତର ବାଲେଶ୍ୱର 'ସମ୍ବାଦ'ପ୍ରତିନିଧି ସତ୍ୟବ୍ରତ ପ୍ରଧାନ, ସୌବିକ ଜେନା, ଜଗଦୀଶ ନନ୍ଦୀ, ସମ୍ବାଦ ଉତ୍ତର ଓଡ଼ିଶା ସଂସ୍କରଣ ଆମ ଓଡ଼ିଶା ସଂଯୋଜକ ଲକ୍ଷ୍ମୀଧର ବାରିକଙ୍କ ସହ ମହୋତ୍ସବ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଜୟଗୁରୁ ହସ୍ପିଟାଲ୍ ପକ୍ଷରୁ ପ୍ରତ୍ୟେକ ରକ୍ତଦାତାଙ୍କୁ ଚାରା ବଣ୍ଟନ କରାଯାଇଥିଲା

# ନିଆରା ଢଙ୍ଗରେ ପୂର୍ବତନ ମନ୍ତ୍ରୀଙ୍କ ପରିବେଶ ସଚେତନତା

ଖଇରା, ୧/୧ (ନି.ପ୍ର): ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ବିଜେଡି ସରକାର ସମୟର ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଭିନ୍ନ ଏକ ବାର୍ତ୍ତା ଦେଇ ଶୁଭେଚ୍ଛୁ ଓ ସମର୍ଥକଙ୍କ ଗହଣରେ ନୂଆବର୍ଷ ପାଳିଛନ୍ତି । ଗୁରୁବାର ସକାଳେ ଭେଟିବାକୁ ଆସୁଥିବା ଶୁଭେଚ୍ଛା ମାନଙ୍କ ଠାରୁ ଫୁଲଚାରା ଟିଏ ଉପହାର ନେଲେ । ପରିବେଶ କୁ ନଷ୍ଟ କରୁଥିବା ପଲିଥିନର ବ୍ୟବହାରକୁ ନ କରିବାକୁ ସମର୍ଥକ ମାନଙ୍କୁ ପରାମର୍ଶ ଦେଇସାରି ଉପହାର ସ୍ୱରୂପ ସମର୍ଥକଙ୍କୁ କପଡା ବ୍ୟାଗ ଟିଏ ପ୍ରଦାନ କରିଥିଲେ । କେବଳ ତାଙ୍କ ବାସଭବନ ନୁହେଁ ସିମୁଳିଆ ବ୍ଲକର ମାର୍କୋଣା ଛକ,ବାଲିଖଣ୍ଡ,ବରି ଓ ଅଡା ବଜାର ଏବଂ ଖଇରା ବ୍ଲକ ର ଡୁଙ୍ଗୁରା,କୁପାରୀ,ଖଇରା ଓ ଗଣ୍ଡିବେଡ ବଜାର ରେ ସମର୍ଥକଙ୍କୁ ନୁତନ ବର୍ଷର ଶୁଭେଛା ବାର୍ତ୍ତା ପ୍ରଦାନ ଅବସରରେ କପଡା ବ୍ୟାଗ ଧରି ବଜାର ଯିବାକୁ ପରାମର୍ଶ ଦେଇ ବ୍ୟାଗ ଗୋଟେ ଗୋଟେ ବାଣ୍ଟିଥିଲେ । ଜଳବାୟୁ ପରିବର୍ତ୍ତନ ର କୁପରିଣାମ ସାରା ବିଶ୍ୱ ଭୋଗୁଥିବା ବେଳେ ପଲିଥିନ ପାଇଁ ବାୟୁ ମଣ୍ଡଳରେ ପ୍ରଦୁଷଣ ଅଧିକ ମାତ୍ରାରେ ବଢୁଥିବାରୁ ନୁଆବର୍ଷ ପାଳନ ଅବସରରେ ସମର୍ଥକଙ୍କୁ ସଚେତନା କରିବା ଏଭଳି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀ ପାଣିଗ୍ରାହୀ ପ୍ରକାଶ କରିଛନ୍ତି ।

# ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ନବନିଯୁକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ

ଭୁବନେଶ୍ୱର, ୧/୧ (ନି.ପ୍ର): ନବବର୍ଷର ପ୍ରଥମ ଦିନରେ ଗୁରୁବାର ଓଡ଼ିଶାର ନବନିଯୁକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟିଙ୍କୁ ଲୋକଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ରାଜ୍ୟପାଳଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇବା ସହ ରାଜ୍ୟର ସାମଗ୍ରିକ ପ୍ରଗତିକୁ ପାଇଁ ପ୍ରମୁଖ ପ୍ରଶାସନିକ ପ୍ରାଥମିକତା, ଜାରି ରହିଥିବା ବିକାଶମୂଳକ ପଦକ୍ଷେପ ଏବଂ କଲ୍ୟାଣକାରୀ କାର୍ଯ୍ୟକ୍ରମ ବିଷୟରେ ରାଜ୍ୟପାଳଙ୍କ ସହିତ ଆଲୋଚନା କରିଥିଲେ।

# ନୀଳଗିରିରେ କୁମ୍ଭୀର ଆତଙ୍କ: ଶ୍ରମିକର ଗୋଡକୁ ଆକ୍ରମଣ କରିଥିବା ଜନ୍ତୁ କୁମ୍ଭୀର ନା ପାଣି ଓଧ ?



ନୀଳଗିରି , ୧/୧ (ନି.ପ୍ର): ନୀଳଗିରିରେ କୁମ୍ଭୀର ଆତଙ୍କ ଦେଖିବାକୁ ମିଳିଥିବା ବେଳେ ଜୈନିକ ଅଣଓଡ଼ିଆ ଇଟାଭାଟି ଶ୍ରମିକ ଏହି ଆକ୍ରମଣର ଶିକାର ହୋଇଥିବାବେଳେ ଏବେ ନୀଳଗିରି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ ନୀଳଗିରି ମିରିଗିଣି ନିକଟସ୍ଥ ଲକ୍ଷ୍ମୀଇଟାଭାଟିରେ ଝାଡ଼ଖଣ୍ଡ ରାଜ୍ୟର ସୁରାଇକିତା ଗ୍ରାମର ପଞ୍ଚୁ ମାଝୀର ପୁଅ ମୁନା ମାଝୀ ଦୁଇମାସ ତଳେ ଉକ୍ତ ଇଟାଭାଟିରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଗୁରୁବାର ସକାଳେ ପ୍ରାୟ ଆଠଟା ସମୟରେ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ହଠାତ୍ ଏକ କୁମ୍ଭୀର ସଦୃଶ ଜଳଜନ୍ତୁ ମୁନା ମାଝୀର ବାମଗୋଡର ପାଦକୁ କାମୁଡି ଗୁରୁତର କରିପକାଇଥିଲା। ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଭାଟିର ଅନ୍ୟଶ୍ରମିକମାନେ ନୀଳଗିରି ମେଡ଼ିକାଲକୁ ଆଣିଥିଲେ। ଏବେ ସେ ଚିକିତ୍ସାଧୀନ ଅବସ୍ଥାରେ ନୀଳଗିରି ମେଡ଼ିକାଲରେ ଭର୍ତ୍ତି ହୋଇଅଛନ୍ତି। ଖବରପାଇ ନୀଳଗିରି ରେଞ୍ଜଅଧିକାରୀ ମନଓ୍ୱାର ଖାଁ ମେଡିକାଲରେ ପହଞ୍ଚି ମୁନା ମାଝୀଙ୍କ ସହ ଘଟଣାବାବଦରେ ପଚାରି ବୁଝିଥିବା ବେଳେ ବିଭିନ୍ନ ଜଳଜନ୍ତୁଙ୍କର ଫୋଟୋ ମୋବାଇଲରେ ଦେଖାଇଥିଲେ। ପରେ ଡାକ୍ତରଙ୍କ ସହ ଘଟଣାବାବଦରେ ପଚାରି ବୁଝିଛନ୍ତି।ମୁନା ମାଝୀର ରକ୍ତନମୁନା ସଂଗ୍ରହକରାଯାଇ ପରୀକ୍ଷାପାଇଁ ପଠାଯାଇଛି।ଗୁରୁତର ଅବସ୍ଥାରେ ଶ୍ରମିକ ଜଣକ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ଇଟାଭାଟି ମାଲିକ ଆସିନଥିବାର ଦୁଃଖ ପ୍ରକାଶ କରିଛନ୍ତି। ତେବେ ଏନେଇ ବନବିଭାଗ ପକ୍ଷରୁ ସଂପୃକ୍ତ ଇଟାଭାଟି ମାଲିକଙ୍କୁ ପୋଖରୀରୁ ପାଣିବାହାର କରିବାପାଇଁ ନିର୍ଦ୍ଦେଶ ଦେବାସହ ଖୋଦ୍ ନୀଳଗିରି ବନଅଧିକାରୀ ମନଓ୍ୱର ଖାଁ ଘଟଣା ସ୍ଥଳକୁ ଯାଇ ତଦନ୍ତକରିବା ସହ ଆବଶ୍ୟକ ପଡିଲେ ପୋଖରୀରୁ ପାଣି ବାହାର କରାଯିବ ବୋଲି ପ୍ରକାଶ କରିଛନ୍ତି। ଏହି ଖବର ଶୁଣିବାପରେ ଉକ୍ତ ପୋଖରୀକୁ କେହି ଶ୍ରମିକ ଯାଉନଥିବା ବେଳେ ନୀଳଗିରି ଭଳି ପାହାଡିଆ ଅଞ୍ଚଳରେ କୁମ୍ଭୀର କଉଠୁ ଆସିଲେ ବୋଲି କିଛି ଅଞ୍ଚଳବାସୀ ପ୍ରଶ୍ନ କରିବାସହ ଏହା ପାଣିଓଧ ହୋଇପାରିଥାଏ ବୋଲି ଆଲୋଚନା ଶୁଣିବାକୁ ମିଳିଛି।

# ପ୍ରେସ କ୍ଲବ ଓ ସୃଜନିକା ପକ୍ଷରୁ ନବବର୍ଷ ସାରସ୍ୱତ ଉତ୍ସବ- ବନ୍ଧୁ ମିଳନ




ଲଙ୍ଗଳେଶ୍ୱର, ୧/୧ (ନି.ପ୍ର): ସୁବର୍ଣ୍ଣରେଖା ପ୍ରେସ କ୍ଲବ, ସୁବର୍ଣ୍ଣରେଖା ସାଂସ୍କୃତିକ ବିକାଶ ପରିଷଦ, ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟି ଓ ସାହିତ୍ୟ ଅନୁଷ୍ଠାନ ସୃଜନିକା ପକ୍ଷରୁ ଗୁରୁବାର ବ୍ଲକ ଛକ ଏସ କେ ଜି ସାରସ୍ୱତ ଟ୍ରଷ୍ଟ ସମ୍ମିଳନୀ କକ୍ଷରେ ନବବର୍ଷ ସାରସ୍ୱତ ଉତ୍ସବ ଓ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ମିଳିତ ଅନୁଷ୍ଠାନର ଆବାହକ ଅଧ୍ୟାପକ ଡ଼ ସୁକାନ୍ତ ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରାକ୍ତନ ସ୍ୱତନ୍ତ୍ର ଶାସନ ସଚିବ ଖଗେନ୍ଦ୍ର ନାଥ ଜେନା, ଯଶସ୍ୱୀ କବି ସୁ କୁମାର ଦାସ, ଶିଶୁ ସାହିତ୍ୟିକ କାଳି କିଙ୍କର ଦାସ, କଥା ବାଚକ ପଣ୍ଡିତ ପ୍ରିୟବ୍ରତ ପଣ୍ଡା, ପୂର୍ବତନ ଡି ଆଇ ସୁବାସ ଚନ୍ଦ୍ର ଚୌଧୁରୀ, ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ସଭାପତି ସତ୍ୟକାମ ମହାନ୍ତି, ବାଘାଯତୀନ ସ୍ମୃତି ପରିଷଦ ସଭାପତି ଅରବିନ୍ଦ ବେହେରା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଭାରତୀୟ ସଂସ୍କୃତି, ପାଶ୍ଚାତ୍ୟ ଅପସଂସ୍କୃତି, ଭାଷାର ସୁରକ୍ଷା, ସ୍ମାର୍ଟ ଫୋନର ଅପବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଆରତୀ ପାତ୍ର, ବିଜୟ କୁମାର ପାତ୍ର, ସେକ ନିମାଜୀ, ସବିତା ରାଣୀ ଦାସ, ନମିତା ରାଣୀ ସାମଲ, ସ୍ନେହ ଲତା ନାୟକ, ବ୍ୟଙ୍ଗ କବି ଅର୍ଦ୍ଧେନ୍ଦୁ ପାଣି ଗ୍ରାହୀ, ପ୍ରାକ୍ତନ ପ୍ରାଧ୍ୟାପକ କୁଞ୍ଜକାନ୍ତ ପାତ୍ର, କବି ନଳିନୀ କାନ୍ତ ପାଢ଼ୀ, ସାମ୍ବାଦିକ ସଦାଶିବ ସେଠୀ,ପ୍ରଭାତ କୁମାର ଦାସ, ଜ୍ୟୋତି ରଞ୍ଜନ ପଟ୍ଟାୟତ, ଭୀଷ୍ମ ଚରଣ ମଲ୍ଲିକ, କ୍ଷୀତିଶ ଜେନା, ରିଙ୍କୁ ରଞ୍ଜନ କର , ରବୀନ୍ଦ୍ର ଦତ୍ତ, ନବ କୁମାର ଦାସ, ସାମ୍ବାଦିକା ପ୍ରତିମା ଜେନା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥିମାନେ ନବ କୁମାର ଦାସଙ୍କ ' ପ୍ରେମ ଆକାଶର ମେଘମାଳା ' ଉପନ୍ୟାସ କୁ ଉନ୍ମୋଚନ କରିଥିଲେ। ସନ୍ୟାସୀ ବେହେରା ବେଦପାଠ ସ୍ୱାଗତ ଭାଷଣ ପ୍ରଦାନ, ଶ୍ରୀହରି ମଣ୍ଡଳ ବିବରଣୀ ପାଠ କରିଥିବାବେଳେ ସାମ୍ବାଦିକ ହରେକୃଷ୍ଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାନୁଆରୀ ୬ରୁ ଷଷ୍ଠ ଜାତୀୟ ଚିଲିକା ପକ୍ଷୀ ମହୋତ୍ସବ

ଭୁବନେଶ୍ୱର, ୧/୧ (ନି.ପ୍ର): ପର୍ଯ୍ୟଟନ ବିଭାଗ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମିଳିତ ସହଯୋଗରେ ଚଳିତ ବର୍ଷ ଜାନୁଆରୀ ୬ ରୁ ୮ ତାରିଖ ଯାଏଁ ଷଷ୍ଠ ଜାତୀୟ ଚିଲିକା ପକ୍ଷୀ ମହୋତ୍ସବ ଆୟୋଜିତ ହେବ। ସଂରକ୍ଷଣ-ନେତୃତ୍ୱାଧୀନ ପର୍ଯ୍ୟଟନ, ସ୍ଥାୟୀତ୍ୱ ଏବଂ ଗୋଷ୍ଠୀ ଭାଗୀଦାରି ପ୍ରତି ରାଜ୍ୟର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିବା ନିମନ୍ତେ ଚିଲିକା ହ୍ରଦଠାରେ ଏହି ମହୋତ୍ସବର ଆୟୋଜନ କରାଯାଇଛି । ଏହି ମହୋତ୍ସବ ଜୈବ ବିବିଧତାର ସଂରକ୍ଷଣ, ସ୍ଥାନୀୟ ଲୋକଙ୍କ ଜୀବନ ଜୀବିକାରେ ଉନ୍ନତି, ଶିକ୍ଷା ଏବଂ ଦାୟିତ୍ୱପୂର୍ଣ୍ଣ ପର୍ଯ୍ୟଟନ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ସହିତ ଚିଲିକାର ଉତ୍କୃଷ୍ଟ ପରିବେଶଗତ ଗୁରୁତ୍ୱକୁ ପ୍ରଦର୍ଶନ କରିବ । ସଫଳ ଗୋଷ୍ଠୀ-ପରିଚାଳିତ ପକ୍ଷୀ ଦର୍ଶନ ମଡେଲ ପାଇଁ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ଏହି ମହୋତ୍ସବ ପରିଦର୍ଶକଙ୍କୁ ମଙ୍ଗଳାଯୋଡି ଏବଂ ନଳବଣ ପକ୍ଷୀ ଅଭୟାରଣ୍ୟରେ ପକ୍ଷୀ ଦର୍ଶନ ଅଭିଜ୍ଞତାରେ ଅଂଶଗ୍ରହଣ କରିବାକୁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରିବ । ଏହି ମହୋତ୍ସବ ପରିଦର୍ଶକମାନଙ୍କୁ ଏକ ସଂରକ୍ଷିତ ଆର୍ଦ୍ରଭୂମିରେ ପ୍ରବାସୀ ପକ୍ଷୀଙ୍କ ସମାଗମ ଦେଖିବାର ସୁଯୋଗ ପ୍ରଦାନ କରିଆସୁଛି । ପକ୍ଷୀ ଦର୍ଶନ ବ୍ୟତୀତ, ଚିଲିକା ଅଞ୍ଚଳର ଜୀବନ୍ତ ସଂସ୍କୃତିକୁ ପ୍ରତିଫଳିତ କରୁଥିବା ଏହି ମହୋତ୍ସବ ଏକ ସାମଗ୍ରିକ ଅନୁଭୂତି ମଧ୍ୟ ପ୍ରଦାନ କରେ । ପରିଦର୍ଶକମାନେ ସ୍ଥାନୀୟ ହସ୍ତଶିଳ୍ପ ସହ ପରିଚିତ ହେବା ସହ ସମ୍ପ୍ରଦାୟଗୁଡ଼ିକ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ଆଞ୍ଚଳିକ ଖାଦ୍ୟର ଆନନ୍ଦ ନେଇପାରିବେ ଏବଂ ପକ୍ଷୀବିଜ୍ଞାନୀ, ପକ୍ଷୀପ୍ରେମୀ ଏବଂ ବନ୍ୟପ୍ରାଣୀ ଫଟୋଗ୍ରାଫରଙ୍କ ନେତୃତ୍ୱରେ ପାରସ୍ପରିକ ଆଲୋଚନା ଅଧିବେଶନରେ ଅଂଶଗ୍ରହଣ କରିପାରିବେ ।

# ବଣଭୋଜି ସ୍ଥଳର ଦୁଃଖ: ଶବ୍ଦ ପ୍ରଦ୍ୟୁଷଣ ଓ ପଲିଥିନର ବ୍ୟବହାର ଡ଼ାକିଆଣୁଛି ଭୟଙ୍କର ବିପଦ : ଜନ ଜାଗୃତି ମଂଚ

ଉଦଳା, ୧/୧ (ନି.ପ୍ର): ପାହାଡ଼, ଜଙ୍ଗଲ ଓ ଝରଣାର ପ୍ରାକୃତିକ ସୌନ୍ଦର୍ଯ୍ୟ ଖୁବ୍ ଆନନ୍ଦଦାୟକ ହୋଇଥାଏ । ମୟୂରଭଂଜ ଜିଲ୍ଲାରେ ଏପରି ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାନ ଅନେକ ଗୁଡ଼ାଏ ଥିବା ବେଳେ ବର୍ତମାନ ଏହିସବୁ ସ୍ଥାନ ମାନଙ୍କରେ ପର୍ଯ୍ୟଟକ ମାନଙ୍କର ଭିଡ଼ ଦେଖିବାକୁ ମିଳୁଛି । ପ୍ରତିବର୍ଷ ଏହି ସମୟରେ ପର୍ଯ୍ୟଟକ ମାନେ ଏଠାକୁ ଆସି ବଣଭୋଜିର ମଜା ଉଠାଇଥାନ୍ତି । ଡ଼ିଜେ ଶବ୍ଦରେ ଜଙ୍ଗଲର ଶାନ୍ତ ପରିବେଶକୁ ଅସ୍ତବ୍ୟସ୍ତ କରିପକାଇବା ସହିତ ବ୍ୟବହୃତ ପଲିଥିନ ଏଣେତେଣେ ଫୋପାଡ଼ିଥାନ୍ତି । ଯାହାକି ପରିବେଶ ପ୍ରତି ଭୟଙ୍କର ବିପଦକୁ ଡ଼ାକି ଆଣିଥାଏ । ଏଥିପାଇଁ ସଚେତନତା ସୃଷ୍ଟି କରିବା ଉଦେଶ୍ୟରେ ଲୋକସଂଗଠନ 'ଜନଜାଗୃତି ମଂଚ' ତରଫରୁ ଗତ ଡ଼ିସେମ୍ବର ୩୧ ତାରିଖ ବୁଧବାର ଦିନ କପ୍ତିପଦା ବ୍ଲକ ଅନ୍ତର୍ଗତ 'କଳବନ୍ଧ' ନିକଟରେ ଏକ ଆଲୋଚନାଚକ୍ରର ପର୍ବ ଅନୁଷ୍ଠିତ ହୋଇଯାଇଛି । ସାମାଜିକ କର୍ମି ପ୍ରସନ୍ନ ପ୍ରଧାନ ଏଥିରେ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ମଂଚ ତରଫରୁ ଆୟୋଜିତ ଏପରି ଏକ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଉର୍ମି ଲିଢ଼ର ମୋନାଲି, ସସ୍ମିତା, ସାଉରି, ମମତା ଓ ଅବନ୍ତି ଏହି କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ନେଇଥିବା ବେଳେ ମଂଚର ଟିମ ଲିଢ଼ର ଗଦାଧର ଦାଶ ଅଧ୍ୟକ୍ଷତା କରିଥିଲେ । ଆଲୋଚକ ଭାବରେ କୈଳାଶ ନାୟକ, ସୁବ୍ରତ ମହାନ୍ତି, ସୁଦର୍ଶନ ଦଳେଇ, ଗୌତମ ମହାପାତ୍ର, ଆରତୀ ଖଣ୍ଡାପାତ୍ର, ହରିପ୍ରିୟା ଦାସ, ନିରୁପମା ଦାସ, ରୁପାଏ ବାସ୍କେ ଓ ରାମଚନ୍ଦ୍ର ସିଂ ଅଂଶଗ୍ରହଣ କରି ବଣଭୋଜି ସ୍ଥଳରେ ଡ଼ିଜେ ବଜାଇବା ପଲିଥିନର ବ୍ୟବହାର କରିବା ଦ୍ୱାରା ଏହା ପରିବେଶ ପ୍ରତି ଭୟଙ୍କର ବିପକଦକୁ ଡ଼ାକି ଆଣୁଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ପ୍ରାରମ୍ଭରେ ଅଭିଲିପ୍ସା ପୃଷ୍ଟି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୀମା ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । ଆଜିର ଏହି ଆଲୋଚନା ଚକ୍ରକୁ ସଫଳ କରିବାରେ ସନାଲି, କାରୁକର, ରାମାୟ, ଭାରତୀ, ରବିନ୍ଦ୍ର ସହଯୋଗ କରିଥିଲେ ।

# ଭାଷା ବିକାଶ ପକ୍ଷରୁ ଇଂରାଜୀ ନବବର୍ଷ କବିତା ଆସର




ବାଲେଶ୍ୱର, ୧/୧ (ନି.ପ୍ର): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୌରୋହିତ୍ୟରେ ଇଂରାଜୀ ନବବର୍ଷ ଉପଲକ୍ଷେ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଯୁବକବି ରାଜେନ୍ଦ୍ର ଗିରି ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ ଅତିଥି ଭାବରେ ଯୋଗଦାନ କରି ସମସାମୟିକ ଓଡ଼ିଆ କବିତାର ଧାରା ସଂପର୍କରେ ଆଲୋଚନା କରିଥିଲେ। ଯୁଗ୍ମ ସଂପାଦକ ଜୁମରନାଥ ପାତ୍ର ଓ ଶାନ୍ତିଲତା ପଣ୍ଡାଙ୍କ ମିଳିତ ସଂଯୋଜନାରେ ନିବାରଣ ଜେନା, ନିରଂଜନ ରାଉତ, ରଶ୍ମିରେଖା ପତି, ସ୍ୱାତୀ ମୁଖାର୍ଜୀ, ଡ. ଶିରୀଶ ଚନ୍ଦ୍ର ଜେନା, ଡ. ରମାକାନ୍ତ ନାୟକ, ଅଞ୍ଜଳି ପଣ୍ଡା, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ଇଂ. ବିଜୟ କୁମାର ମହାନ୍ତି, ଦୀନବନ୍ଧୁ ଲେଙ୍କା, ସମରବଲ୍ଲଭ ଭୋଇ, ଶାନ୍ତି ବିଶି, ମମତା ଦାସ, ପ୍ରିୟାରାଣୀ ମଲ୍ଲିକ, କବିତା ଜେନା, ଅର୍ଚ୍ଚନା କର, ଡ. ସାରଙ୍ଗଧର ତ୍ରିପାଠୀ, ପ୍ରତିମା ପଣ୍ଡା, ଜ୍ୟୋତ୍ସ୍ନା ରାୟ, ସୁବ୍ରତା ମହାନ୍ତି, ଅବନ୍ତୀ ପ୍ରଧାନ, ପଦ୍ମଲୋଚନ ପ୍ରଧାନ, ପ୍ରଭାକର ସାହୁ, ପ୍ରଫୁଲ୍ଲ କୁମାର ମହାପାତ୍ର, ସ୍ନିଗ୍ଧା ସାମନ୍ତରାୟ, ଡ. ରତ୍ନାକର ସିଂହ, ଦିଲ୍ଲୀପ କୁମାର ନାୟକ, ବାସନ୍ତୀ ଦେ, ପ୍ରଫୁଲ୍ଲ କୁମାର ଦାସ, ଦିଲ୍ଲୀପ ଚକ୍ରବର୍ତ୍ତୀ, ତୃପ୍ତିରାଣୀ ପାତ୍ର, ଦେବାଶିଷ ସିଂହ, କୃଷ୍ଣା ପ୍ରଧାନ, ଅର୍ଚ୍ଚନା ନନ୍ଦୀ ପ୍ରମୁଖ ସ୍ୱରଚିତ କବିତାପାଠ କରିଥିଲେ। ସଂଗଠନ ସଂପାଦକ ତପନ ରାୟ ପ୍ରାକ୍ ବକ୍ତବ୍ୟ ପ୍ରଦାନ କରିଥିବାବେଳେ କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମଞ୍ଚଆବାହନ କରିଥିଲେ। ଶେଷରେ କବି ଦୀପକ ବୋଷ ଶେଷକଥା ରଖିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

ଶୁକ୍ରବାର, ଜାନୁଆରୀ ୦୨, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବାଣୀପୀଠ ପକ୍ଷରୁ ମଧ୍ୟରାତ୍ର ବହୁଭାଷୀ ଉଷ୍ମମ କବିତା ଆସର

ବଡ଼ସାହି , ୧/୧ (ନି.ପ୍ର): ଉତ୍ତର ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ବାଣୀପୀଠ' ପକ୍ଷରୁ ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ ଓ ଓଡ଼ିଆ ଲେଖକ ପରିଷଦ ଅନୁକୂଲ୍ୟରେ ଡିସେମ୍ବର ୩୧ ତାରିଖ 'ମଧ୍ୟରାତ୍ର ବହୁଭାଷୀ ଉଷ୍ମମ କବିତା ଆସର' ବାଣୀପୀଠର ଅଧକ୍ଷ ଡକ୍ଟର କୁମାର ବାବୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇ ଥିଲା। ଏହି କାର୍ଯ୍ୟକ୍ରମରେ ପୁହାଣ ସୂର୍ଯ୍ୟକାନ୍ତି ରାଉତ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ କବି ସୌମ୍ୟରଞ୍ଜନ ନାୟକ ଯୋଗଦାନ କରି କବିତା ଜୀବନକୁ ଜଗ୍ରତ କରିବା ସହିତ ଶୀତକୁ ଦୂରେଇ ଦେଇ ଆତ୍ମିୟତାର ଉଷ୍ମତାକୁ ବୃଦ୍ଧି କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଶବ୍ଦକୁଞ୍ଜର ପ୍ରତିଷ୍ଠାତା କବି କାର୍ତ୍ତିକ ସେଠୀ, ସ୍ୱତନ୍ତ୍ର ଅତିଥି ଭାବେ କବୀ ମଳୟ ମଞ୍ଜରୀ ରଥ ଓ ସମ୍ମାନିତ ଅତିଥି ଭାବେ ହିନ୍ଦୀ କବି ଗୋବିନ୍ଦ ହେମ୍ବ୍ରମ, ବର୍ଷାରାଣୀ ମହାନ୍ତ, ଶୁଭଜିତ୍ ଶୁଭଙ୍କର ରାଉତ, ପିଓ ମାଣ୍ଡି ଏବଂ ସୁମନ କୁମାର ବେହେରା ଯୋଗଦାନ କରି ସମାଜକୁ ସୁଧାରିବା ପାଇଁ କବିତା ପଠନ ଓ ଶ୍ରବଣର ଉପାଦେୟତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଶିବାନୀ ସିଂ, ଜ୍ୟୋତି ପ୍ରକାଶ ମହାନ୍ତ, ସୂର୍ଯ୍ୟ ପ୍ରତାପ ସ୍ୱାଇଁ, ହିତୈଶ୍ରୀ ମହାର୍ଣ୍ଣା, ଶୁଭଦ୍ରା ବିନ୍ଧାଣୀ, ନନ୍ଦିତା ମହାନ୍ତ, ପପୁ ହେମ୍ବ୍ରମ, ଲକ୍ଷ୍ମୀପ୍ରିୟା ବଗାଳ, ସୌମ୍ୟରଞ୍ଜନ ସିଂ, ଦେବୀ ବଡମାଝୀ, ଶେଖର କୁମାର ନାୟକ, ଅଲିସା ବେହେରେଣିଆ ଆଦି ଛବିଶ୍ ଜଣ ନୂଆବର୍ଷ କବିତା ପାଠ କରିଥିଲେ। ସଂଧ୍ୟାରାଣୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ ସାମୂହିକ ଭାବେ ସମସ୍ତେ ପୋଡ଼ପିଠା ଖାଇବାର ମଜା ନେଇଥିଲେ।



# ଇଂରାଜୀ ନବବର୍ଷରେ ଆହ୍ୱାନ ଫାଉଣ୍ଡେସନ୍ ପକ୍ଷରୁ ୧୬୧ ୟୁନିଟ୍ ରକ୍ତ ସଂଗ୍ରହ




ପାରାଦୀପ, ୧/୧ (ନି.ପ୍ର): ବିଗତ ବର୍ଷ ପରି ଚଳିତ ବର୍ଷ ପାରାଦୀପ ତଥା ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆହ୍ୱାନ ଫାଉଣ୍ଡେସେନ୍ ପକ୍ଷରୁ ଇଂରାଜୀ ନବବର୍ଷରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ପ୍ରଥମ ସୋପାନରେ ପାରାଦୀପର ନଗରପାଳ ବସନ୍ତ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ପାରାଦୀପ ବନ୍ଦର ମୁଖ୍ୟଅର୍ଥ ପରାମର୍ଶଦାତା ଅଶୋକ କୁମାର ସାହୁ, ଉପମୁଖ୍ୟ ଅର୍ଥ ପରାମର୍ଶଦାତା ରୁଦ୍ର ନାରାୟଣ ମିଶ୍ର, ପ୍ରଶାନ୍ତ କୁମାର ମହାରଣା, ଇଫକୋ ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା, ପୂର୍ବତନ ପାରିଷଦ ଶଙ୍କର ପ୍ରସାଦ ରାଉତ ଯୋଗ ଦେଇ ଆହ୍ୱାନ ଫାଉଣ୍ଡେସେନ ଏହି ମହାନ କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ । ଦ୍ୱିତୀୟ ସୋପାନରେ ପାରାଦୀପ ବନ୍ଦର ଚିକିତ୍ସାଳୟର ଅବସରପ୍ରାପ୍ତ ଚିକିତ୍ସକ ଡା. ରାଜ କିଶୋର ମଲ୍ଲିକ, ଦନ୍ତ ଚିକିତ୍ସକ ଡା. ଅରବିନ୍ଦ ନାୟକ, ପାରାଦ୍ୱୀପ ବିଜେପି ମଣ୍ଡଳ ସଭାପତି ତଥା ୯ନଂ ୱାର୍ଡର ପାରିଷଦ ସୁବ୍ରତ କୁମାର ପ୍ରଧାନ, ବରିଷ୍ଠ ସାମ୍ବାଦିକ ସଂଜୟ କୁମାର ମିଶ୍ର, ଏନସିସି ଆଲୁମୁନି ଆସୋସିଏସନ ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିମାନଙ୍କୁ ଆହ୍ୱାନ ଫାଉଣ୍ଡେସେନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଆହ୍ୱାନ ଫାଉଣ୍ଡେସେନ ସଭାପତି ସାଗର ବିଶ୍ୱାଳ । କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଇଂ. ପ୍ରଭାସ କୁମାର ସ୍ୱାଇଁ । ଇଂରାଜୀ ନବବର୍ଷରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ୧୬୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ପ୍ରକାଶଥାଉକି, ବିଭିନ୍ନ କ୍ଲବ୍‌ର ସଦସ୍ୟମାନେ ଇଂରାଜୀ ନବବର୍ଷରେ ଭୋଜି ଭାତରେ ମଜଗୁଲ୍ ଥିଲା ବେଳେ ଆହ୍ୱାନ ଫାଉଣ୍ଡେସେନ୍‌ର ସଦସ୍ୟ ସଦସ୍ୟାମାନେ ରକ୍ତଦାନ ଶିବିରର ଆୟୋଜନ କରି ଏକ ନିଆରା ବାର୍ତ୍ତା ପ୍ରଦାନ କରିଥାନ୍ତି ।

# ସାତଦିନର କଣ୍ଟଦେଲା ସିପିଆଇ(ଏମ): ଧାନକିଣା ନହେଲେ ରାସ୍ତାରୋକ ଚେତାବନୀ




ନୀଳଗିରି, ୧/୧ (ନି.ପ୍ର): ଆଗାମୀ ୭ଦିନ ମଧ୍ୟରେ ଔପଚାରିକ ଭାବେ ନୀଳଗିରି ଉପଖଣ୍ଡରେ ଚାଷୀଙ୍କ ଠାରୁ ଧାନକିଣା ନଗଲେ ରାସ୍ତାରୋକ କରିବବୋଲି ଆଜି ଅପରାହ୍ନ ତିନିଟା ସମୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ସିପିଆଇ(ଏମ)ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର। ନୀଳଗିରି ତଳସଡ଼କ ପଞ୍ଚମୁଖୀ ହନୁମାନମନ୍ଦିର ନିକଟସ୍ଥ ସିପିଆଇ ଏମ କାର୍ଯ୍ୟାଳୟରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀଯୁକ୍ତ ପାତ୍ର ପ୍ରଥମେ ଇଂରାଜୀ ନବବର୍ଷର ଅଭିନନ୍ଦନ ଜଣାଇବା ପରେ ନୀଳଗିରିର ସମସ୍ତଙ୍କର ସାମ୍ବାଦିକ ବନ୍ଧୁମାନଙ୍କର ସତ୍ୟ, ନିର୍ଭୀକ ଏବଂ ସାଧୁ ଉଦ୍ୟମଫଳରେ ୨୦୨୫ ମସିହାରେ ନୀଳଗିରି ପ୍ରଶାସନ ଅଞ୍ଚଳର ଚାରୋଟି ପ୍ରମୁଖ ସମସ୍ୟା ସମାଧାନ କରିବାକୁ ଯାଉଥିବା ସୂଚାଇଥିଲେ। ମୁଖ୍ୟତଃ ନୀଳଗିରିର ଐତିହ୍ୟ କୁହାଯାଉଥିବା ଲକ୍ଷ୍ମୀସାଗର ପୋଖରୀକୁ ସୋର କେନାଲଡିଭିଜନ ପୋତି ପକାଇଥିବା ବେଳେ ଏହାର ପୁନରୁଦ୍ଧାର ପାଇଁ ସିପିଆଇ (ଏମ) ଏବଂ ଅନ୍ୟ ରାଜନୈତିକ ଦଳଙ୍କ ସହିତ ବିଭିନ୍ନ ସାମାଜିକ ସଂଗଠନର ପ୍ରବଳବିରୋଧ ପରେ ପୁନର୍ବାର ଉକ୍ତ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଚାଲୁରହିଛି। ଅନୁରୂପ ଭାବେ ସ୍ଥାନୀୟ ପ୍ରଶାସନ ଇକୋ ସେନସ୍ଟିଭ ଜୋନ ବାହାନାରେ ଅଭୟାରଣ୍ୟ ଅଞ୍ଚଳର ବାସିନ୍ଦାମାନଙ୍କୁ ଉଚ୍ଛେଦ ଆଳରେ ବାରମ୍ବାର ନୋଟିସ ଲଗାଇବା ବନ୍ଦ ରହିଥିବାରୁ ସାମ୍ବାଦିକଙ୍କ ପାଇଁ ଏହା ସମ୍ଭବ ହୋଇଥିବା ସୂଚନା ଦେଇଥିଲେ। ଏତଦଭିନ୍ନ କୁଳଡିହା ଅଭୟାରଣ୍ୟରେ ବନବିଭାଗ ଶିକାରୀ ବାହାନାରେ ଗିରଫକରି ଅକଥନୀୟ ନିର୍ଯାତନା ଦେଉଥିବା ବେଳେ ଏବେ ନିରୀହ ଲୋକଙ୍କ ଉପରେ ଅତ୍ୟାଚାର କମହେବା, ଏବଂ ଶେଷରେ କେସିପୁର ପଞ୍ଚାୟତ କଇମହୁଡ଼ି ଗ୍ରାମର ମକରା ସୋରେନ ଗୟଳ ଆକ୍ରମଣରେ ମୃତ୍ୟୁବରଣ କରିଥିଲେ ହେଁ ବନବିଭାଗ କୌଣସି କ୍ଷତିପୂରଣ ଦେଉନଥିବା ବେଳେ ଜୀବନଜୀବିକା ଏବଂ ଭିଟାମାଟି ସୁରକ୍ଷାମଞ୍ଚର ବିକ୍ଷୋଭ ଏବଂ ଦୃଢ଼ଦାବୀ ପରେ ବିଭାଗ ମୃତ ମକରା ସୋରେନର ପରିବାରକୁ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେବା ଏବଂ ଏହାର କାର୍ଯ୍ୟକାରୀ ହେଉଥିବାରୁ ଗଣମାଧ୍ୟମର ନିର୍ଭୀକ ଲେଖନୀ ଏବଂ ପ୍ରସାରଣ ପାଇଁ ସମ୍ଭବ ହୋଇପାରିଛି ବୋଲି ଶ୍ରୀଯୁକ୍ତ ପାତ୍ରଙ୍କ ସମେତ ଅମରେନ୍ଦ୍ର ନାୟକ, ସିପିଆଇ(ଏମ) ଆଞ୍ଚଳିକକମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ,ହରେନ୍ଦ୍ର ସେଠୀ, ଉମାକାନ୍ତ ଷଡ଼ଙ୍ଗୀ ପ୍ରମୁଖ ଗଣମାଧ୍ୟମର ପ୍ରତିନିଧିମାନଙ୍କର ଭୂୟସୀ ପ୍ରଶଂସା କରିଥିଲେ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର: ଫକୀରମୋହନ ମେଡିକାଲ କଲେଜରେ ଭର୍ତ୍ତି

ନୀଳଗିରି, ୧/୧ (ନି.ପ୍ର): ନୂଆବର୍ଷ ଅବସରରେ ସାଙ୍ଗଙ୍କ ସହିତ ଭୋଜି କରିବାକୁ ଯାଇଥିବା ଜଣେ ଯୁବକ ଭାଲୁ ଆକ୍ରମଣରର ଶିକାର ହୋଇ ଗୁରୁତର ହୋଇଥିବା ଜଣାଯାଇଛି। ସୂଚନା ଅନୁଯାୟୀ ନୀଳଗିରି ବ୍ଲକ୍ ତେନ୍ତୁଳିଆ ପଞ୍ଚାୟତ କାଣିଗଡିଆ ଗ୍ରାମର ଅଜୟ ସାରୁଙ୍କ ପୁଅ ସୁମନ୍ତ (୨୦)ଆଜି ସକାଳେ ନିକଟସ୍ଥ ଚଟାଣକୁ ଫିଷ୍ଟ କରିବାକୁ ଯାଇଥିବା ବେଳେ ଶୌଚଲାଗିବାରୁ ପାଖ ବୁଦାଓହାଡକୁ ସୌଚକରିବାକୁ ଯାଇଥିବା ବେଳେ ହଠାତ୍ ଏକ ଭାଲୁ ସୁମନ୍ତକୁ ଅତର୍କିତ ଆକ୍ରମଣ କରିଥିଲା। ଚିତ୍କାର କରିବାରୁ ସାଙ୍ଗମାନେ ଘଟଣାସ୍ଥଳରେ ପହଞ୍ଚିବାରୁ ଭାଲୁଟି ଜଙ୍ଗଲ ମଧ୍ୟକୁ ପଳାଇ ଯାଇଥିଲା। ଆକ୍ରମଣରେ ସୁମନ୍ତଙ୍କ ଛାତି, ଗୋଡ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ତୁରନ୍ତ ବରହମପୁର ପରେ ବାଲେଶ୍ୱର ମେଡିକାଲ କଲେଜରେ ଭର୍ତ୍ତିକରି ଚିକିତ୍ସା କରାଯାଉଥିବା ସୂଚନା ମିଳିଛି।

# ମା' ଶିରାଦେବୀ ଆନ୍ତଃଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ: କେନ୍ଦୁଝରର ଟିକୁ ଚେଞ୍ଜର ୨୦୨୬ ଚାମ୍ପିୟନ



ଖଇରା, ୧/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ଗ୍ରାମ ପଞ୍ଚାୟତ ଅଧୀନ ଶ୍ରୀରାମପୁର ଖେଳ ପଡିଆରେ ମା ଶିରାଦେବୀ ସ୍ପୋର୍ଟ୍ସ ଆସୋସିଏସନ ଆନୁକୂଲ୍ୟରେ ୨୯ ତାରିଖରୁ ଆରମ୍ଭ ହୋଇଥିବା ଆନ୍ତଜିଲା କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଦିନ ଉଦ୍‌ଯାପିତ ହୋଇ ଯାଇଛି । ଫାଇନାଲ ମ୍ୟାଚରେ କେନ୍ଦୁଝର ର ଟିକୁ ଚେଞ୍ଜର ସୋରର ବ୍ଲେଣ୍ଡର ସ୍ତ୍ରାଇଡକୁ ୩୪ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଟିକୁ ଚେଞ୍ଜର ୧୫ ଓଭରରେ ୭ ଉଇକେଟ ହରାଇ ୨୧୮ରନ ସଂଗ୍ରହ କରିଥିଲା। ଜବାବରେ ସୋର ୧୫ ଓଭରରେ ୬ଉଇକେଟ ହରାଇ ମାତ୍ର ୧୮୪ ରନ ସଂଗ୍ରହ କରି ପରାଜୟର ସମ୍ମୁଖୀନ ହୋଇଥିଲା । ତାପସ ମୁଦୁଲି ଓ ପ୍ରହଲ୍ଲାଦ ପୃଷ୍ଟି ମ୍ୟାଚ ପରିଚାଳନା କରିଥିଲେ । ଆସୋସିଏସନର ସଭାପତି ବିଷ୍ଣୁମୋହନ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ସୁନାମଧନ୍ୟ ଯାତ୍ରା କଳାକାର ଗୌରହରି ଦାସ ମୁଖ୍ୟ ଅତିଥି, ପ୍ରାକ୍ତନ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତ, ପୂର୍ବତନ ଅଧ୍ୟକ୍ଷ କାଶୀନାଥ ମୁଦୁଲି,ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ପଣ୍ଡା, ଗଣ୍ଡିବେଡ ବଜାର କମିଟି ସମ୍ପାଦକ ଅଭିମନ୍ୟୁ ରାଉଳ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଅବସରପ୍ରାପ୍ତ ଶିକ୍ଷକ ମନୋରଞ୍ଜନ ନାୟକ ମଞ୍ଚ ପରିଚାଳନା କରିଥିଲେ । ଚାମ୍ପିୟନ ଟିକୁ ଚେଞ୍ଜରକୁ ଟ୍ରଫି ସହ ୩୦ ହଜାର ଓ ରନର୍ସ ଅପ ବ୍ଲେଣ୍ଡର ସ୍ତ୍ରାଇଡକୁ କପ ସହ ୨୦ହଜାର ଟଙ୍କା ର ପୁରସ୍କାର ରାସି ପ୍ରଦାନ କରାଯାଇଥିଲା । ରାକେଶ କୁଅଁରକୁ ମ୍ୟାନ ଅଫଦି ମ୍ୟାଚ ଓ ଆକାଶ ମହାଳିକକୁ ମ୍ୟାନ ଅଫ ଦି ସିରିଜ ଭାବେ ଘୋଷଣା କରାଯାଇଥିଲା । ପ୍ରଭାସ ମୁଦୁଲି ଓ ରତ୍ନାକର ମୁଦୁଲି ସ୍କୋର ଦାୟିତ୍ୱ ଓ ହିମାଂଶୁ ନନ୍ଦ ଏବଂ ରତିକାନ୍ତ କଳାପାହାଡ ଭାସ୍ୟକାର ଦାୟିତ୍ୱ ତୁଲାଇଥିଲେ । ଶିରାଦେବୀ ସ୍ପୋର୍ଟସ୍ ଆସୋସିଏସନର ସମସ୍ତ ସଭ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

# ବାଲିଆପାଳ ପୂଜ୍ୟପୂଜା ସଂସଦ ପକ୍ଷରୁ ନବବର୍ଷ ବନ୍ଧୁମିଳନ




ବାଲିଆପାଳ, ୧/୧ (ନି.ପ୍ର): ବାଲିଆପାଳ ପୂଜ୍ୟପୂଜା ସଂସଦ ପକ୍ଷରୁ ଇଂରାଜୀ ନବବର୍ଷ ଅବସରରେ ବନ୍ଧୁମିଳନ ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ପାରୁଳିଆ ଛକସ୍ଥିତ ଜଗନ୍ନାଥ ସେବା ସଂସ୍ଥା ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂଜ୍ୟପୂଜା ସଂସଦର ଆବାହକ ରାଷ୍ଟ୍ରପତି ପୁରସ୍କାରପ୍ରପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ ଅଧକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ସମାଜସେବୀ ଅଜୟ କୁମାର ସାହୁ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୂଜ୍ୟପୂଜା ସଂସଦର ନଳିନୀ କାନ୍ତ ପାଢୀ, ଅର୍ଦ୍ଧେନ୍ଦୁ କୁମାର ପାଣିଗ୍ରାହୀ ,ବିଜୟ କୁମାର ପାତ୍ର, ନବ କୁମାର ଦାସ, ଭୀମ ଚରଣ ବେହେରା, ସଚୀନ୍ଦ୍ର ନାଥ ନ୍ଦୀ, ପ୍ରଫୁଲ୍ଲ କୁମାର ବାଗ,ପ୍ରକାଶ ଚନ୍ଦ୍ର ପ୍ରଧାନ,ପଦୀପ କୁମାର ଦାସ, ପ୍ରିୟବ୍ରତ ଜେନା, ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ, ପଙ୍କଜ ସାହୁ, କବୟତ୍ରୀ ସ୍ନେହଲତା ନାୟକ, ବିଦ୍ୟୁତପ୬ବା ସାମଲ, ସୁଜାତା ସାହୁ,ଜୟନ୍ତୀ ପ୍ରଧାନ, ସଞ୍ଜୁବାଳା ମହାନ୍ତି, ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା, ରାଜେନ୍ଦ୍ର କୁମାର ବେହେରା, ଯୁଗଳ କିଶୋର ଜେନା, ସନ୍ୟାସୀ ପ୍ରଧାନ, ଅନାଦି ଚାଣ ଗିରି,କମଳ ଲୋଚନ ସାମଲ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ କବୀ ସ୍ନେହଲତା ନାୟକଙ୍କ ସଂଯୋଜନାରେ କବିତା ଆସର ଅନୁଷ୍ଠିତ ହୋଇଥିଲା । ପ୍ରକାଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

## +୨ରେ ପୂଜା ନାଏକ ଓ +୩ରେ ଭାରତୀ ହେମ୍ବ୍ରମ ହେଲେ ଚମ୍ପିୟନ



ଉଦଳା, ୧/୧ (ନି.ପ୍ର): କପ୍ତିପଦା ଉପଖଣ୍ଡର ଏକମାତ୍ର ମହିଳା ମହାବିଦ୍ୟାଳୟ ଭାବରେ ନିଜର ପରିଚୟ ସୃଷ୍ଟି କରିଥିବା ଉଦଳାସ୍ଥିତ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଗତ ଡ଼ିସେମ୍ବର ୨୯ ତାରିଖ ସୋମବାର ଓ ୩୦ ତାରିଖ ମଙ୍ଗଳବାର ୨ ଦିନ ଧରି ଅନୁଷ୍ଠିତ ହୋଇ ଯାଇଛି । ଏଥିପାଇଁ ଦିର୍ଘ ୧ ସପ୍ତାହ ପୁର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ଉଦ୍ ?ଘାଟନ ଉତ୍ସବ ଦିନ ପ୍ରଭାତରେ ସହରର ୱାର୍ଡ଼ ନଂ-୧ ସ୍ଥିତ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପରିସରରେ ଅଧାପକ, ଅଧାପିକା ଓ କର୍ମଚାରୀଙ୍କ ସହ ଛାତ୍ରୀ ମାନେ ଏକତ୍ରିତ ହୋଇ ପୂଜାର୍ଚ୍ଚନା ସାରି ଏକ ମଶାଲ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ଜଗନ୍ନାଥୀ ଖେଳପଡ଼ିଆ ଠାରେ ପହଂଚିଥିଲେ । ଏଠାରେ ଉଦଳା ଓକିଲ ସଂଘର ସଂପାଦକ ତଥା ମହାବିଦ୍ୟାଳୟର ଜଣେ ପ୍ରତିଷ୍ଠାତା ସଦସ୍ୟ ବସନ୍ତ କୁମାର ପରିଡ଼ା ପତାକା ଉତୋଳନ କରି କ୍ରୀଡ଼ା ଉତ୍ସବକୁ ଉଦ୍ ?ଘାଟନ କରିବା ସହିତ ନିଜକୁ ସୁସ୍ଥ, ସବଳ ଓ ନିରୋଗ ରଖିବା ପାଇଁ ଖେଳା ଖେଳିର ଆବଶ୍ୟକତା ଆଜି ସମସ୍ତଙ୍କ ପକ୍ଷେ ଜରୁରୀ ହୋଇ ପଡ଼ିଛି ବୋଲି ବ୍ୟକ୍ତ କରିଥିଲେ । ଏହାପରେ ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ଖେଳ ଆରମ୍ଭ ହୋଇଥିଲା । ୩୦ ତାରିଖ ମଙ୍ଗଳବାର ଦିନ ପୁରସ୍କାର ବିତରଣ ଉତ୍ସବରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଅତିଥି ଭାବରେ ଯୋଗ ଦେଇ ଖେଳାଖେଳି ଦ୍ୱାରା କିପରି ନିଜର କ୍ୟାରିୟର ଗଠନ କରାଯାଇପାରିବ ବିଭିନ୍ନ ଉଦାହରଣ ମାନ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀ ଉତ୍ସବରେ ଅଧକ୍ଷତା କରିଥିବା ବେଳେ କ୍ରୀଡ଼ା ଦାୟିତ୍ୱରେ ଥିବା ଅଧାପିକା ଗୁଂଜନା ଭୂୟାଁ ପରିଚାଳନାର ନେତୃତ୍ୱ ନେଇଥିଲେ । ଅଧାପକ ଅଶ୍ୱନି କୁମାର ବେହେରା ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ ଆଜିର ଖେଳରେ +୨ ବିଭାଗରେ ପୂଜା ନାଏକ ଓ + ବିଭାଗରେ ଭାରତୀ ହେମ୍ବ୍ରମ ଚମ୍ପିୟାନ ହୋଇଥିବାର ଘୋଷଣା କରିଥିଲେ । ଅଧାପକ ବିବେକାନନ୍ଦ ଦାସବାବୁ ଉତ୍ସବର ଶେଷ ସ୍ୱର୍ଣ୍ଣ ଦେବା ସହିତ କାର୍ଯ୍ୟକ୍ରମର ଯବନିକା ପକାଇଥିଲେ ।

# ନୂଆବର୍ଷ ପାଳନ ପାଇଁ ଚଳଚଞ୍ଚଳ ବଡମନ୍ଧାରୁଣୀ ଲୀଳାକ୍ଷେତ୍ର

ଜଳେଶ୍ୱର, ୧/୧ (ନି.ପ୍ର): ୨୦୨୬ ନୂଆବର୍ଷ ପାଇଁ ଭୋଗରାଇ ବ୍ଲକ ଅଧିନସ୍ଥ ନହରା ପଞ୍ଚାୟତର ବଡମନ୍ଦାରୁଣୀ ଲୀଳାକ୍ଷେତ୍ର ଆଜି ଚଳଚଞ୍ଚଳ ହୋଇଉଠିଛି। ଆଜି ଭୋର ୫ ଟାରୁ ମନ୍ଦିର ର ମୁଖ୍ୟ ସେବାୟତ ରବି ନାରାୟଣ ଦାଶ ଙ୍କ ତତ୍ତ୍ୱାବଧାନରେ ଦ୍ୱାର ଫିଟା ନୀତି ହେବା ପରେ ସ୍ୱତନ୍ତ୍ର ରୀତିନୀତି ଅନୁଯାୟୀ ଚତୁର୍ଦ୍ଧା ମୂର୍ତ୍ତୀ,ରାଧାଗୋବିନ୍ଦଜୀଉ,ମା ବିମଳା, ଲକ୍ଷ୍ମୀ ଓ ବଡମନ୍ଧାରେଶ୍ୱର ମହାଦେବ ଙ୍କ ମନ୍ଦିରରେ ସ୍ୱତନ୍ତ୍ର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ପୂର୍ବାହ୍ନ ସାଢେ ୭ ଟାରେ ସକାଳ ଆଳତୀ ହୋଇଥିଲା।ଏହାପରେ ଜଗନ୍ନାଥ ଙ୍କ ନାଟ ମଣ୍ଡପ ସମ୍ମୁଖରେ ଡାକ୍ତର ଲଲାଟେନ୍ଦୁ ଦାସ ଙ୍କ ତତ୍ତ୍ୱାବଧାନରେ ଶ୍ରଦ୍ଧା କ୍ରିଏଟିଭ ଆର୍ଟ ପରିବାର ର ନୃତ୍ୟ ଶିଳ୍ପୀ ମାନେ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ।କଣ୍ଠଶିଳ୍ପୀ ହେମନ୍ତ ଅଧିକାରୀ ଜଗନ୍ନାଥ ଙ୍କ ଭଜନ ଗାନ କରିଥିଲେ।ଏହାପରେ ଜଳେଶ୍ୱର ନିମପୁର ସ୍ଥିତ ସ୍ୱର ସୁଧା ଓ ଭକ୍ତି ଅଞ୍ଜଳି ଭଜନ ସଂସ୍ଥା ପକ୍ଷରୁ ମହେଶ୍ୱର ପ୍ରଧାନ ଙ୍କ ତତ୍ତ୍ୱାବଧାନରେ ସଙ୍ଗୀତାଞ୍ଜଳୀ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଥିଲା।ଗୁରୁ ପ୍ରମୋଦ ପଣ୍ଡା,ସୌମ୍ୟଜିତ ପ୍ରଧାନ,ଲୋକନାଥ ପାଣିଗ୍ରାହୀ,ରଞ୍ଜିତା ଆଚାର୍ଯ୍ୟ ତଥା ଅନ୍ୟ କଣ୍ଠଶିଳ୍ପୀ ପ୍ରମୁଖ କଣ୍ଠଦାନ କରିଥିଲେ। ନବବର୍ଷ ପାଳନ ଅବସରରେ ଅତିଥି ଭାବେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ,ବିଶିଷ୍ଟ ସାରସ୍ୱତ ସାଧକ ବିପିନ ବିହାରୀ ବିଶ୍ୱାଳ, କବି ବ୍ରଜେନ୍ଦ୍ର ଗିରି, ପ୍ରାକ୍ତନ ବ୍ଲକ ଉପାଧକ୍ଷ ରବିନ୍ଦ୍ର ନାଥ ପ୍ରଧାନ, ପ୍ରାକ୍ତନ ପ୍ରଧାନ ଶିକ୍ଷକ କମଳ କୁମାର ପଟ୍ଟନାୟକ,ପ୍ରଧାନ ଶିକ୍ଷକ କୁଳମଣି ଜେନା, ପ୍ରଦୀପ କୁମାର ସାହୁ, ନହରା ସରପଞ୍ଚ କବିତା ରାଣୀ ଜେନା, ଯୁବନେତା ମନୋରଞ୍ଜନ ଜେନା, ପ୍ରାକ୍ତନ ସରପଂଚ ଗୋପାଳ ଚନ୍ଦ୍ର ମୁଖୀ, ପ୍ରାକ୍ତନ ଶିକ୍ଷକ ରାଜକୁମାର ପରିଡା, ସାମ୍ବାଦିକ ମନୋଜ କୁମାର ଭୁୟାଁ, ଅଂଶୁମାନ ରାଉତ,ସମାଜସେବୀ ହେମନ୍ତ ଦତ୍ତ,କଙ୍ଗ୍ରେସ ନେତା ଅଜିତ କାମିଲା,ପ୍ରାକ୍ତନ କଲେଜ ଅଧକ୍ଷ ବିନୋଦ ଜେନା, ଶିକ୍ଷକ ମାନସ କୁମାର ପ୍ରଧାନ,ପ୍ରାକ୍ତନ ପ୍ରଧାନ ଶିକ୍ଷକ କେଦାର ତ୍ରିପାଠୀ,ଜଳେଶ୍ୱର ବ୍ଲକ ସିପି ସୁଜିତ ଜେନା ପ୍ରମୁଖ ସାମିଲ ହୋଇଥିଲେ। ମନ୍ଦିର ପରିଚାଳନା କମିଟିର ସଦସ୍ୟ ଓ ଗ୍ରାମବାସୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ଅଜାତଶତ୍ରୁ ଦାସ (ଲିଲୁଭାଇ)ଙ୍କ

୧୮ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

ମହାଶୟା / ମହାଶୟ ,

ବାଲେଶ୍ୱର ଜିଲ୍ଲା ସୁନହଟ ମାଟିର ସନ୍ତାନ ପୂର୍ବତନ ସୂଚନା ଓ ଲୋକସମ୍ପର୍କ ଅଧିକାରୀ,ଆମ ସମସ୍ତଙ୍କର ପ୍ରିୟ ଅଜାତଶତ୍ରୁ ଦାସ(ଲିଲୁଭାଇ) ଙ୍କର ୧୮ତମ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯାଉଛି । ଏହି ଉପଲକ୍ଷେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଆସନ୍ତା ତା ୦୨.୦୧.୨୦୨୬ରିଖ (ଶୁକ୍ରବାର) ପୂର୍ବାହ୍ନ ୧୧ ଘଟିକା ସମୟରେ ସ୍ଥାନୀୟ କଚେରୀହତାସ୍ଥିତ ସାମ୍ବାଦିକ ପ୍ରକୋଷ୍ଠ ଠାରେ ଶ୍ରଦ୍ଧା ସୁମନ ଅର୍ପଣ କରାଯିବାର କାର୍ଯ୍ୟକ୍ରମ ରହିଛି ।

ଏହି ପରିପ୍ରେକ୍ଷୀରେ ଆପଣ ଉପସ୍ଥିତ ରହି ଶ୍ରଦ୍ଧାସୁମନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାକୁ ଅନୁରୋଧ କରୁଅଛୁ ।

ଆବାହକ,
ଅଜାତଶତ୍ରୁ ସ୍ମୃତି କମିଟି,
ବାଲେଶ୍ୱର


❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida